R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୦୭
ତିଥି : ଦଶମୀ
୦୩ ମେ' ୨୦୨୪, ଶୁକ୍ରବାର
ବାଲେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 207
03 May 2024, Friday
Balasore
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

## ଉପକୂଳରେ କମିଲା, ପଶ୍ଚିମରେ ଅପରିବର୍ତ୍ତିତ

ଭୁବନେଶ୍ୱର, ୨।୫ (ସବ୍ୟୁ) : ରାଜ୍ୟରେ ଏବେ ବି ଗ୍ରୀଷ୍ମପ୍ରବାହ ଜାରି ରହିଛି । ତେବେ ବୁଧବାର କାଳବୈଶାଖୀ ବର୍ଷା ଉପକୂଳକୁ ଦେଇଛି ସାମାନ୍ୟ ଆଶ୍ୱସ୍ତି । ୧୭ ଦିନ ପରେ ରାଜଧାନୀ ଭୁବନେଶ୍ୱରରେ ପାରଦ ୪୦° ତଳେ ରହିଛି । ହେଲେ

- ଆଶ୍ୱସ୍ତି ଦେଲା କାଳବୈଶାଖୀ
- ୧୭ ଦିନ ପରେ ୪୦° ତଳେ ଭୁବନେଶ୍ୱର
- ବଲାଙ୍ଗୀର ୪୫° ସହ ସବୁଠୁ ଉତ୍ତପ୍ତ
- ଉପକୂଳରେ ଅନେକ ସ୍ଥାନରେ କମିଲା ତାତି
- ଦୁଇଦିନ ପରେ ହିଟ୍‌ୱେଭ୍‌ରେ ଲାଗିବ ବ୍ରେକ୍
- ୬ରୁ କାଳବୈଶାଖୀ ବଢ଼ିବ, ଗ୍ରୀଷ୍ମପ୍ରବାହ କମିବ



ଗୁରୁବାର ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମଲହରୀ ଅନୁଭୂତ ହୋଇଛି । ବଲାଙ୍ଗୀର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା । ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୫° ରେକର୍ଡ଼ କରାଯାଇଛି ।

ଭୁବନେଶ୍ୱର ପାଣିପାଗ ବିଭାଗ କହିଛି ଯେ, ଆସନ୍ତା ଦୁଇଦିନ ପରେ ଉପକୂଳ ଓଡ଼ିଶାରେ ହିଟ୍‌ୱେଭ୍‌ରେ ଲାଗିବ ବ୍ରେକ୍ । ରାଜ୍ୟରେ ଅନେକ ସ୍ଥାନରେ ଆଗାମୀ ୩ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ । ପରବର୍ତ୍ତୀ ସମୟରେ ଦିନ ତାପମାତ୍ରା ୩ରୁ ୪° ଯାଏ ହ୍ରାସ ଘଟିପାରେ । ତେବେ ୬ ତାରିଖ ପରେ ରାଜ୍ୟରୁ ଗ୍ରୀଷ୍ମପ୍ରବାହ ହ୍ରାସ ପାଇବାରେ ସମ୍ଭାବନା ଅଛି ।

ଏପ୍ରିଲ୍ ୧୫ ତାରିଖରୁ ମେ ୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଦିନ ତାପମାତ୍ରା ୪୦° ଉପରେ ରହିଥିଲା । ବୁଧବାର କାଳବୈଶାଖୀ ବର୍ଷା ଯୋଗୁ ତାପମାତ୍ରା ହ୍ରାସ ପାଇଛି । ୧୭ ଦିନ ପରେ ଭୁବନେଶ୍ୱର ତାପମାତ୍ରା ୪୦° ତଳେ ରହିଛି । ଗୁରୁବାର ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୯° (୯ ପୃଷ୍ଠାରେ)

### ଷ୍ଟିଲ ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ

## ୧୦ ଶ୍ରମିକ ଅର୍ଦ୍ଧଦଗ୍ଧ

କେନ୍ଦୁଝର, ୨।୫ (ସ୍ୱପ୍ର) : କେନ୍ଦୁଝର ଜିଲ୍ଲା ବଡ଼ବିଲ ସ୍ଥିତ ଏକ ଷ୍ଟିଲ ପ୍ଲାଣ୍ଟରେ । ଭୟଙ୍କର ବିସ୍ଫୋରଣରେ ୧୦ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ଶ୍ରମିକ ଅର୍ଦ୍ଧଦଗ୍ଧ ହୋଇଯାଇଥିବା ସୂଚନା ମିଳିଛି । ଗୁରୁତର ମାନଙ୍କର ପରିଚୟ ମିଳିପାରି ନାହିଁ । ରୁଗୁଡ଼ି ସ୍ଥିତ ଆଲ୍ଟ୍ରାଲିଆ ଷ୍ଟିଲ ପ୍ଲାଣ୍ଟରେ ଫର୍ଣ୍ଣେସ୍ ବିସ୍ଫୋରଣ ହୋଇଥିଲା । ଏଥିରେ ୧୦ ଜଣ ଶ୍ରମିକ ଗୁରୁତର ଆହାତ ହୋଇଥିବା ବେଳେ ୪ ଜଣଙ୍କ ଅବସ୍ଥା ସଂକଟାପନ୍ନ ହୋଇଛି । ସେମାନଙ୍କୁ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ସେଠାରେ ଗୁରୁତର ଶ୍ରମିକମାନଙ୍କର ଚିକିତ୍ସା ଚାଲିଛି ।

## ସବୁ ଆସନ ଲାଗି ପ୍ରାର୍ଥୀ ଘୋଷଣା କଲା ବିଜେଡି

ଭୁବନେଶ୍ୱର, ୨।୫ (ସବ୍ୟୁ) : ୧୪୭ ବିଧାନସଭା ଆସନ ଲାଗି ବିଜେଡିର ପ୍ରାର୍ଥୀ ଚୟନ ଶେଷ ହୋଇଛି । ପୂର୍ବରୁ ବିଜେଡି ୧୪୪ ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଥିଲା । ଆଜି ଦଳ ପକ୍ଷରୁ ଆଉ ୩ ଜଣଙ୍କ ନାମ ଘୋଷଣା କରାଯାଇଥିବାବେଳେ ଦେବଗଡ ବିଧାନସଭା ଆସନ ଲାଗି ପ୍ରାର୍ଥୀ ବଦଳ କରାଯାଇଛି । ଘୋଷିତ ପ୍ରାର୍ଥୀଙ୍କ ମଧ୍ୟରୁ ଖଣ୍ଡପଡାରେ ସାବିତ୍ରୀ ପ୍ରଧାନ ଓ ନିଳଗିରିରୁ ବିଜେପି ଛାଡି ବିଜେଡିରେ ଯୋଗ ଦେଇଥିବା ଶୁକାନ୍ତ କୁମାର ନାୟକଙ୍କୁ ପ୍ରାର୍ଥୀ କରାଯାଇଛି । ସେହିଭଳି ମର୍ଯ୍ୟାଦାଜନକ କୋରେଇ ଆସନରେ ସନ୍ଧ୍ୟାରାଣୀ ଦାସଙ୍କୁ ପ୍ରାର୍ଥୀ କରାଯାଇଛି ।

ସନ୍ଧ୍ୟାରାଣୀ ଦାସ ହେଉଛନ୍ତି ବିଜୁ ପଟ୍ଟନାୟକଙ୍କର (୯ ପୃଷ୍ଠାରେ)

## କଣ୍ଟାବାଞ୍ଜି ଆସନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନପତ୍ର ଦାଖଲ



ବଲାଙ୍ଗିର, ୨।୫ (ସବ୍ୟୁ) : କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ସାଜିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଶାଳ ଜନସମାବେଶ ରେଲି ମାଧ୍ୟମରେ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନଙ୍କ ସହ ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀପତ୍ର ଦାଖଲ କଲେ ମନ୍ତ୍ରୀ ଟୁକୁନି ସାହୁ, ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ସାଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିଟିଲାଗଡ଼ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଥିବା ନିର୍ବାଚନ ଅଧିକାରୀଙ୍କ ପାଖରେ ନାମାଙ୍କନ ପତ୍ର ଦାଖଲ କରିବା ସହ ଶପଥ ପାଠ ପତ୍ର ବି ଦାଖଲ କରିଛନ୍ତି ।

ନାମାଙ୍କନ ପତ୍ର ଦାଖଲ ସମୟରେ ୫ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ, ଟିଟିଲାଗଡ଼ ବିଧାୟିକା ପ୍ରାର୍ଥୀନି ଟୁକୁନି ସାହୁ, ବଲାଙ୍ଗୀର ବିଧାନସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂ ଦେଓ, ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ସୋନପୁର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଝାରୀ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ବଲାଙ୍ଗିର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ବଲାଙ୍ଗୀର ଜିଲ୍ଲା ରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ସମଗ୍ର ଦେଶରେ ନିଜ ସ୍ୱଚ୍ଛ ଭାବମୂର୍ତ୍ତି, ଉତ୍ତମ ଶାସନ ବ୍ୟବସ୍ଥା (୯ ପୃଷ୍ଠାରେ)

### କନ୍ଧମାଳ ଲୋକସଭା ନିର୍ବାଚନମଣ୍ଡଳୀରେ ପାଣ୍ଡିଆନଙ୍କ ପ୍ରଚାର

## କହିବାକୁ କିଛି ନାହିଁ, କେବଳ ଅପପ୍ରଚାର କରୁଛନ୍ତି ବିରୋଧୀ

ଭୁବନେଶ୍ୱର, ୨।୫ (ସବ୍ୟୁ): ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଆଜି କନ୍ଧମାଳ ଲୋକସଭା ନିର୍ବାଚନମଣ୍ଡଳୀରେ ଧୂଆଁଧାର ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି । ସାଂସଦ ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ, ବାଲିଗୁଡା ବିଧାନସଭା ପ୍ରାର୍ଥୀ ଚକ୍ରମଣି କହଁର, ଜି.ଉଦୟଗିରି ପ୍ରାର୍ଥୀ ସାଲୁଗା ପ୍ରଧାନ ଓ ଦଶପଲ୍ଲା ବିଧାନସଭା ପ୍ରାର୍ଥୀ ରମେଶ ବେହେରାଙ୍କ ପାଇଁ ବିଶାଳ ଜନସଭାରେ ଯୋଗ ଦେଇ ବିଜୁ ଜନତା ଦଳକୁ ବିପୁଳ ସଂଖ୍ୟାରେ ଜିତାଇବା ପାଇଁ ଆହ୍ୱାନ ଦେଇଛନ୍ତି । ଯୋଡି ଶଙ୍ଖରେ ଭୋଟ ଦେଇ ନବୀନ ବାବୁଙ୍କୁ ଆଶୀର୍ବାଦ କରିବାକୁ ସେ ଅନୁରୋଧ କରିଛନ୍ତି । ସାଂସଦ ପ୍ରାର୍ଥୀ



ଅଚ୍ୟୁତ ବାବୁଙ୍କ ପ୍ରଶଂସା କରି ଶ୍ରୀ ପାଣ୍ଡିଆନ କହିଲେ ଯେ ସେ ଜୀବନରେ ବହୁତ କିଛି ହାସଲ କରିଛନ୍ତି । କେବଳ ସେବା ପାଇଁ ସେ ରାଜନୀତିକୁ ଆସିଛନ୍ତି । ନବୀନ ବାବୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ ଲୋକଙ୍କ ସେବା କରୁଛନ୍ତି । ସେ କହିଥିଲେ ଯେ ସବୁଆଡେ ବିଶାଳ ଜନସମାବେଶ ଦେଖି ବିରୋଧୀ ଦଳ ଆତ୍ମବିଶ୍ୱାସ ହରାଉଛି ।

ବିରୋଧୀ ଦଳ ଉପରେ ଆକ୍ରମଣ ଜାରି ରଖି ସେ କହିଲେ ଯେ ସେମାନେ କହୁଛନ୍ତି ବିଧାନ ସଭାରେ ୧୨୦, ଲୋକସଭାରେ ୧୬ ପାଇବେ । କିନ୍ତୁ ଦେଖିଲା ବେଳକୁ ସବୁ ଆସନରେ ପ୍ରାର୍ଥୀ ଦେବାପାଇଁ ବିଜେପି ପାଖରେ ଲୋକ ନାହାନ୍ତି । ବିଜେଡି ତାଲିକାରୁ ଚାହିଁ ବସିଛନ୍ତି । ଡବଲ ଇଞ୍ଜିନକୁ ତାଚ୍ଛଲ୍ୟ କରି କହିଲେ ଯେ ଓଡିଶାରେ ଡବଲ ଇଞ୍ଜିନ, ସିଙ୍ଗଲ ଇଞ୍ଜିନର କିଛି ମୂଲ୍ୟ ନାହିଁ । ଓଡିଶାରେ ଆମର କେବଳ ଗୋଟିଏ ଇଞ୍ଜିନ – ସେ ହେଉଛି ନବୀନ ଇଞ୍ଜିନ । ନବୀନ ଇଞ୍ଜିନର ଶକ୍ତି ବହୁତ ଅଧିକ, କେବେ ବି ଖରାପ ହେବ ନାହିଁ । ଡବଲ ଇଞ୍ଜିନ ଦେଉଛି ମାତ୍ର (୯ ପୃଷ୍ଠାରେ)



## ସୋସିଆଲ କୋଟ୍ସ



ଯେଉଁ ସିଙ୍ଗରମାନେ ବିବାହରେ ଗୀତ ବୋଲି ଥାଆନ୍ତି ସେମାନଙ୍କ ଓକାତ୍ କମି ଯାଇଥାଏ । ସିଙ୍ଗରଙ୍କୁ ଏଭଳି କରିବାର ଆବଶ୍ୟକତା ନାହିଁ ।

**ଅଭିଜିତ୍ ଭଟ୍ଟାଚାର୍ଯ୍ୟ, ସିଙ୍ଗର**



ବିବାହ କିମ୍ବା କୌଣସି ଫଙ୍କସନରେ ଗୀତ ବୋଲିଲେ କୌଣସି ଖରାପ ହୋଇନଥାଏ । କୌଣସି କାମ ଛୋଟ କିମ୍ବା ବଡ ହୋଇ ନଥାଏ । ଯାହାର ସଙ୍ଗୀତ ଭଲ ତାହା ସବୁବେଳେ ଭଲ ହିଁ ରହିବ ।

**ନେହା କକ୍କର, ସିଙ୍ଗର**



ଅଭିଜିତ୍ ଜୀ ନିଜେ ମଧ୍ୟ ଆଗରୁ ସ୍କୁଲ ଓ ବିବାହରେ ଗୀତ ଗାଇଛନ୍ତି । ତାଙ୍କର କଣ ଓକାତ କମିଛି କି ? ବର୍ତ୍ତମାନ ତାଙ୍କର ସୁର ବଦଳି ଯାଇଛି ।

**ମିଲିନ୍ଦ ଗାବା, ସିଙ୍ଗର**

## ଇତିହାସ

୧୦୭୭ – ଫ୍ରିଉଲିର ସଂସଦର ସ୍ଥାପନା ।

୧୫୫୯ – ଫ୍ରାନ୍ସ ଓ ସ୍ପେନ୍ ଭିତରେ ଲେ କାଟେୟୁ କେମ୍ବ୍ରିସିସ୍‌ର ଦ୍ୱିତୀୟ ଟ୍ରେଟି ସ୍ୱାକ୍ଷରିତ ।

୧୭୭୬ – ହାଭାର୍ଡ କଲେଜରୁ ଜର୍ଜ ୱାଶିଂଟନଙ୍କୁ ଏଲ୍ଆଇଡି ଡିଗ୍ରୀ ପ୍ରଦାନ କରାଯାଇଥିଲା ।

୧୯୨୨ – ଭ୍ଲାଦିମିର୍ ଲେନିନ୍ ଜୋସେଫ୍ ଷ୍ଟାଲିନ୍‌ଙ୍କୁ ରଷିଆନ କମ୍ୟୁନିଷ୍ଟ ପାର୍ଟିର ଜେନେରାଲ ସେକ୍ରେଟାରୀ ଭାବେ ଦାୟିତ୍ୱ ଦେଇଥିଲେ ।

୧୯୪୮ – ଆମେରିକାର ପ୍ରଥମ ଫିଗର ସ୍କେଟିଂ ଚାମ୍ପିଅନସିପ୍ ଆୟୋଜିତ ।

୧୯୫୭ – ୟୁଏସ୍ଏସ୍ଆରର ଆଣବିକ ପରୀକ୍ଷଣ ।

# ସ୍ଲିପ୍ ସିଣ୍ଡ୍ରୋମ



ନିଦ ପୂରା ନହେଲେ ସାରା ଦିନଟି ଯେପରି ନଷ୍ଟ ହୋଇଯାଏ । ନିଦର ଆବଶ୍ୟକତା ମଣିଷ ଜୀବନରେ ଖୁବ ଅଧିକ । ଗୋଟିଏ ସୁସ୍ଥ ଜୀବନ ପାଇଁ ନିଦର ଗୁରୁତ୍ୱତା ସବୁଠାରୁ ଆଗରେ ରହିଥାଏ । ଆସନ୍ତୁ ଜାଣିବା ନିଦ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ । ଏକ ସୁସ୍ଥ ଜୀବନ ପାଇଁ ନିଦ ବେଶି ଦରକାରୀ ହୋଇଥାଏ । ଏପରିକି ଜଣେ ମଣିଷକୁ ବଞ୍ଚିବାକୁ ହେଲେ ତାକୁ ନିହାତି ଶୋଇବା ଦରକାର । ଆମର ଯେପରି ଖାଦ୍ୟ ଓ ପାଣି ଦରକାର ହୋଇଥାଏ, ସେହିପରି ନିଦର ଆବଶ୍ୟକତା ମଧ୍ୟ ଅଧିକ ରହିଛି । ରିପୋର୍ଟ ଅନୁସାରେ ଆମେ ଆମ ଜୀବନର ଏକତୃତୀୟାଂଶ ଶୋଇବାରେ କାଟିଥାଉ, ଯାହା ଉପକାରୀ ମଧ୍ୟ । ତେବେ ଅଧିକ ଶୋଇବା ମଧ୍ୟ ହାନିକାରକ । ଆମେ ଶୋଉଥିବା ବେଳେ ଆମ ଶରୀରରେ ଅନେକ ପ୍ରକାରର ବାୟୋଲୋଜିକାଲ ପ୍ରକ୍ରିୟା ହୋଇଥାଏ, ଯାହା ଆମ ପାଇଁ ବିଶେଷ ଉପକାରୀ ହୋଇଥାଏ । ସେହିଭଳି କିଛି ସମସ୍ୟା ରହିଛି ଯାହା ନିଦର ସମୟକୁ ନେଇ ଦେଖିବାକୁ ମିଳିଥାଏ । ସେଥିମଧ୍ୟରୁ ଗୋଟିଏ ହେଲା ସଟର ସ୍ଲିପ୍ ସିଣ୍ଡ୍ରୋମ ।

ସଟର ସ୍ଲିପ୍ ସିଣ୍ଡ୍ରୋମ ବା ଏସ୍ଏସ୍ଏସ୍ ଏପରି ଏକ ସମସ୍ୟା ଯାହା ହେବା ଦ୍ୱାରା ଜଣେ ବ୍ୟକ୍ତି ୬ଘଣ୍ଟାରୁ କମ ଶୋଇଥାଏ । ଯଦିଓ ସେମାନଙ୍କ ପାଖେ ପର୍ଯ୍ୟାପ୍ତ ସମୟ ଥାଏ ଶୋଇବାକୁ ହେଲେ କୌଣସି କାରଣରୁ ସେ ଶୋଇପାରି ନଥାନ୍ତି । ଗୋଟିଏ ପ୍ରାପ୍ତ ବୟସ୍କ ପାଇଁ ୬ରୁ ସାତ ଘଣ୍ଟା ଶୋଇବା ନିତାନ୍ତ ଆବଶ୍ୟକ ହୋଇଥାଏ । ହେଲେ ଏସ୍ଏସ୍ଏସ୍ ସମସ୍ୟା ଥିବା ଲୋକଙ୍କୁ ନିଦ ହୋଇ ନଥାଏ । ଏପରିକି ସେମାନଙ୍କ ପାଖରେ ସମୟ ଥିଲେ ମଧ୍ୟ ସେମାନେ ଶୋଇ ନଥାନ୍ତି । କେତେକଙ୍କ କ୍ଷେତ୍ରରେ ଏହା ଜିନ୍‌ଗତ ହୋଇଥିବାବେଳେ କେତେକଙ୍କ କ୍ଷେତ୍ରରେ ଲାଇଫ୍‌ଷ୍ଟାଇଲ କାରଣରୁ ଡେଭଲପ୍ ହୋଇଥାଏ । ଏହା ଏକ ପ୍ରକାରର ଜିନ୍ ମ୍ୟୁଟେସନ କାରଣରୁ ହେଉଥିବା ଷ୍ଟଡି ରିପୋର୍ଟରୁ ଜଣାପଡିଛି । ତେବେ ଏହା ଖୁବ କମ ଲୋକଙ୍କ ପାଖରେ ଦେଖିବାକୁ ମିଳିଥାଏ । ଏହି ସମସ୍ୟା ବେଶି ଦିନ ଧରି ଆମ ଶରୀରରେ ରହିବା ଫଳରେ ହୃଦଘାତ, କାର୍ଡିଓଭସ୍କୁଲାର ସମସ୍ୟା, ଟାଇପ୍ ୨ ଡାଇବେଟିସ୍ ଭଳି ସମସ୍ୟା ଦେଖିବାକୁ ମିଳିଥାଏ । ତେବେ ଯଦି କେଉଁ ବ୍ୟକ୍ତିଙ୍କ ପାଖରେ ଏଭଳି କୌଣସି ନିଦ୍ରାଜନିତ ସମସ୍ୟା ଦେଖିବାକୁ ମିଳୁଛି, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

ନେଦରଲ୍ୟାଣ୍ଡର ୟୁଟେରେକ୍ଟ ୟୁନିଭର୍ସିଟିର ବୈଜ୍ଞାନିକମାନେ ଲୁଣ ଓ ପାଣିରୁ ସଫଳଭାବେ ଏକ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି, ଯାହା ଆମ ବ୍ରେନ୍‌ର କପି କରିବାରେ ସମର୍ଥ । ଏହି ଡିଭାଇସ୍‌କୁ କେବଳ ଲୁଣ ଓ ପାଣିରୁ ୧୫୦ ରୁ ୨୦୦ ମାଇକ୍ରୋମିଟରରେ ପ୍ରସ୍ତୁତ କରାଯାଇଛି । ପୂର୍ବରୁ ଆର୍ଟିଫିସିଆଲ ସାଇନାପ୍ସ(ଏହା ଏକ ଷ୍ଟ୍ରକଚର ଯାହା ବ୍ରେନ୍‌ରେ ଗୋଟିଏ ନ୍ୟୁରନ୍‌ରୁ ଅନ୍ୟ ନ୍ୟୁରନକୁ କେମିକାଲ ସିଗ୍‌ନାଲ ପାସ କରିଥାଏ) କରାଯାଇଛି, ହେଲେ ତାହା କଠିନ ସାମଗ୍ରୀକୁ ବ୍ୟବହାର କରି ହୋଇଛି । ହେଲେ ପ୍ରଥମଥର ପାଇଁ ପାଣି ବ୍ୟବହାର କରି ଏହି ପଦ୍ଧତିକୁ ପ୍ରସ୍ତୁତ କରାଯାଇଛି । ଏହି ଡିଭାଇସ ଦ୍ୱାରା ଖୁବ ଅଧିକ ଜଟିଳ ତଥ୍ୟକୁ ମଧ୍ୟ ପ୍ରୋସେସ କରାଯାଇପାରିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଯେତେବେଳେ ଡିଭାଇସ କୌଣସି ଇଲେକ୍ଟ୍ରିକାଲ ଇମ୍ପଲ୍ସ ଗ୍ରହଣ କରିଥାଏ, ସେତେବେଳେ ଏଥିରେ ଥିବା ଆଇନ ଗୁଡିକ ଚ୍ୟାନେଲ ଦେଇ ମାଇଗ୍ରେଟିଂ ହେବା ଆରମ୍ଭ କରିଥାଏ । ଏହାପରେ ବ୍ରେନ୍ ଭଳି ଏଠାରେ ନ୍ୟୁରାଲ କନେକସନ୍ ସୃଷ୍ଟି ହୋଇଥାଏ । ଏହା ଅବିକଳ ଆମ ବ୍ରେନ ଭଳି କାମ କରିବ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି । ଏହି ଆର୍ଟିଫିସିଆଲ ବ୍ରେନ୍ ଆମକୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରିବ ବୋଲି ନିର୍ମାଣକାରୀ ବୈଜ୍ଞାନିକ ପ୍ରକାଶ କରିଛନ୍ତି ।

# ଆର୍ଟିଫିସିଆଲ ବ୍ରେନ୍






# ୧୧୦ ବର୍ଷରେ ବି ଫିଟ୍

ସାଧାରଣତଃ ୬୦ ବର୍ଷ ପରେ ଲୋକମାନେ ଥକିବା ଆରମ୍ଭ କରନ୍ତି । ହେଲେ ଆମେରିକାରେ ଏଭଳି ଜଣେ ବ୍ୟକ୍ତି ଅଛନ୍ତି, ଯିଏ ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ତାଙ୍କୁ ୧୧୦ ବର୍ଷ ହୋଇଥିଲେ ମଧ୍ୟ ସେ ନିଜର ସମସ୍ତ ଦୈନନ୍ଦିନ କାମ କରିବା ସହିତ କାର ମଧ୍ୟ ଚଳାଉଛନ୍ତି । ସେ ନିଜ ଘରର କାମ ମଧ୍ୟ ନିଜେ କରୁଛନ୍ତି । ନିଜେ କାର ଚଳାଇ ବଜାର ଯାଉଛନ୍ତି, ନିଜ ଘର ସଫା ନିଜେ କରୁଛନ୍ତି । ନିକଟରେ ସେ ନିଜ ପରିବାର ସହିତ ନିଜର ୧୧୦ ତମ ଜନ୍ମ ଦିନ ପାଳନ କରିଛନ୍ତି । ସେ ନିଜ ଜୀବନର ସଫଳତାକୁ ତାଙ୍କର ଅନୁଶାସନପୂର୍ଣ୍ଣ ଜୀବନଶୈଳୀକୁ ଦେଇଛନ୍ତି । ସେ ତାଙ୍କ କାର୍ଯ୍ୟ କ୍ଷେତ୍ରରୁ ଜୀବନର ଅନୁଶାସନ ଶିଖିଥିବା ପ୍ରକାଶ କରିଛନ୍ତି । ସେ ଏତେ ଅଧିକ ବୟସର ହୋଇମଧ୍ୟ ନିଜର ସମସ୍ତ କାର୍ଯ୍ୟ ନିଜେ ଏକୁଟିଆ କରୁଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ତାଙ୍କ ଜନ୍ମ ୧୯୧୪ରେ ହୋଇଥିଲା । ବର୍ତ୍ତମାନ ତାଙ୍କର କେବଳ ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ଛଡା ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା ନାହିଁ ।



# ୱାର୍କିଂ ବ୍ୟାଗ୍

**ସାଧାରଣତଃ ମହିଳାମାନେ ଅଫିସ୍ ଯିବା ସମୟରେ ନିଜର ବ୍ୟାଗ୍ ପ୍ରତି ଅଧିକ ଧ୍ୟାନ ଦେଇଥାଆନ୍ତି । ଯାହାକୁ ଆଖିରେ ରଖି ବର୍ତ୍ତମାନ ଟ୍ରେଣ୍ଡରେ ଅନେକ ବ୍ୟାଗ୍ ରହୁଛି, ଯାହା ଅଫିସ୍ ୱାର୍କ ପାଇଁ ଖୁବ ଉପଯୁକ୍ତ ହେଉଛି ।**

**ଦି ନ୍ୟୁୟର୍କ କ୍ରକ୍ ଇଫେକ୍ଟ ବ୍ୟାଗ୍–** ବିଭିନ୍ନ ବ୍ୟାଗ୍ ଭିତରେ ଏହି ବ୍ୟାଗ୍‌ଟି ସବୁ ମହିଳାଙ୍କର ପ୍ରଥମ ପସନ୍ଦ ହୋଇଥାଏ । ଏହାର ଟେକ୍ସର ଖୁବ ସୁନ୍ଦର ହୋଇଥାଏ । ଦି ନ୍ୟୁୟର୍କ କ୍ରକ୍ ଇଫେକ୍ଟ ବ୍ୟାଗ୍‌ଟି ସ୍ମୁଥ୍ ଲେଦରରୁ ତିଆରି ହୋଇଥାଏ ଯାହା ବ୍ୟବହାର କରିବା ପାଇଁ ଖୁବ ଆରାମଦାୟକ ହୋଇଥାଏ । ଏହାର କ୍ରକ୍ ଇଫେକ୍ଟ ଏହାକୁ ଅନ୍ୟ ବ୍ୟାଗ ଭିତରେ ସ୍ୱତନ୍ତ୍ର କରିଥାଏ ।

**ହ୍ୟାଣ୍ଡେଲ୍ ୱାର୍କ ବ୍ୟାଗ୍–** ହ୍ୟାଣ୍ଡେଲ୍ ୱାର୍କ ବ୍ୟାଗ୍ ସବୁ ୱାର୍କିଂ ଲେଡିଙ୍କର ପସନ୍ଦ ହୋଇଥାଏ । ଏହାର ପାଖାପାଖି ୧୫ଟି କଲର ଆସିଥାଏ, ଯାହା ଏହି ବ୍ୟାଗକୁ ବେଶି ଆକର୍ଷଣୀୟ କରିଥାଏ । ଏଥିରେ ଥିବା ଇଣ୍ଟେରିଅର ପକେଟ୍ ଗୁଡିକ ଜିନିଷ ରଖିବାରେ ବେଶି ସହାୟତା ହୋଇଥାଏ । ତେଣୁ ଏଥିରେ ଥିବା ଜିପ୍ ବ୍ୟାଗ୍ ଗୁଡିକୁ ଛୋଟଛୋଟ ଜିନିଷ ରଖିବାରେ ବ୍ୟବହାର କରିହୋଇଥାଏ ।

**ସ୍ୟୁଡେ ୱାର୍କ ବ୍ୟାଗ୍–** ଏହା ସମସ୍ତଙ୍କର ପସନ୍ଦ ହୋଇଥାଏ । ଏହି ବ୍ୟାଗ୍‌ର ବିଶେଷତ୍ୱ ହେଲା ଏହା ସବୁ ପ୍ରକାରର ସିଜିନ୍ ସହିତ ପେୟାର କରିହେବ । ବର୍ଷା ହେଉ କିମ୍ବା ଖରା ସବୁ ପ୍ରକାର ଋତୁରେ ଏହାକୁ ବ୍ୟବହାର କରିହେବ ।



# ଆରମ୍ଭ ହେଲା ପ୍ରସ୍ତୁତି



ଯଶ ରାଜ ଫିଲ୍ମର ସ୍ପାଏ ୟୁନିଭର୍ସ ପ୍ରୋଜେକ୍ଟକୁ ନେଇ ଅନେକ ଦିନରୁ ଚର୍ଚ୍ଚା ଜାରି ରହିଛି । ଏଥିରେ ଧୀରେ ଧୀରେ ଅନେକ ଷ୍ଟାର ଯୋଡି ହେବାରେ ଲାଗିଛନ୍ତି । ଏହି ତାଲିକାରେ ବିଟାଉନ୍ ଆକ୍ଟ୍ରେସ ଆଲିଆ ଭଟ୍ଟ ମଧ୍ୟ ସାମିଲ ଅଛନ୍ତି । ଏଥିରେ ଆଲିଙ୍କ ଫିମେଲ ଲିଡ୍‌ର ଏକ ପ୍ରୋଜେକ୍ଟ ସାମିଲ ଅଛି । ତେବେ ଏହାକୁ ନେଇ ଆଲିଆ କିଛି ହିଣ୍ଟ୍ ସୋସିଆଲ ମିଡିଆରେ ଦେଇଛନ୍ତି । ଏହି ଫିଲ୍ମରେ ଆଲିଆଙ୍କ ସହିତ ଅଭିନେତ୍ରୀ ଶାରବରୀ ୱାଘା ମଧ୍ୟ ସ୍କ୍ରିନ୍ ସେୟାର କରିବେ । ତେବେ ବର୍ତ୍ତମାନ ଇଣ୍ଟରନେଟ୍‌ରେ ଉଭୟଙ୍କର କିଛି ଫଟୋ ଭାଇରାଲ ହେବାରେ ଲାଗିଛି । ଯେଉଁଥିରୁ ଜଣା ପଡୁଛି ଉଭୟ ଷ୍ଟାର ଏହି ସ୍ପାଏ ୟୁନିଭର୍ସ ପ୍ରୋଜେକ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଫଟୋ ଭାଇରାଲ ହେବାପରେ ଫ୍ୟାନଙ୍କ ମଧ୍ୟରେ ଖୁବ ଉତ୍ସୁକତା ଦେଖିବାକୁ ମିଳୁଛି । ଫ୍ୟାନମାନେ ଆଲିଆଙ୍କୁ ସ୍ପାଏ ୟୁନିଭର୍ସ ପ୍ରୋଜେକ୍ଟରେ ଦେଖିବାକୁ ଖୁବ ଏକ୍ସାଇଟେଡ ଥିବା ନିଜ କମେଣ୍ଟରେ ଜଣାଇଛନ୍ତି । ଉଭୟଙ୍କୁ ଫିଲ୍ମରେ ଆକସନ୍ କରିବାର ଦେଖିବାକୁ ମିଳିବ ବୋଲି ଏହି ଫଟୋରୁ ଜଣା ପଡୁଛି । ଏଥିରେ ଉଭୟ ଜିମ୍ ପୋଷାକରେ ଥିବାବେଳେ କିଛି ଫାଇଟିଂ ସିନ୍‌ର ଅଭ୍ୟାସ କରୁଥିବା ଦେଖିବାକୁ ମିଳିଛି ।

# ବାଜରା ଖେଚୁଡି

**ସାମଗ୍ରୀ–** ବାଜରା ଅଧା କପ, ମୁଗ ଡାଲି ଅଧା କପ, ଘିଅ ଏକ ଚାମଚ, ଜିରା, ହେଙ୍ଗୁ, ଅଦା, ରସୁଣ, କଞ୍ଚା ଲଙ୍କା ।



**ପ୍ରଣାଳୀ–** ବାଜରା ଓ ଡାଲିକୁ ପ୍ରଥମେ ଭିଜାଇ ରଖନ୍ତୁ । ମସଲା ପାଇଁ ଅଦା, ରସୁଣ ଓ କଞ୍ଚା ଲଙ୍କାକୁ ଭଲ କରି ଛେଚି ନିଅନ୍ତୁ । ବର୍ତ୍ତମାନ କୁକରରେ ଘିଅ ଗରମ କରନ୍ତୁ ଏଥିରେ ହେଙ୍ଗୁ ଓ ଜିରା ଫୁଟାନ୍ତୁ । ପରେ ଏଥିରେ ଛେଚା ହୋଇଥିବା ଅଦା, ରସୁଣ ଓ କଞ୍ଚା ଲଙ୍କା ପକାନ୍ତୁ । ଅଳ୍ପ ସମୟ ଭାଜିବା ପରେ ଏଥିରେ ବାଜରା ଓ ଡାଲି ପକାନ୍ତୁ । ଏହାପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ପକାନ୍ତୁ । ପରେ ଏଥିରେ ପାଣି ଦିଅନ୍ତୁ, ପାଣି ସର୍ବଦା ଏକ କପ୍ ବାଜରା ଓ ଡାଲି ମିଶ୍ରଣ ପାଇଁ ୪କପ ଦିଅନ୍ତୁ । ସମସ୍ତ ମିଶ୍ରଣକୁ ଭଲ କରି ଗୋଳାଇ ୭ ରୁ ୮ ଟା ସିଟି ଦେଇ ସିଝାଇ ନିଅନ୍ତୁ । ଏହାପରେ ଏଥିରେ ଗରମ ଘିଅ ପକାଇ ଦହି କିମ୍ବା କୌଣସି ଚଟଣି ସହିତ ପରଷନ୍ତୁ ବାଜରା ଖେଚୁଡି ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୦୭
ତିଥି : ଦଶମୀ
୦୩ ମେ' ୨୦୨୪, ଶୁକ୍ରବାର
ବାଲେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 207
03 May 2024, Friday
Balasore
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore




# ହଜାର ହଜାର କର୍ମୀ ଓ ନେତାଙ୍କ ଗହଣରେ ପ୍ରାର୍ଥୀପତ୍ର ଦାଖଲ କଲେ ପ୍ରକାଶ

କଟକ(ସବ୍ୟୁ): ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ନିଜର ର୍ନିବାଚନୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଦୋଳମୁଣ୍ଡାଇ ସ୍ଥିତ ଜଗନ୍ନାଥ ମନ୍ଦିର ରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରା ରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ଆସି ଗୌରୀଶଙ୍କର ପାର୍କ ପର୍ଯ୍ୟନ୍ତ ଆସିବା ପରେ ସେଠାରୁ ପଦଯାତ୍ରା ରେ ବାହାରି କଟକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ୪ ସେଟର ନାମାଙ୍କନ ପତ୍ର ଦାଖଲ କରିଛନ୍ତିଛ ବାରବାଟୀ-କଟକ ବାସୀ , ଶୁଭେଚ୍ଛୁ ଓ ଦଳୀୟ କର୍ମୀ ନେତାଙ୍କ ସହଯୋଗରେ ଏଥର ର୍ନିବାଚନ ଲଢେଇରେ ବହୁତ ବ୍ୟବଧାନରେ ଜିତିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ବାରବାଟୀ-କଟକ ବିଜେଡି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ।



ଗୁରୁବାର ଦିନ ସାଢେ ୯ଟା ସମୟରେ କଟକ ଦୋଳମୁଣ୍ଡାଇ ସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ ବାରବାଟୀ-କଟକ ର୍ନିବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା । ସେଠାରେ ପୂଜା ଅର୍ଚ୍ଚନା ଶେଷ ହେବା ପରେ ହଜାର ହଜାର ସଂଖ୍ୟାରେ ବିଜେଡି କର୍ମୀଙ୍କ ବିଶାଳ ମଟର ସାଇକେଲ ଶୋଭାଯାତ୍ରା ରେ ରୋଡ ଶୋ କରିଥିଲେ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା । ହରିପୁର, ସେମିନାରି ଛକ, ଜେଲ ରୋଡ ଦେଇ ବାଇକ ରାଲି ଗୌରିଶଙ୍କର ପାର୍କ ଠାରେ ପହଞ୍ଚିଥିଲା । ସେହି ଠାରୁ ପଦଯାତ୍ରାରେ ନୟାସଡକ , ବାଲୁବଜାର , ସାହେବଜାଦା ବଜାର, ଭାଗବତ ଗାଦି ବାଖରାବାଦ, ଆର.ଏନ.ଟି ରୋଡ ଦେଇ ଦେଇ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଏହାପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ଭାବେ ୪ ସେଟ ନାମାଙ୍କନ ପତ୍ର ଦାଖଲ କରିଥିଲେ । ପ୍ରସ୍ତାବକ ଭାବେ ମେୟର ସୁବାଷ ସିଂ, କଟକ ନଗର ବିଜେଡି ସଭାପତି ମଧୁସୁଧନ ସାହୁ, କଟକ ନଗର ମହିଳା ବିଜେଡି ସଭାପତି ପୂର୍ଣ୍ଣିମା ସିଂ, ରାଜ୍ୟ ବିଜେଡି ସଂପାଦକ ମହମ୍ମଦ ସକିଲ ପ୍ରମୁଖ ରହିଥିଲେ । ଏଥିସହିତ ଶୋଭାଯାତ୍ରା ରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳଙ୍କ ସମେତ ରାଜ୍ୟ ସ୍ତରୀୟ, ଜିଲ୍ଲା, ସ୍ତରୀୟ ଯୁବ, ଛାତ୍ର, ମହିଳା ନେତା ଙ୍କ ସମେତ ବାରବାଟୀ କଟକ ନିର୍ବାଚନ ମଣ୍ଡଳୀର ସମସ୍ତ କର୍ପୋରେଟର, ପୂର୍ବତନ କର୍ପୋରେଟର, ଯୁବ ବିଜେଡି ନେତା , ମହିଳା ବିଜେଡି ନେତା ଓ କର୍ମୀ , ସଂଖ୍ୟାଲଘୁ ବିଭାଗ ର ସଭାପତି ଓ କର୍ମକର୍ତ୍ତା ମାନେ ସାମିଲ ହୋଇଥିଲେ ।

# କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତି ଜନସମର୍ଥନ ବଢ଼ିଛି: ଭୃଗୁ

ଭୁବନେଶ୍ୱର, (ସବ୍ୟୁ): ମୋହନା, ଚିକିଟି, ଦିଗପହଣ୍ଡି ଓ ଛତ୍ରପୁର ଦୁଇଦିନିଆ ଗସ୍ତରେ ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଯାଇଥିବାବେଳେ ତାଙ୍କୁ ସେଠାରେ ଅକୁଣ୍ଠ ସମର୍ଥନ ଦେଖିବାକୁ ମିଳିଛି । ବହୁ ସଂଖ୍ୟାରେ ଜନସାଧାରଣ ଭଲପାଇବା ସହ ନିସ୍ୱାର୍ଥ ସମର୍ଥନ ଜଣାଇଛନ୍ତି ବୋଲି ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏକ୍ସ ଜରିଆରେ ସୂଚନା ଦେଇଛନ୍ତି ।



ଶ୍ରୀ ପାତ୍ର ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ଶ୍ରୀ ପାଣ୍ଡିଆନ ପ୍ରବଳ ଗ୍ରୀଷ୍ମରେ ଜନସାଧାରଣଙ୍କୁ ଭେଟିଥିବାବେଳେ ବୈଠକ ମଧ କରିଥିଲେ । ଅନ୍ୟ ସ୍ଥାନରୁ ମଧ ଜନସାଧାରଣମାନେ ଅନୁରୂପ ଭାବେ ଅକୁଣ୍ଠ ସମର୍ଥନ ଜଣାଇଛନ୍ତି । ବିଶାଳ ସମାବେଶ ଏବଂ ଜନସାଧାରଣଙ୍କ ଭଲପାଇବା ଦେଖି ବିଜେପି ହତୋତ୍ସାହିତ ହୋଇଯାଇଛି । ସେମାନେ ଜାଣି ସାରିଲେଣି ଯେ, ୨୦୧୯ ଠାରୁ ମଧ ବହୁତ ଖରାପ ସ୍ଥିତି ଆସିଗଲାଣି । ତେଣୁ ଓଡ଼ିଆ ଅସ୍ମିତା କଥା କହି ଉପରକୁ ଉଠିବାକୁ ପ୍ରୟାସ କରୁଛନ୍ତି । ମୁଁ ଯେତେବେଳେ ବିଜେପିରେ ଥିଲି ସେହି ସମୟରେ ମୁଁ ଦେଖିଛି ବିଜେପି ଶ୍ରୀ ପାଣ୍ଡିଆନଙ୍କୁ ବିରକ୍ତି ହେଉଥିବାର । ଶ୍ରୀ ପାଣ୍ଡିଆନ ରାଜ୍ୟର ବିଭିନ୍ନ ଜିଲ୍ଲା ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିବା ସହ ୨୪ ଘଣ୍ଟା ମଧରେ ଏହାର ସମାଧାନ କରିଥିଲେ । ବିଜେଡି ପ୍ରତି ଲୋକଙ୍କ ଭଲପାଇବା ଯୋଗୁ ଓଡ଼ିଶା ବିଜେପି ଆଣ୍ଟି ଓଡ଼ିଶା ଏଜେଣ୍ଡାରେ କେବେ ବି ସଫଳ ହେବନି ବୋଲି ଶ୍ରୀ ବକ୍ସିପାତ୍ର ପ୍ରକାଶ କରିଛନ୍ତି ।

# କଂଗ୍ରେସ ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି



ଭୁବନେଶ୍ୱର, (ସବ୍ୟୁ): ବଲାଙ୍ଗୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିର୍ବାଚନ ଆଚରଣବିଧି ଉଲ୍ଲଙ୍ଘନ କରିଥିବା ବିଜେଡି ଅଭିଯୋଗ କରିଛି । ଗୁରୁବାର ପୂର୍ବାହ୍ନ ୧୧.୩୦ରେ ସୌମ୍ୟରଞ୍ଜନ ମିଶ୍ର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଏହି ସମୟରେ ଶ୍ରୀ ମିଶ୍ରଙ୍କ ସମର୍ଥକମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଭିତରକୁ ପ୍ରବେଶ କରିବା ସହ ହାତରେ କଂଗ୍ରେସ ପତାକା ଏବଂ ପ୍ଲାକାର୍ଡ଼ ଧରିଥିଲେ । ଏହାସହ ସମର୍ଥକମାନେ ମଧ ସ୍ଲୋଗାନ ବାଜି କରିଥିଲେ । ଯାହାଦ୍ୱାରା ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ହୋଇଥିବା ବିଜେଡି ଅଭିଯୋଗ କରିଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ବିଜେଡିର ଏକ ପ୍ରତିନିଧି ଦଳ ଭେଟି ଉକ୍ତ ଘଟଣାର ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏହି ପ୍ରତିନିଧି ଦଳରେ ସାଂସଦ ଡ.ସସ୍ମିତ୍ ପାତ୍ରଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ ।

## ସମୟର ପ୍ରଭାବ

# ବିଜେପିର ଛାମୁଆ ନେତାଙ୍କ ଜାଲିଆତି ଧରା ପଡ଼ିଲା

କଟକ ( ସବ୍ୟୁ) ଅର୍ବାନ କୋଅପରେଟିଭ ବ୍ୟାଙ୍କ୍ ର ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ପରିଚାଳନା ପରିଷଦ ବୈଠକ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସଭାରେ ବିଗତ ବର୍ଷ ୨୦୨୩-୨୪ର ଲାଭ କ୍ଷତି ର ସମୀକ୍ଷା କରାଯାଇଥିଲା । ଏଥିରେ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ବ୍ୟାଙ୍କ୍ ର ନେଟ ଏନପିଏ ୬ ପ୍ରତିଶତ ରୁ କମ୍ ଓ ଗ୍ରସ୍ ୧୦ ପ୍ରତିଶତ ରହିବା ବେଳେ ଅଣସୁରକ୍ଷିତ ଋଣ ର ପରିମାଣ ୧୦ ପ୍ରତିଶତ ତଳକୁ ରହିବା କଥା,ବ୍ୟାଙ୍କର ନେଟ ଏନପିଏ ୫.୧୮ ପ୍ରତିଶତ କୁ ଖସି ଆସିଥିବା ବେଳେ, ଗ୍ରସ ୧୦ ପ୍ରତିଶତ ଓ ଅଣ ସୁରକ୍ଷିତ ଋଣ ର ପରିମାଣ ୧୦.୨୪ ରୁ ହ୍ରାସ ପାଇ ୭.୬୯ ପ୍ରତିଶତ କୁ ଖସି ଆସିଅଛି ଓ ବ୍ୟାଙ୍କ୍ ୧.୨୫ କୋଟି ଟଙ୍କା ଲାଭ କରିଅଛିଛଯାହାକି ବ୍ୟାଙ୍କ୍ ଆର୍ଥିକ କ୍ଷେତ୍ରରେ ଉନ୍ନତି ପ୍ରଦର୍ଶନ କରୁଥିବାରୁ ପରି ଚାଳନା ପରିଷଦ,ଅଂଶୀଦାର ଓ କର୍ମଚାରୀ ମହଲରେ ଆନନ୍ଦ ପ୍ରକାଶ ପାଇଛିଛଏକ ପ୍ରଶ୍ନରେ କଟକ ଶିଖରପୁର ଅଞ୍ଚଳ ର ଭାଗିରଥି ଦଳାଇ ଅର୍ବାନ ବ୍ୟାଙ୍କ ରୁ ଡିସେମ୍ବର ୨୦୧୮ ମସିହାରେ ଏକ ଗୃହ ମରାମତି କରିବା ପାଇଁ ଏକ ପାଞ୍ଚଲକ୍ଷ ଟଙ୍କାର ଋଣ ନେଇ ଶୁଝି ନଥିବାରୁ ଏହାର ପରିମାଣ ଆଠଲକ୍ଷ ଟଙ୍କାରେ ପହଞ୍ଚିଥିବା ବେଳେ ସେ ଋଣ ପରିଶୋଧ ବାବଦକୁ ନିକଟରେ ଦେଇଥିବା ଦୁଇଲକ୍ଷ ଟଙ୍କା ର ଚେକ୍ ଦେଇଥିଲେ,ଯାହାକି ପରବର୍ତ୍ତୀ ଅବସ୍ଥାରେ ପଇସା ନ ଥିବାରୁ ଫେରସ୍ତ ହୋଇଥିଲାଛ ଏତଦ୍ ବ୍ୟତୀତ ସେ ଯେଉଁ ଜମି ସାରୁ ବଣିଆ ର ବନ୍ଧକ ରୂପେ ଦେଇଥିଲେ ତାକୁ ପୂର୍ବରୁ ଅନ୍ୟମାନଙ୍କୁ ରାସ୍ତା ପାଇଁ ଅର୍ଥ ନେଇ ପ୍ରଦାନ କରିଥିଲା ବେଳେ ଏହାକୁ ବ୍ୟାଙ୍କ୍ ରେ ବନ୍ଧକ ଥୋଇ ନେଇଥିବା ଯାଞ୍ଚ ବେଳେ ଧରା ପଡିଥିବା ଜଣାପଡ଼ିଛି । ଠକାମୀ ଓ ଚଞ୍ଚକତା ବାବଦରେ କଣ ପଦକ୍ଷେପ ନିଆ ଯାଇଛି ପ୍ରଶ୍ନରେ ସଭାପତି ଶ୍ରୀ ମହାପାତ୍ର ଯଦି ଶ୍ରୀ ଦଳାଇ ସାତ ଦିନ ଭିତରେ ଋଣ ପରିଶୋଧ ନ କରନ୍ତି ତେବେ ତାଙ୍କ ବିରୁଦ୍ଧରେ ଭିଜିଲାନ୍ସ ବା ଫୌଜଦାରୀ ମକଦ୍ଦମା ରୁଜୁ କରାଯିବା ସହ ସେଣ୍ଟ୍ରାଲ ସ୍କ୍ୱାର୍ଡକୁ ଋଣ ଆଦାୟ ଦାୟିତ୍ୱ ଦିଆଯିବ ବୋଲି କହିଛନ୍ତି । ତଦନୁଯାୟୀ ଆଜି ଠକେଇ କରିଥିବା ଭାଗିରଥୀ ଦଳେଇଙ୍କ ଘରେ ଏନଫୋର୍ସମେଣ୍ଟ୍ ସ୍କ୍ୱାର୍ଡ ଚଢଉ କରିଥଲେ । ପ୍ରତିକ୍ରିୟା ରଖି ମୁଖ୍ୟ କାର୍ଯ୍ୟ ର୍ନିବାହୀ ପ୍ରିୟବ୍ରତ ପଣ୍ଡା କହିଛନ୍ତି,ବହୁଦିନ ର ବକେୟା ଋଣ ଆଦାୟ ରେ ବ୍ୟାଙ୍କ୍ ଗୁରୁତ୍ୱ ପ୍ରଦାନ କରିଥିବା ଯୋଗୁ ଏହା ସମ୍ଭବ ହୋଇ ପାରିଛି ।

# ବିଜେପି ପ୍ରାର୍ଥୀ ଅମର ନାୟକଙ୍କ ଶକ୍ତି ପ୍ରଦର୍ଶନ

ଉଦୟଗିରି,(ସବ୍ୟୁ) :୨୦୨୪ ବିଧାନସଭା ନିର୍ବାଚନ ପାଇଁ ବଡଚଣା ବିଜେଡି ବିଧାୟିକା ପ୍ରାର୍ଥୀନୀ ବର୍ଷା ପ୍ରିୟଦର୍ଶିନୀ ବାଲିଚନ୍ଦ୍ରପୁର ବଜାରରୁ ବିଶାଳ ପଟୁଆରେ ଆସି ନାନପୁର ମେଳଣ ପଡିଆଠାରେ ଜନ ସମାବେଶ କରିଥିଲେ । ଏହି ସମାବେଶକୁ କାଉଣ୍ଟର କରି ସନ୍ଧ୍ୟା ସମୟରେ ବିଜେପି ପ୍ରାର୍ଥୀ ଅମର ନାୟକ ହଜାର ହଜାର କର୍ମୀମାନଙ୍କ ସହିତ ଜାତୀୟ ରାଜପଥରୁ ବିରାଟ ପଟୁଆରରେ ବାହାରି ବାଲିଚନ୍ଦ୍ରପୁର ବଜାରରେ ଥିବା ଜଗନ୍ନାଥ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ । ଏହାପରେ କର୍ମୀମାନଙ୍କୁ ନେଇ ଜନସମର୍ଥନ ସମାବେଶରେ ଯୋଗଦେଇଥିଲେ । କର୍ମୀମାନଙ୍କୁ ମୋଦି ସରକାରଙ୍କ ବିକାଶ କଥା ଓ ମୋଦୀ ଗ୍ୟାରେଣ୍ଟି ଉପରେ ଅବଗତ କରାଇଥିଲେ । ଏହାସହ ପଦ୍ମ ଚିହ୍ନରେ ବିପୁଳ ମାତ୍ରାରେ ଭୋଟ ଦେବାକୁ ଜନତାଙ୍କ ଆଶୀର୍ବାଦ ଲୋଡିଥିଲେ ଏବଂ ବିଧାୟକ ହେବାପରେ ବଡଚଣାକୁ ଏକ ସୁନାର ନିର୍ବାଚନ ମଣ୍ଡଳି କରିବାସହ ଲୋକମାନଙ୍କ ସହ ମିଶିକି କାମ କରିବାକୁ ବିଧାୟକ ପ୍ରାର୍ଥୀ ଅମର ନାୟକ କହିଥିଲେ । ଭାରତୀୟ ଜନତା ପାର୍ଟିର ବଡଚଣା ବ୍ଲକ ୧୯ନମ୍ବର ଜୋନର ଏହି କର୍ମକର୍ତ୍ତା ସମ୍ମିଳନୀରେ ବିଭୁପ୍ରସାଦ ବଳସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲା ଭାଜପା ସାଧାରଣ ସମ୍ପାଦିକା ଦେବଯାନୀ ପ୍ରଧାନ,ବ୍ଲକ ପର୍ଯ୍ୟବେକ୍ଷଣ ନିରଞ୍ଜନ ଘଡେଇ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ପ୍ରୀତମ ନାୟକ,ପ୍ରମୋଦ ଜେନା,ବାଲିଚନ୍ଦ୍ରପୁରର ସରପଞ୍ଚ ଅନୁପମା ବଳ,ନିରଞ୍ଜନ ମହାନ୍ତି,ବାଇଧର ସେନାପତି,ରାଇଚରଣ ସେଠୀ,ନିରଞ୍ଜନ ମହାରଣା ପ୍ରମୁଖ ଅଭିଭାଷଣ ଦେବାସହ ସ୍ୱାଭିମାନୀ ବଡଚଣା ମାଟିର ପୁଅ ଅମର ନାୟକଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଜୟଯୁକ୍ତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ।

## ୫୩ନଂ ୱାର୍ଡରେ ବିଜେଡି କର୍ମୀ ସମ୍ମିଳନୀ

# ଯୋଡି ଶଙ୍ଖରେ ମୋହର ମାରି ବ୍ୟବଧାନ ବଢାଇବାକୁ ଆହ୍ୱାନ



କଟକ, (ସ୍ୱପ୍ର): ଚୌଦ୍ୱାର-କଟକ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ୫୩ନଂ ୱାର୍ଡରେ କର୍ପୋରେଟର ଅରବିନ୍ଦ ଜେନାଙ୍କ ନେତୃତ୍ୱରେ ଏକ କର୍ମୀ ସମ୍ମିଳନୀ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ୱାର୍ଡ ସଭାପତି ସାରଙ୍ଗ ପାଣି ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଅତିଥି ଭାବେ ବିଜେଡି ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର, ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ ଯୋଗଦେଇ ଯୋଡି ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ଶ୍ରୀ ଜେନା ତାଙ୍କ ୱାର୍ଡର ବିକାଶମୂଳକ କାର୍ଯ୍ୟ ଉଲ୍ଲେଖ କରି ବିଜେଡିକୁ ସମର୍ଥନ କରିବା ପାଇଁ ନିବେଦନ କରିଥିଲେ । ୪୭ନଂ କର୍ପୋରେଟର ଇଂ ସୁବ୍ରତ ଘଡେଇ, ୱାର୍ଡ ପର୍ଯ୍ୟବେକ୍ଷକ ଦିଲ୍ଲୀପ କୁମାର ସାହୁ, ଅମିତ ପାତ୍ର, ମହିଳା ସଭାପତି ବିଦ୍ୟୁଲତା ସ୍ୱାଇଁ, ସୁଜାତା ସ୍ୱାଇଁ, ଡ଼ଃ ବ୍ୟୋମକେଶ କାନୁନଗୋ, ସୁଧାକର ନାୟକ, ଦୁଷ୍ମନ୍ତ ସ୍ୱାଇଁ, ଅମର ସାମନ୍ତରାୟ, ପତିତପାବନ ନାୟକ, ଆବାହକ ବିଜୟାନନ୍ଦ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ରଜନୀକାନ୍ତ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ଶତାଧିକ ସଂଖ୍ୟାରେ ମହିଳା, ପୁରୁଷ, ମୁରବୀ, ଛାତ୍ର ଓ ଯୁବ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

## ଚୌଦ୍ୱାର କଟକ ଲଢେ଼ଇ

# ପ୍ରଗତି ସହ ଜନସମ୍ପର୍କ ବନାମ ମୋଦୀ ହାୱା, କଚ୍ଛପ ଗତିରେ କଂଗ୍ରେସ

କଟକ **(ପ୍ରଫୁଲ୍ଲ ମହାନ୍ତି )** ନିର୍ବାଚନକୁ ଆଉମାତ୍ର ୨୨ ଦିନ ବାକି । ଆସନ୍ତା ଜୁନ ୨୫ ତାରିଖରେ ହେବ ମତଦାନ ।ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରଚାର ଯୋରଦାର କରୁଛନ୍ତି ତିନି ଦଳର ପ୍ରାର୍ଥୀ ।ଏହି ନିର୍ବାଚନ ମଣ୍ଡଳୀ କଟକ ସହର ୨୪ ଟି ୱାର୍ଡ , ଚୌଦ୍ୱାର ପୌରପାଳିକାର ୧୯ ଟି ୱାର୍ଡ ଓ ୫ ଟି ଗ୍ରାମ ପଞ୍ଚାୟତ ( ଇନ୍ଦ୍ରାଣୀ ପାଟଣା,କୟଳପଡା,ବାଣିପଦା ,ନଖରା , ଆଗ୍ରାହାଟ)କୁ ନେଇ ଗଠିତ । ଏକଦା ଏହି ନିର୍ବାଚନ ମଣ୍ଡଳୀରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ କଂଗ୍ରେସ ଟିକଟରୁ ଲଢ଼ି ବଜୟ ହୋଇଥିଲେ ତାଙ୍କ ପରେ ପ୍ରଜାସୋସାଲିଷ୍ଟ ପାର୍ଟିରୁ ଆକୁଳାନନ୍ଦ ବେହେରା,କଂଗ୍ରେସର କାହ୍ନୁଚରଣ ଲେଙ୍କା ୪ଥର ,ରସାନନ୍ଦ ସାହୁ ଥରେ ,ରାଜ କିଶୋର ରାମ ୨ଥର ଜନତା ଦଳରୁ ,ବିଧୁଭୁଷଣ ପ୍ରହରାଜ ଥରେ ସ୍ୱାଧୀନ ଭାବେ ଲଢ଼ି ବିଜୟ ହୋଇଛନ୍ତି । ବିଜୁ ଜନତା ଦଳ ଗଠନ ପରେ ଏଠାରୁ ୨୦୦୪ ରେ ଶ୍ରମିକ ନେତା ଧର୍ମାନନ୍ଦ ବେହେରା ଟିକଟ ପାଇ ବିଜୟ ମୁକୁଟ ପିନ୍ଧିଥିଲେ । ତେବେ ସୀମାନିର୍ଦ୍ଧାରଣ ପରେ ସମାଜସେବାରେ ନିଜକୁ ସମର୍ପି ଦେଇଥିବା ପ୍ରଭାତ ରଞ୍ଜନ ବିଶ୍ୱାଳ ପୂର୍ବରୁ କଟକ ସଦର ଅଞ୍ଚଳରୁ ସ୍ୱାଧୀନ ଭାବେ ଜିତି ପରେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ । ୨୦୦୯ ରେ ପ୍ରଭାତ ବାବୁ ବିଜେଡି ଦଳରୁ ଲଢ଼ି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ସ୍ୱାଧୀନ ପ୍ରାର୍ଥୀ ଦୀପକ ବାରିକଙ୍କୁ ୩୩ ହଜାରରୁ ଅଧିକ ମାର୍ଜିନରେ ହରାଇ ବିଜୟ ହୋଇଥିଲେ । ପ୍ରଭାତ ବାବୁଙ୍କ ଲୋକସମ୍ପର୍କ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ପାଇଁ ଜାତୀୟ ଦଳରୁ ପ୍ରତିଦ୍ୱନ୍ଦିତା କରୁଥିବା କଂଗ୍ରେସର ସାବିତ୍ରୀ ଚୌଧୁରୀ ଓ ବର୍ତ୍ତମାନର ଭାଜପା ପ୍ରାର୍ଥୀ ନୟନ କିଶୋର ମହାନ୍ତି ୯୦୦୦ ପାଖାପାଖି ଭୋଟ ପାଇ ଅମାନତ ହରେଇଥିଲେ । ୨୦୧୪ ନିର୍ବାଚନରେ ମଧ ଏହି ଧାରାକୁ ବଜାୟ ରଖି ପ୍ରଭାତ ବାବୁ ବିଜେଡିରୁ ଟିକେଟ ହାତେଇ ପ୍ରତି ଥର ପ୍ରାର୍ଥୀ ବଦଳାଉଥିବା କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ର ଓ ଭାଜପାର ରିପିଟ ପ୍ରାର୍ଥୀ ନୟନ ମହାନ୍ତିଙ୍କୁ ପୁନର୍ବାର ପରାଜିତ କରି ବିଜୟ ହୋଇଥିଲେ । କିନ୍ତୁ ୨୦୧୯ ରେ ପ୍ରଭାତ ବାବୁଙ୍କ ସବୁ ଅଙ୍କ ବିଗିଡି ଯାଇଥିଲା। ଚିଟଫଣ୍ଡ କେଳେଙ୍କାରୀରେ ଫସିଯିବା ହେତୁ । ସିସୋର ଚିଟଫଣ୍ଡ କେଳେଙ୍କାରୀରେ ଦୁର୍ନୀତି ଗ୍ରସ୍ତ ହେତୁ ନବୀନ ବାବୁ ତାଙ୍କ ଉପରେ ଆସ୍ଥା ହରାଇଥିଲେ । ହେଲେ ରାଜନିତୀର ପଶାପାଲି ଗୋଟି ଚଲାଇବାରେ ପ୍ରବୀଣ ପ୍ରଭାତ ନିଜର ଲୋକ ସଂପର୍କ ପାଇଁ ୨୦୧୯ରେ ଟିକେଟ ନିଜେ ପାଇ ନଥିଲେ ବି ପୁଅ ସୌଭିକ ବିଶ୍ୱାଳଙ୍କୁ ବିଜେଡି ଟିକେଟ କରାଇଦେଇଥିଲେ । ସଂଗଠନ ଓ ପ୍ରଗତିର ଧାରାକୁ ବଜାୟରଖି ନିର୍ବାଚନରେ ପୁଅ ସୌଭିକ କୁ ତାଙ୍କର ପାରମ୍ପାରିକ ପ୍ରତିଦ୍ୱନ୍ଦୀ ଭାଜପାର ନୟନ ମହାନ୍ତିଙ୍କ ବିପକ୍ଷରେ ପୁନର୍ବାର ଜିତାଇ ସର୍ବକନିଷ୍ଠ ବିଧାୟକ ଭାବେ ବିଧାନସଭା ପଠାଇଥିଲେ। ଅବଶ୍ୟ ଏଥର ସୌଭିକ ୬୪ ହଜାର ୬୮୬ ଖଣ୍ଡ ପାଇଥିଲାବେଳେ ନୟନ ବାବୁ ସବଥର ଅପେକ୍ଷା ଭୋଟ ବ୍ୟବଧାନରେ ଆଶାତୀତ ପରିବର୍ତ୍ତନ ଆଣିପାରିଥିଲେ ।ଭାଜପା ପ୍ରାର୍ଥୀ ନୟନ ୪୩ହଜାର ୧୦୨ ଖଣ୍ଡ ପାଇ ୨ୟ ସ୍ଥାନରେ ଓ ସ୍ୱାଧୀନ ପ୍ରାର୍ଥୀ ଦିପୁ ବାରିକ ୧୪ ହଜାର ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ । ୨୦୨୪ ନିର୍ବାଚନ କିନ୍ତୁ ଅଲଗା ପ୍ରକାରର ହେବାକୁ ଯାଉଛି । ବିଜେଡିରୁ ସୌଭିକ ଓ ଭାଜପାରୁ ନୟନ କିଶୋର ମହାନ୍ତି ରିପିଟ ହୋଇଥିବାବେଳେ କାହ୍ନୁଲେଙ୍କାଙ୍କ ପରେ ପ୍ରାର୍ଥୀ ବଦଳାଉଥିବା କଂଗ୍ରେସ ଏଥର ବି ନୂଆ ମୁହଁ ଭାବେ ପୂର୍ବତନ ବିଧାୟକ ରବିନ୍ଦ୍ର ମଲ୍ଲିକଙ୍କ ବୋହୂ ମୀରା ମଲ୍ଲିକଙ୍କୁ ଟିକେଟ ଦେଇଛି । ସେହିପରି ସ୍ୱାଧୀନ ପ୍ରାର୍ଥୀଭାବେ ରୁପାଲୀ ଲେଙ୍କା,ବିପ୍ଳବ ନନ୍ଦ ଲଢ଼ିବା ପାଇଁ ଅଣ୍ଟାଭିଡିଛନ୍ତି ।ତେବେ ନିଜର ଜନସଂପର୍କ ସହ ନବୀନ ପଟ୍ଟନାୟକଙ୍କ ପ୍ରଗତିର ଧାରାକୁ ପାଥେୟ କରି ନିର୍ବାଚନରେ ପୁନର୍ବାର ବିଜେଡିରୁ ସୌଭିକକୁ ଜିତାଇବାକୁ ପ୍ରଭାତବାବୁ ଲାଗିପଡିଛନ୍ତି ।ଅନ୍ୟପଟେ ନରେନ୍ଦ୍ର ମୋଦୀଙ୍କ ବିକାଶର ଧାରାରେ ସାମିଲ ହୋଇ ନିଜ ସଂଗଠନ ଆଧାରରେ ନୟନବାବୁ ଏଥର ବାଜିମାତ କରିବାକୁ ଅଣ୍ଟାଭିଡିଛନ୍ତି । ସେହିପରି ଅମାନତ ହରାଉଥିବା କଂଗ୍ରେସ ପରିବର୍ତ୍ତନର ନାରାରେ ରାହୁଲଗାନ୍ଧୀ ସାଲେପୁର ଠାରେ ଯେଉଁ ସଂଜୀବନୀ ମନ୍ତ୍ର ଦେଇଛନ୍ତି ତାକୁ ଅଭିଜ୍ଞ ରବି ମଲ୍ଲିକ କେତେ ଭୋଟରେ ପରିବର୍ତ୍ତନ କରି ନିଜ ବୋହୂ ମୀରାଙ୍କୁ କଚ୍ଛପ ଗତିରେ ନେଇ ଜିତାଇବାରେ ସହାୟକ ହେବେ ତାହା ଦେଖିବାକି ବାକି ରହିଲା ।

## ନାମାଙ୍କନ ଶୋଭାଯାତ୍ରା ରେ ବିଶାଳ ଜନସମାଗମ

# ନାମାଙ୍କନ ଭରିଲେ ମନ୍ମଥ, ରାଜେନ୍ଦ୍ର, ରଘୁ







ଖୋର୍ଦ୍ଧା (ସବ୍ୟୁ): ଭୁବନେଶ୍ୱର ଲୋକସଭା କ୍ଷେତ୍ର ପାଇଁ ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ବିରାଟ ଶୋଭାଯାତ୍ରା ଏକ ସୁସଜ୍ଜିତ ଶଗଡ଼ ଗାଡ଼ି ରେ ଶଙ୍ଖ ଧରି ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୁ ଆସି ନାମାଙ୍କନ ଭରିଥିଲେ। ସେହିପରି ଖୋର୍ଦ୍ଧା ଆସନ ପାଇଁ ରାଜେନ୍ଦ୍ର ସାହୁ, ଚିଲିକା ଆସନ ପାଇଁ ରଘୁନାଥ ସାହୁ ମଧ ବିଶାଳ ଶୋଭାଯାତ୍ରାରେ ନିଜ ନିଜର ସମର୍ଥକ ମାନଙ୍କ ସହ ଆସି ନାମାଙ୍କନ ଭାରିଥିଲେ। ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ପ୍ରଭୁ ଲିଙ୍ଗରାଜ ଙ୍କ ଠାରୁ ସକାଳେ ଆଶ୍ରିବାଦ ନେଇ ନିଜର ସମର୍ଥକ ମାନଙ୍କ ଗ୍ରହଣ ରେ ଆସି ଖୋର୍ଦ୍ଧା ରେ ପହଁଚିବା ପରେ ଏକ ସୁସଜ୍ଜିତ ଶଗଡ଼ ଗାଡ଼ିରେ ବସି ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୁ ଆସିଥିଲେ । ଦୁଇ ହାତରେ ଦୁଇଟି ଶଙ୍ଖ ଧରି ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଁଚି ମନ୍ମଥ ଜିଲ୍ଲାପାଳ ଚଂଚଳ ରାଣାଙ୍କୁ ନାମାଙ୍କନ ପତ୍ର ପ୍ରଦାନ କରିଥିଲେ । ମନ୍ମଥଙ୍କ ସହ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଉତର ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ଆସିଥିଲେ । ସେହିପରି ସ୍ଥାନୀୟ ନୂଆବସଷ୍ଟାଣ୍ଡ ଠାରୁ ବିଶାଳ ଶୋଭାଯାତ୍ରାରେ ବିଜେଡି ର ଚିଲିକା ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ ନାମାଙ୍କନ କରିଛନ୍ତି । ଶ୍ରୀ ସାହୁ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଁଚି ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ଣ୍ଣିଂ ଅଧିକାରୀ ସାଫଲ୍ୟମଣ୍ଡିତ ପ୍ରଧାନଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ ।

ସେହିପରି ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ର ବିଜେଡି ବିଧାୟକ ପାର୍ଥି ରାଜେନ୍ଦ୍ର ସାହୁ ନିଜ ପାର୍ଥିପତ୍ର ରିଟର୍ଣ୍ଣିଂ ଅଫିସର ତଥା ଖୋର୍ଦ୍ଧା ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠି ଙ୍କ ପାଖରେ ଦାଖଲ କରିଛନ୍ତି । ଟିଏଲସି ରୋଡ଼ ରୁ ଏକ ବିରାଟ ଶୋଭାଯାତ୍ରାରେ ଖୋର୍ଦ୍ଧା ସହର ପରିକ୍ରମା କରିବା ସହିତ ନୂଆବସ ଷ୍ଟାଣ୍ଡ ,ବ୍ୟାଙ୍କ ଛକ ଦେଇ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କୁ ଯାଇଥିଲେ।ଏହି ସମୟରେ ବିଜୁ ଜନତା ଦଳ ଓଡିଶା ବାସୀଙ୍କ ବଳ ଓ ଜୟ ନବୀନ ଜୟ ଶଙ୍ଖ ଚିହ୍ନ ର ନାରା ଦେବା ସହିତ ଆଗାମୀ ମଇ ୨୫ ରେ ଯୋଡି ଶଙ୍ଖ ରେ ଭୋଟ ଦେବାକୁ ସମର୍ଥକ ମାନେ ଖୋର୍ଦ୍ଧା ସହର ରେ ସାଧାରଣ ଲୋକ ଙ୍କ ସହଯୋଗ ଲୋଡିଥିଲେ । ନାମାଙ୍କନ ସମୟରେ ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକ ଅଧକ୍ଷା, ଖୋର୍ଦ୍ଧା ପୌରଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତିଙ୍କ ସମେତ ବିଭିନ୍ନ ପଂଚାୟତର ପଂଚାୟତ ପ୍ରତିନିଧି, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଲଳିତ ମୋହନ ମହାପାତ୍ରଙ୍କ ସମେତ ଦଳୀୟ କର୍ମୀ ଓ ଶୁଭେଚ୍ଛୁ ମାନେ ଉପସ୍ଥିତ ଥିଲେ ।

## ଏସଟିଏ ଅତିରିକ୍ତ କମିସନର ଭାବେ ଦୀପ୍ତିରଞ୍ଜନ ପାତ୍ରଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟ ପରିବହନ ପ୍ରାଧିକରଣର ଅତିରିକ୍ତ କମିସନର( ବୈଷୟିକ) ଭାବେ ଦାୟି଼ ଗ୍ରହଣ କରିଛନ୍ତି ଦୀପ୍ତିରଞ୍ଜନ ପାତ୍ରଛ ଓଡ଼ିଶା ପରିବହନ ଯାନ୍ତ୍ରିକ ସେବାର ୧୯୯୭ ବ୍ୟାଚର ବରିଷ୍ଠ ଅଧିକାରୀ ହେଉଛନ୍ତି ଦୀପ୍ତିରଞ୍ଜନଛ ଏହାପୂର୍ବରୁ ସେ ଯୁଗ୍ମ କମିସନର (ବୈଷୟିକ) ଭାବେ ପ୍ରାଧିକରଣରେ କାର୍ଯ୍ୟ କରୁଥିଲେ । ନୂଆ ଦାୟିତ୍ୱ ନେବା ପରେ ଦୀପ୍ତିରଞ୍ଜନ କହିଛନ୍ତି, ଜନସାଧାରଣଙ୍କ ସୁବିଧା ପାଇଁ ପରିବହନ ସେବାରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ଏହାକୁ ସେ ଅଧିକ ଲୋକାଭିମୁଖୀ କରିବାକୁ ଉଦ୍ୟମ କରିବେ । ଏହାସହ



ଜନସାଧାରଣଙ୍କ ସମସ୍ୟାର ସମୟରେ ସମାଧାନ ତାଙ୍କର ସର୍ବାଧିକ ପ୍ରାଧାନ୍ୟରେ ରହିବ ବୋଲି କହିଛନ୍ତି ଦୀପ୍ତିରଞ୍ଜନ । ସେ ଦାୟିତ୍ୱ ଗ୍ରହଣ କରିବା ପରେ ପରିବହନ କମିସନରଙ୍କ ସମେତ ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ଏୟାରବିଏନ୍‌ର ଆଇକନ୍ସ ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଏୟାରବିଏନ୍‌ବି ପକ୍ଷରୁ ଆଇକନ୍ସର ଶୁଭାରମ୍ଭ କରାଯାଇଛି । ଏହା ହେଉଛି ସଙ୍ଗୀତ, ଚଳଚିତ୍ର, ଟେଲିଭିଜନ, କଳା, କ୍ରୀଡା ଆଦି କ୍ଷେତ୍ରରେ ବିଶ୍ୱର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଦ୍ୱାରା ଆୟୋଜିତ ଅସାଧାରଣ ଅନୁଭୂତିଗୁଡିକର ଏକ ନୂତନ ବର୍ଗ। କମ୍ପାନୀ ପକ୍ଷରୁ ଏୟାରବିଏନ୍‌ବିରେ ପ୍ରଥମ ୧୧ଟି ଆଇକନ୍ସର ଉନ୍ମୋଚନ କରାଯାଇଛି ଏବଂ ବର୍ଷସାରା ସମଗ୍ର ବିଶ୍ୱରେ ନୂଆ ଅନୁଭୂତିଗୁଡିକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବ। ଏହି ଶୁଭାରମ୍ଭର ଅଂଶ ଭାବେ ବଲିଉଡ ସୁପରଷ୍ଟାର ଜାହ୍ନବୀ କପୁର ଏକ ସ୍ୱତନ୍ତ୍ର ଅନୁଭୂତି ପାଇଁ ଚେନ୍ନାଇରେ ଥିବା ନିଜର ପାରିବାରିକ ବାସସ୍ଥାନ ପାଇଁ ଦ୍ୱାର ଖୋଲିଛନ୍ତି ।

## ବିଜେଡ଼ିରେ ଯୋଗଦେଲେ କଟକ ସଦର ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ




ଭୁବନେଶ୍ୱର (ସବ୍ୟୁ): କଟକସଦର ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମକର୍ତ୍ତା ଏବଂ ନିର୍ବାଚିତ ପ୍ରତିନିଧି ଗୁରୁବାର ଶଙ୍ଖଭବନ ଠାରେ କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ବିଜେପି ଓ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ବେହେରା ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ବିଜେପି ଓ କଂଗ୍ରେସକର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି କଟକ ସଦର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ବେହେରା ଓ ଡକ୍ଟର ପାତ୍ର କହିଥିଲେ। ଏହି ମିଶ୍ରଣ ପର୍ବରେପୂର୍ବତନ ବିଜେପ ି ରାଜ୍ୟ ସମ୍ପାଦକ ସତ୍ୟଜେନା, ପୂର୍ବତନ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଅନ୍ନପୂର୍ଣ୍ଣା ସାହୁ, ଅକ୍ଷୟ କୁମାର ପରିଜା, ପ୍ରଦୀପ୍ତ ପାତ୍ର, ସଂଗ୍ରାମ ସିଂହ, ଆଲୋକ କୁମାରବେହେରା, ବିଜୟକେତନ ବିଶୋୟୀ, ଗୋବର୍ଦ୍ଧନ ଖୁଁଆ, ପ୍ରମୋଦ କୁମାରସାହୁ, ନିର୍ମଳ ପଢ଼ିହାରୀ, କଳ୍ପନା ମହାନ୍ତି, କୈଳାସଚନ୍ଦ୍ରବେହେରା, ବିଷ୍ଣୁ ଚନ୍ଦ୍ରବେହେରା, କ୍ଷୀରୋଦ ବେହେରା, ଶିବରନ ନାୟକ, ମାନସ ରଞ୍ଜନ ମହାପାତ୍ର, କମଳାକାନ୍ତ ବେହେରା, ଉମ୍ବରୁଧର ମଣ୍ଡଳଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୬ ଆସନ ପାଇଁ ବିଜେପିର ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର (ସବ୍ୟୁ) : ବିଜେପି ଆଉ ୬ ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଛି । ତେବେ ବିଜେଡି ଛାଡି ବିଜେପିରେ ମିଶିଥିବା ଦେବାଶିଷ ନାୟକଙ୍କୁ ଟିକେଟ ମିଳିନାହିଁ । ସେଠାରେ ଦଳ ଉମେଶ ଚନ୍ଦ୍ର ଜେନାଙ୍କୁ ଟିକେଟ ଦେଇଛି । ସେହିଭଳି କଟକ ବାରବାଟୀ ଆସନରେ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ଦଳ ପ୍ରାର୍ଥୀ କରିଛି । ପୂର୍ଣ୍ଣଚନ୍ଦ୍ର ମହାପାତ୍ର କଟକ ଲୋକସଭା ଆସନ ପାଇଁ ଆଶାୟୀ ଥିଲେ । ମାତ୍ର ବିଜେଡି ଛାଡି ବିଜେପିରେ ଭର୍ତ୍ତୃହରି ମହତାବ ଯୋଗ ଦେବାପରେ ଦଳ ତାଙ୍କୁ ପ୍ରାର୍ଥୀ କରିଥିଲା । ଶେଷରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ କଟକ ବାରବାଟୀ ଆସନରୁ ପ୍ରାର୍ଥୀ କରାଯାଇଛି । ଏହାଛଡା ଘଷିପୁରାରୁ ଦଳ ଶମ୍ଭୁନାଥ ରାଉତ ପ୍ରାର୍ଥୀ ହୋଇଥିବାବେଳେ ଭୋଗରାଇରୁ ଆଶିଷ୍ ପାତ୍ର, ଭଣ୍ଡାରୀପୋଖରୀରୁ ସୁଧାଂଶୁ ନାୟକ, ବେଗୁନିଆରୁ ପ୍ରକାଶ ରଣ ବିଜୁଳିଙ୍କୁ ପ୍ରାର୍ଥୀ କରିଛି । ବର୍ତ୍ତମାନସୁଦ୍ଧା ବିଜେପି ୧୪୬ ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଛି । କେବଳ ବାଲେଶ୍ୱର ଜିଲ୍ଲାର ନୀଳଗିରି ଆସନଟି ବାକି ରହିଛି ।

## ସମ୍ବଲପୁର ଲୋକସଭା ପାଇଁ ପ୍ରାର୍ଥିପତ୍ର ଦାଖଲ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ସମ୍ବଲପୁର ସମେତ ଓଡ଼ିଶା ମାଟିର ସେବା କରିବା ପାଇଁ ସବୁବେଳେ ଆଗଭର ରହିବି

ଭୁବନେଶ୍ୱର/ସମ୍ବଲପୁର : ସମ୍ପୂର୍ଣ୍ଣ ଓଡ଼ିଶା ମୋ ପରିବାର ଓ ସମ୍ବଲପୁର ମୋର ଘର । ଏଠାରୁ ମୁଁ ପ୍ରାର୍ଥୀ ହୋଇଛି । ଏହାର ସବୁ ସୁଃଖ ଦୁଃଖରେ ସାମିଲ ହେବି । ସମ୍ବଲପୁର ସମେତ ଓଡ଼ିଶା ମାଟିର ସେବା କରିବା ପାଇଁ ମୁଁ ସବୁବେଳେ ଆଗଭର ରହିବି ବୋଲି ଗୁରୁବାର ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମ୍ବଲପୁର ଲୋକସଭା ଆସନ ପାଇଁ ବିଜେପି ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କରିବା ପରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ସମ୍ବଲପୁର ସଂସଦୀୟ କ୍ଷେତ୍ରର ଲୋକସଭା ପ୍ରାର୍ଥୀ ଶ୍ରୀ ପ୍ରଧାନ ଏକ ବିରାଟ ଶୋଭାଯାତ୍ରାରେ ଯାଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପ୍ରଥମେ ଶ୍ରୀ ପ୍ରଧାନ ଗ୍ରୀନପାର୍କ ସ୍ଥିତ ହନୁମାନ ମନ୍ଦିର ଏବଂ ପରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଦର୍ଶନ କରିଥିଲେ । ସ୍ଥାନୀୟ କଳାକାରଙ୍କ ବାଦ୍ୟବାଜଣାର ତାଳେ ତାଳେ ସମର୍ଥକଙ୍କ ଗହଣରେ ମା' ସମଲେଶ୍ୱରୀଙ୍କ ପୀଠରୁ ଶୋଭାଯାତ୍ରା ବାହାରି ରାମଜୀଗୁଡ଼ି, ବାଲିବନ୍ଧା, କୁଞ୍ଜେଲପଡ଼ା, ଝାଡୁଆପଡ଼ା, ନନ୍ଦପଡ଼ା, ଦଳେଇପଡ଼ା, ମ୍ୟୁନିସିପାଲଟି ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲା । ନାମାଙ୍କନ ପତ୍ର ଦାଖଲ ପାଇଁ ଆୟୋଜିତ ରୋଡ୍ ସୋ'ରେ ସମ୍ବଲପୁରର ବିଜେପି ବିଧାୟକ ପ୍ରାର୍ଥୀ



ଜୟ ନାରାୟଣ ମିଶ୍ରଙ୍କ ସହ ଅନ୍ୟାନ୍ୟ ବିଧାୟକ ପ୍ରାର୍ଥୀ ଏବଂ ହଜାର ହଜାର ସଂଖ୍ୟାରେ ସାଧାରଣ ନାଗରିକ, ନେତୃମଣ୍ଡଳୀ, କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ । ସହରର ବିଭିନ୍ନ ସ୍ଥାନରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ କେନ୍ଦ୍ରମନ୍ତ୍ରୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଅଧିଷ୍ଠାତ୍ରୀ ଦେବୀ ମା'ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇ ସମ୍ବଲପୁର ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବା ମୋ ପାଇଁ ଅତ୍ୟନ୍ତ ସୌଭାଗ୍ୟର ବିଷୟ । ନାମାଙ୍କନ ପତ୍ର ଦାଖଲ ପାଇଁ ଆୟୋଜିତ ରୋଡ୍ ସୋ'ରେ ଓଡ଼ିଆ ସମାଜ ପ୍ରତି ପ୍ରତିବଦ୍ଧତା ରଖୁଥିବା ହଜାର ହଜାର ସଂଖ୍ୟାରେ ସାଧାରଣ ନାଗରିକ, ନେତୃମଣ୍ଡଳୀ, କାର୍ଯ୍ୟକର୍ତ୍ତା ଓ ସମର୍ଥକମାନେ ଯୋଗଦେବା ମୋର ଆତ୍ମବିଶ୍ୱାସ ବଢ଼ାଇଛି । ଚଳିତ ନିର୍ବାଚନ ନିର୍ବାଚନ ନୀତି ଓ ପ୍ରସଙ୍ଗ ଉପରେ ହେଉଛି । ଓଡ଼ିଶାର ଓ ଭାରତର ଭବିଷ୍ୟତ ପାଇଁ ନିର୍ବାଚନ ହେଉଛି । ମୁଁ ଏହାର ନିମିତ୍ତ ମାତ୍ର । ଲୋକଙ୍କର ଆକାଂକ୍ଷା ଓ ଅପେକ୍ଷାକୁ ପୂରଣ କରିବା ସହ ସମ୍ବଲପୁରର ମାନ ମର୍ଯ୍ୟାଦାକୁ ବୈଶ୍ୱିକ ସ୍ତରକୁ ନେବା ପାଇଁ ଦାୟିତ୍ୱ ନେବି । ଓଡ଼ିଆ ଅସ୍ମିତାର ସୁରକ୍ଷା ତଥା ସ୍ୱାଭିମାନ ପାଇଁ ବିଜେପି ହାତରେ କ୍ଷମତା ଦେବାକୁ ଓଡ଼ିଆ ଲୋକେ ମନସ୍ଥ କରି ସାରିଛନ୍ତି । ମା' ସମଲେଇଙ୍କ ଆଶୀର୍ବାଦରେ ଏଥର ବିଜେପି ସରକାର ଦେଶରେ ୪୦୦ ସିଟରୁ ଅଧିକ ଆସନ ହାସଲ କରିବା ସହ ଓଡ଼ିଶାରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ଯାଉଛି । ବିକଶିତ ସମ୍ବଲପୁର, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ତଥା ଓଡ଼ିଆ ଅସ୍ମିତାର ଲଢେଇରେ ସାମିଲ ହେବା ପାଇଁ ସୁଯୋଗ ଦେଇଥିବାରୁ ସମ୍ବଲପୁରର ପ୍ରତ୍ୟେକ ଜନସାଧାରଣଙ୍କୁ କେନ୍ଦ୍ରମନ୍ତ୍ରୀ ଧନ୍ୟବାଦ ଜଣାଇବା ସହ ପଦ୍ମଫୁଲରେ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି ।

## ଦୁଇ କଂଗ୍ରେସ ପ୍ରାର୍ଥୀଙ୍କୁ ଦଳିତ ସମାଜର ସମର୍ଥନ

ବାଲିପାଟଣା ,(ସବ୍ୟୁ) :ଜୟଦେବ ଦଳିତ ସଂଗଠନ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ବାଲିପାଟଣାସ୍ଥିତ ଗିରିଙ୍ଗେଶ୍ୱରୀ ପୀଠ ଠାରେ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛିଛଏକ ପଦଯାତ୍ରାରେ କଂଗ୍ରେସ ର ବିଧାୟକ ପାର୍ଥୀ କୃଷ୍ଣଚନ୍ଦ୍ର ଶଗରିଆ ଓ ଭୁବନେଶ୍ୱର ସାଂସଦ ପାର୍ଥୀ ୟାସିର ନି଼ୱାଜ ବାଲିପାଟଣା ଛକଠାରୁ ବାହାରି ଗିରିଙ୍ଗେଶ୍ୱରୀ ପୀଠରେ ପହଞ୍ଚିଥିଲେଛମିଳିତଦଳିତ ସମାଜ ନେତା ପ୍ରମୋଦ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କୃଷ୍ଣଚନ୍ଦ୍ର ଶଗରିଆ ଯୋଗଦାନ କରି କହିଲେ,ଜୟଦେବର ନିଷ୍ପେସିତ ଦଳିତମାନଙ୍କ ବିକାଶ ସହିତ ସବୁବର୍ଗର ସାମଗ୍ରିକ ବିକାଶ ହେବ ସେଥିପାଇଁ କଂଗ୍ରେସ କାମ କରିବଛଆପନମାନଙ୍କ ସହଯୋଗରେ ମୁଁ କଂଗ୍ରେସରୁ ଜିତିଲେ ଏ ମାଟିର ସ୍ୱତନ୍ତ୍ରତା ବଜାୟ ରହିବଛଭୁବନେଶ୍ୱର ସାଂସଦ ପ୍ରାର୍ଥୀ ସୟଦ ନାସିର ନୱାଜ ଅନ୍ୟତମ ଅତିଥିଭାବେ ଯୋଗଦାନ କରି କହିଲେ ଆମ କଂଗ୍ରେସ ଦଳ ଶିକ୍ଷା ,ସ୍ୱାସ୍ଥ୍ୟ,ବସ୍ତିବାସିନ୍ଦାଙ୍କ ସ୍ଥାୟୀ ପଟା ପ୍ରଦାନକୁ ଗୁରୁତ୍ୱ ଦେବଛ ଦୀର୍ଘ ପଚିଶ ବର୍ଷଧରି ବିଜେଡ଼ିସରକାର କବଳରେ ରହି ଲୋକ ତ୍ରାହି ତ୍ରାହି ଡାକିଲେଣିଛକଂଗ୍ରେସଆସିଲେ ଜୟଦେବ ସହିତ ସାରା ରାଜ୍ୟ ଏକ ପ୍ରକାର ଶାନ୍ତି ଉପଲବ୍ଧ କରିବବୋଲି ଅନ୍ୟ ବକ୍ତାମାନେ ନିଜ ନଜର ବକ୍ତବ୍ୟରେକହିଥିଲେ ।

## ଖବରକାଗଜ କର୍ମଚାରୀଙ୍କ ଅକାଳ ବିୟୋଗ

ଭୁବନେଶ୍ୱର (ସବ୍ୟୁ): ଦୈନିକ ଖବର କାଗଜ ଅନୁପମ ଭାରତର ବିଜ୍ଞାପନ ଅଧିକାରୀ ଉମେଶ ମହାନ୍ତିଙ୍କ ସୋମବାର ମଧ୍ୟ ରାତିରେ ଅକାଳ ବିୟୋଗ ଘଟିଛି । ଏହି ଖବର ପ୍ରସାରିତ ହେବାକ୍ଷଣି ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ସ୍ୱର୍ଗତ ମହାନ୍ତି ସମସ୍ତଙ୍କର ପ୍ରିୟଭାଜନ ଥିଲେ । ମୃତ୍ୟୁ ସମୟରେ ତାଙ୍କୁ ୫୩ ବର୍ଷ ହୋଇଥିଲା । ସ୍ୱର୍ଗତ ମହାନ୍ତି ତାଙ୍କ କର୍ମମୟ ଜୀବନ ୨୦୦୦ ମସିହାରୁ ହେମରାଜ୍ ଏଡ୍ ଏଜେନ୍ସୀରୁ ଆରମ୍ଭ କରି ପରବର୍ତ୍ତି ସମୟରେ 'ଓଡିଶା ଭାସ୍କର', 'ଖବର' ସମ୍ବାଦପତ୍ରରେ ବିଜ୍ଞାପନ ପରିଚାଳକ ଦାୟିତ୍ୱ ସଂପାଦନ କରିଥିଲେ । ସ୍ୱର୍ଗତ ମହାନ୍ତିଙ୍କ ଅମାୟିକ ବ୍ୟବହାର ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର



ହୋଇ ପାରିଥିଲେ । ତାଙ୍କ ବିୟୋଗ ବିଭିନ୍ନ ଖବରକାଗଜ ସଂସ୍ଥାର କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳାଇ ଦେଇଛି । ତାଙ୍କର ଅମର ଆତ୍ମାର ସଦ୍ ଗତି ନିମନ୍ତେ ଏକ ଶୋକ ସଭାର ଆୟୋଜନ କରାଯାଇଥିଲା । ଶୋକସଭାରେ ଅନୁପମ ଭାରତର ପରିଚାଳନା ନିର୍ଦ୍ଦେଶକ ରବିନ୍ଦ୍ର କୁମାର ପଣ୍ଡା, ବରିଷ୍ଠ ସାମ୍ବାଦିକ ବିନୋଦ ପଟ୍ଟନାୟକ, ରଜତ ମହାପାତ୍ର, ଗଣେଷ ପ୍ରଧାନ, ସନ୍ତୋଷ ସେନାପତି, ନବ ଦ୍ୱିବେଦୀ, ରାଜୀବ ପଣ୍ଡା, ସୁଦେଶ ପଟ୍ଟନାୟକ, ଲିଟୁ, ପିଣ୍ଟୁ, ରାଜେନ୍ଦ୍ର, ଅଭିଙ୍କ ସମେତ ସମସ୍ତ କର୍ମଚାରୀ ତାଙ୍କ କର୍ମମୟ ଜୀବନ ସ୍ମୃତିଚାରଣ କରିବା ସହ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ ।

## ଧଉଳି ଶାନ୍ତିସ୍ତୁପଠାରେ କଳା ଚର୍ଚ୍ଚା କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଶାନ୍ତିସ୍ତୁପ ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟ ଦ୍ୱାରା ପ୍ରତିମାସରେ ଆୟୋଜିତ କଳା ଓ କଳାକାର ଶୀର୍ଷକ କଳା ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଛାତ୍ରଛାତ୍ରୀ ମାନଙ୍କର କଳା ଶିକ୍ଷାର ଉନ୍ନତି ଓ କଳାକାରଙ୍କ ସହ ସମ୍ପର୍କ ଯୋଡିବା ପାଇଁ ଏହି ପ୍ରୟାସ କରାଯାଉଛି । ମୁମ୍ବାଇର ସୁପ୍ରସିଦ୍ଧ ଚିତ୍ରଶିଳ୍ପୀ ବିଶ୍ ସାହାଣୀ ଚଳିତ ମାସ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ରୂପେ ଯୋଗ ଦେଇଥିଲେଛ ଭାରତର ବିଭିନ୍ନ ରାଜ୍ୟରୁ ସୁନାମଧନ୍ୟ ଶିଳ୍ପୀମାନେ ପ୍ରତିମାସ ଏହିକଳା ଚର୍ଚ୍ଚାରେ ନିମନ୍ତ୍ରିତ ଶିଳ୍ପୀ ଭାବେ ଯୋଗ ଦେଇଥାନ୍ତି । ଏହି ଅବସରରେ ଏମାସର ଅତିଥି ଚିତ୍ରଶିଳ୍ପୀ ବିଶ୍ୱ ସାହାଣୀ ଲାଇଫ ତୈଳଚିତ୍ର ଅଙ୍କନ କରିବାସହ ତାଙ୍କ ଚିତ୍ର ଗୁଡ଼ିକର ଏକ ସ୍ଲାଇଡ୍



ଶୋ ପ୍ରଦର୍ଶନ କରିଥିଲେ । ଏଥିସହ ପିଲାମାନଙ୍କ ସହ ସାଂପ୍ରତିକ କଳା ବିଷୟରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଚନ୍ଦନ କୁମାର ସାମଲ ଅତିଥିଙ୍କୁ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରିବା ସହିତ ଶିଳ୍ପୀଙ୍କ ଚିତ୍ରର ସମୀକ୍ଷା କରିଥିଲେ । ଏହିଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ରାମଶଙ୍କର ସାହୁ, ଭୂପତି ଭୂଷଣ ପଣ୍ଡା, ଅଧ୍ୟାପିକା ୟନିତା ପ୍ରିୟଦର୍ଶିନୀ, ସୋଫିଆ ୟସ୍ମିନ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ୟୁକୋ ବ୍ୟାଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ

# ବ୍ୟାଙ୍କର ସମୁଦାୟ ବ୍ୟବସାୟ ୯.୫୦ ପ୍ରତିଶତ ଅଭିବୃଦ୍ଧି

ଭୁବନେଶ୍ୱର (ସବ୍ୟୁ) : ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କର ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ବ୍ୟାଙ୍କର ଗ୍ରସ୍ ଅଗ୍ରୀମ ଶତକଡା ୧୫.୬୨ ପ୍ରତିଶତ ବୃଦ୍ଧି ପାଇ ୧,୮୬,୮୭୭ କୋଟିରେ ପହଞ୍ଚିଛି । ବ୍ୟାଙ୍କର ସମୁଦାୟ ଜମା ଶତକଡା ୫.୫୩ ପ୍ରତିଶତ ବୃଦ୍ଧି ପାଇ ୨,୬୩,୧୩୦ କୋଟିରେ ପହଞ୍ଚିଥିବା ବେଳେ ରିଟେଲ୍, କୃଷି ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଶତକଡା ୧୩.୮୮ ପ୍ରତିଶତ ବୃଦ୍ଧି ସହ ୯୭,୫୧୬ କୋଟିରେ ପହଞ୍ଚିଛି । ବ୍ୟାଙ୍କର ରିଟେଲ୍, କୃଷି ଓ ଏମ୍‌ଏସ୍‌ଏମ୍‌ଇ ଅଗ୍ରୀମରେ ଯଥାକ୍ରମେ ଶତକଡା ୧୪.୬୨, ୧୩.୧୬ ଓ ୧୩.୫୩ ପ୍ରତିଶତ ବୃଦ୍ଧି ଘଟିଛି। ଆର୍ଥିକ ବର୍ଷ ୨୦୨୪ ମାର୍ଚ୍ଚ ମାସ ଶେଷ ସୁଦ୍ଧା ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ରେ ୧୩୨ବିପିଏସ୍ ହ୍ରାସ ସହିତ ଶତକଡା ୩.୪୬ ପ୍ରତିଶତ ହ୍ରାସ ପାଇଥିବା



ବେଳେ ନେଟ୍ ଏନ୍‌ପିଏରେ ୪୦ ବିପିଏସ୍ ହ୍ରାସ ସହିତ ଶତକଡା ୦.୮୯ ପ୍ରତିଶତ ହ୍ରାସ ପାଇଛି। ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ୪୭ ବିପିଏସ୍ ସହିତ ଶତକଡା ୧୬.୯୮ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଟାୟାର ୧ ପୁଞ୍ଜି ଅନୁପାତରେ ୫୮ ବିପିଏସ୍ ସହିତ ଶତକଡା ୧୪.୫୪ ପ୍ରତିଶତ ବୃଦ୍ଧି ଘଟିଛି। ଆର୍ଥିକ ବର୍ଷ ୨୦୨୩-୨୪ ରେ ବ୍ୟାଙ୍କର ପରିଚାଳନାଗତ ଲାଭରେ ଶତକଡା ୫.୪୩ ପ୍ରତିଶତ ବୃଦ୍ଧି ଘଟି ୪୫୭୬ କୋଟିରେ ପହଞ୍ଚିଛି । ବ୍ୟାଙ୍କର ନେଟ୍ ସୁଧ ଆୟ ଆର୍ଥିକ ବର୍ଷ ୨୦୨୪ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଶତକଡା ୧୦.୩୨ ପ୍ରତିଶତ ଅଭିବୃଦ୍ଧି ହାରରେ ୮,୧୦୧ କୋଟିରେ ପହଞ୍ଚି ପାରିଛି। ଏହି ତ୍ରୈମାସରେ ବ୍ୟାଙ୍କର ଲାଭ ଶତକଡା ୧୩.୭୪ ପ୍ରତିଶତ ବୃଦ୍ଧି ସହିତ ୧୧୧୯ କୋଟିରୁ ୧୨୭୩ କୋଟିରେ ପହଞ୍ଚି ପାରିଛି।

## ଜୀ ସାର୍ଥକରେ ରଜ କୁଇନ – ଉଡିଯା' ଆକାଶଟା ତୋ'ର ର ପ୍ରସାରଣ ୪ରେ

ଭୁବନେଶ୍ୱର (ସବ୍ୟୁ): ଓଡିଶା ଟେଲିଭିଜନ ଦୁନିଆର ଏକ ନମ୍ବର ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକ ଦ୍ୱାରା ପ୍ରସ୍ତୁତ ସର୍ବାଧିକ ଲୋକପ୍ରିୟ ରିୟାଲିଟି ଶୋ' ରଜ କୁଇନ – ଉଡିଯା'... ଆକାଶଟା ତୋ'ର ୧୨ ବର୍ଷରେ ପହଁଚିଛି ୫ ଆମ ରାଜ୍ୟର କଳା, ସଂସ୍କୃତି ଓ ପରମ୍ପରା କୁ ନେଇ ଚଳିତ ସିଜିନରେ ଏହି ଲୋକପ୍ରିୟ ରିୟାଲିଟି ଶୋ' ପ୍ରସାରଣର ଶୁଭାରମ୍ଭ ଆସନ୍ତା ମେ ୪ ତାରିଖରୁ ପ୍ରତ୍ୟେକ ଶନିବାର ଏବଂ ରବିବାର ରାତି ୯:୩୦ ରେ ହେବ । ରଜ କୁଇନ ୨୦୨୪ ସିଜନ ୧୨ ମଧ ବଡ଼ ଆକାରରେ ଆରମ୍ଭ ହେଉଛି । ଓଡିଶାର ପ୍ରତିଟି ଜିଲ୍ଲାର ବଛା ବଛା ଟ୍ୟାଲେଣ୍ଟେଡ ପ୍ରତିଯୋଗୀମାନେ ଭାଗ ନେଇଛନ୍ତି ଏବଂ ସେମାନେ ବିଭିନ୍ନ ସ୍ତର ଦେଇ ଆଗକୁ ବଢିବେ । ପୂର୍ବ ସିଜିନ ଭଳି ଏଥର ମଧ ପ୍ରତ୍ୟେକ ବିଜେତାଙ୍କ ସ୍ୱପ୍ନ ପୂରଣ ପାଇଁ ସ୍କଲାରସିପ୍ ଦିଆଯିବ ।

ଏହି ସର୍ବାଧିକ ଲୋକପ୍ରିୟ ରିୟାଲିଟି ଶୋ ରେ ଜୀ ସାର୍ଥକ ର ମେଗା ଧାରାବାହିକ ମାନଙ୍କରେ ମୁଖ୍ୟ ଚରିତ୍ରରେ ଅଭିନୟ କରୁଥିବା ଅଭିନେତ୍ରୀ ମାନଙ୍କ ମଧ୍ୟରୁ ଅଭିନେତ୍ରୀ ସ୍ମୃତିରେଖା ରଣା (ମାନିନୀ), ଅନନ୍ୟା ଦାଶ (ଧାରା), ଅଙ୍କିତା ମିଶ୍ର (ପ୍ରିୟା) ଏବଂ ସୁମନ ପଟ୍ଟନାୟକ (ରେଖା) ମେଣ୍ଟର ଭାବରେ ରଜ କୁଇନ ସିଜିନ ୧୨ ରେ ରହିଛନ୍ତି । ମୁଖ୍ୟ ଜଜ୍ ଆସନ ଅଳଙ୍କୃତ କରିଛନ୍ତି ବରିଷ୍ଠ ଅଭିନେତା ଶ୍ରୀତମ ଦାସ ଏବଂ ଅଭିନେତ୍ରୀ ଲିପି ମହାପାତ୍ର । ଉପସ୍ଥାପନା କରୁଛନ୍ତି ସମସ୍ତଙ୍କର ପ୍ରିୟ ଅଭିଜ୍ଞ ଉପସ୍ଥାପକ ସୁଜିତ ପାଇକରାୟ । ଜୀ ସାର୍ଥକ ଦର୍ଶକଙ୍କ ମନୋରଞ୍ଜନ ସହିତ ଆଜିର ଯୁବପିଢ଼ିଙ୍କ କ୍ୟାରିଅର ପ୍ରତି ଧ୍ୟାନ ଦେଇଥାଏ । ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଆଜିର ଯୁବପିଢ଼ିଙ୍କ ସ୍ୱପ୍ନ ପୂରଣ କରିବାରେ ସହାୟକ ହୋଇଥାଏ । ଜୀ ସାର୍ଥକ ର ଏହି ଲୋକପ୍ରିୟ ରିୟାଲିଟି ଶୋ ରେ ଯୁବପିଢ଼ିର ମହିଳା ଭାଗ ନିଅନ୍ତୁ ଓ ନିଜର ସ୍ୱପ୍ନ ପୂରଣର ଯାତ୍ରାରେ ବାହାରିଯାନ୍ତୁ ବୋଲି ଜୀ ସାର୍ଥକ ଚିଫ ଚ୍ୟାନେଲ ଅଫିସର ଶ୍ରୀ ପ୍ରତୀକ ସିଲ ପ୍ରକାଶ କରିଛନ୍ତି ।

## ବିଜେପିରେ ସାମିଲ ହେଲେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟଙ୍କ ସମେତ ବିଶିଷ୍ଟ ଯୁବ ସମାଜସେବୀ



ଭୁବନେଶ୍ୱର (ସବ୍ୟୁ): ବିଜେପିରେ ସାମିଲ ହୋଇଛନ୍ତି ବିଭିନ୍ନ ରାଜନୈତିକ ଦଳର ସଦସ୍ୟଙ୍କ ସମେତ ବିଶିଷ୍ଟ ଯୁବ ସମାଜସେବୀ ବିଭିନ୍ନ ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟିରେ ସାମିଲ ହେଉଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ଯୁବ ସମାଜସେବୀ ରୁଦ୍ର ପ୍ରତାପ ମହାନ୍ତି, ନାଲଗୋହିରା ଗ୍ରାମ ପଂଚାୟତ ଅଲେଖ ବିଶ୍ୱାଳ, ସୁବ୍ରତ ମଲ୍ଲିକ, ପ୍ରକାଶ ବାରିକ, ଚାନ୍ଦବାଲି ଏନଏସିର ଲଲାଟେନ୍ଦୁ ରୟ, ଚିନ୍ମୟ କୁମାର ସାହୁ ପ୍ରମୁଖ ବିଜେପିରେ ଯୋଗ ଦେଇଛନ୍ତି । ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ଡ.ଯତୀନ ମହାନ୍ତି ନୂତନ ସଦସ୍ୟଙ୍କୁ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ପାର୍ଟୀରେ ସାମିଲ ହୋଇଥିବା ନୂତନ ସଦସ୍ୟଙ୍କୁ ୮୯୮୦୮୦୮୦୮୦ ନମ୍ବରରେ ଡାୟାଲ କରାଇ ଶ୍ରୀ ସାମଲ ସଦସ୍ୟତା କରାଇଥିଲେ। ଏହି ମିଶ୍ରଣ ପର୍ବରେ ରାଜ୍ୟ ସମ୍ପାଦକ ସରୋଜ କର ଉପସ୍ଥିତ ଥିଲେ।

# ଛତ୍ରପୁରରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନ ପ୍ରଚାର



ଛତ୍ରପୁର, (ସବ୍ୟୁ): ଛତ୍ରପୁରରେ ଭିକେ ପାଣ୍ଡିଆନଙ୍କ ଜୋରଦାର ପ୍ରଚାର । ବୁଧବାର ଗଞ୍ଜାମର ଛତ୍ରପୁର ଗସ୍ତ କରି ବିଜେଡି ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏବଂ ଛତ୍ରପୁର ବିଜେଡି ବିଧାୟକ ପ୍ରାର୍ଥୀ ସୁବାସ ବେହେରାଙ୍କ ପାଇଁ ପ୍ରଚାର କରିଛନ୍ତି ବରିଷ୍ଠ ବିଜେଡି ନେତା ଭିକେ ପାଣ୍ଡିଆନ୍ । ଜୟ ଜଗନ୍ନାଥ ଏବଂ ଜୟ ମା ତାରା ତାରିଣୀ କହି ସେ ନିଜର ଅଭିଭାଷଣ ଆରମ୍ଭ କରିବା ସହିତ ଗଞ୍ଜାମ ଜିଲ୍ଲା ସହିତ ତାଙ୍କର ସମ୍ପର୍କ ବହୁ ପୁରୁଣା ବୋଲି ସେ କହିଥିଲେ। ସ୍ଥାନୀୟ ଷ୍ଟାଡିୟମ ପରିସରରେ ଆୟୋଜିତ ନିର୍ବାଚନ ସଭାରେ ସେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର୍ କରି ବିପୁଳ ଭୋଟରେ ଜିତାଇବାକୁ ଅନୁରୋଧ କରିଛନ୍ତି।

ବିରୋଧୀ ଦଳଙ୍କୁ ଶାଣିତ ଆକ୍ରମଣ କରି ସେ କହିଲେ ଯେ, ଠକମାନଙ୍କ ସ୍ଥାନ ଜେଲରେ। ଗଞ୍ଜାମବାସୀ କେବେ ଭୁଲ କରିବେ ନାହିଁ, ଠକ ମାନଙ୍କୁ ସଂସଦ ପଠାଇବେ ନାହିଁ। ଭାରତୀୟ ଜନତା ପାର୍ଟିର ଡବଲ ଇଞ୍ଜିନ ପ୍ରଚାର ଉପରେ ଆକ୍ରମଣ କରି ସେ କହିଲେ ଯେ ଥରେ କ୍ଷମତାକୁ ଆସିଲେ ଡବଲ ଇଞ୍ଜିନ ରାଜ୍ୟକୁ ୨୦ ବର୍ଷ ପଛକୁ ନେଇଯିବ। ଉଦାହରଣ ଦେଇ ସେ କହିଲେ ଯେ, ହିମାଚଳରେ ଡବଲ ଇଞ୍ଜିନ ବନ୍ଦ ହେଇଗଲାଣି । ଛତିଶଗଡ଼ ଓ ରାଜସ୍ଥାନରେ ଏପଟ ସେପଟ ହେଉଛି । ଡବଲ ଇଞ୍ଜିନ ଯଦି ଏତେ ଷ୍ଟ୍ରଙ୍ଗ, ତେବେ ବାରମ୍ବାର ଯାଉଛି ଆସୁଛି କାହିଁକି? ସ୍ଥିର ସରକାର ନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। ସେ ପୁଣି କହିଲେ ଯେ, ଡବଲ ଇଞ୍ଜିନ ସରକାରରେ ଦୈନିକ ମଜୁରି ମାତ୍ର ୩୦୦ ଟଙ୍କାରୁ ସାମାନ୍ୟ ଅଧିକ, କିନ୍ତୁ ନବୀନ ଇଂଜିନରେ ଏହା ୪୫୦ ଟଙ୍କା। ଡବଲ ଇଞ୍ଜିନ ସରକାରରେ ଭତ୍ତା ମାତ୍ର ୩୦୦ ଟଙ୍କା, ନବୀନ ଇଞ୍ଜିନ ସରକାରରେ ଭତ୍ତା ୧୦୦୦ ଟଙ୍କା ବୋଲି ସେ କହିଥିଲେ। ଆୟୁଷ୍ମାନ ଭାରତ ପ୍ରସଙ୍ଗ ଉଠାଇ ସେ କହିଲେ ଯେ, ଆୟୁଷ୍ମାନ ଭାରତର ଜୋରଦାର ପ୍ରଚାର କରାଯାଉଛି। କିନ୍ତୁ ସତ କଣ ଲୋକେ ଜାଣନ୍ତୁ ବୋଲି ପାଣ୍ଡିଆନ କହିଥିଲେ। ସାରା ଦେଶ ପାଇଁ ଆୟୁଷ୍ମାନ ଭାରତରେ ବଜେଟ ହେଉଛି ୬୦୦୦ କୋଟି ଟଙ୍କା। ଓଡ଼ିଶା ଭାଗରେ ମାତ୍ର ୩୦୦ କୋଟି ଟଙ୍କା । କିନ୍ତୁ, ବିଏସକେୱାଇରେ ବର୍ଷକୁ ଖର୍ଚ୍ଚ ହେଉଛି ୫୦୦୦ କୋଟି ଟଙ୍କା। ଗରିବର ସ୍ୱାସ୍ଥ୍ୟ ଚିନ୍ତା ଓଡ଼ିଶାରେ ନାହିଁ। ସେ ପୁଣି କହିଲେ ଯେ ଡବଲ ଇଞ୍ଜିନ କଥା ଆପଣ କେବଳ ନିର୍ବାଚନ ସମୟରେ ଶୁଣିବେ, ତା ପରେ ତାଙ୍କର ଦେଖା ନଥିବ । ଡବଲ ଇଞ୍ଜିନ ହେଉଛି ଭୋଟ୍ ଇଞ୍ଜିନ । ବାକି ସବୁ ସମୟରେ ନବୀନ ଇଞ୍ଜିନ ଲୋକଙ୍କ ସାଥିରେ, ଦୁଃଖ ସୁଖ ସବୁଥିରେ ରହିଛି ଓ ରହିଥିବ । ନବୀନ ଇଞ୍ଜିନ ହେଉଛି ସ୍ୱଚ୍ଛତାର ଇଞ୍ଜିନ ।

ଲୋକଙ୍କ ପାଇଁ କାମ କରିବାର ଇଞ୍ଜିନ, ସେବାର ଇଞ୍ଜିନ ବୋଲି ପାଣ୍ଡିଆନ କହିଥିଲେ। ସେ କହିଥିଲେ ଯେ, ତାଙ୍କ ଝିଅର ଜନ୍ମ ମାଟି ହେଉଛି ଛତ୍ରପୁର । ମା' ତାରାତାରିଣୀଙ୍କ ଆଶୀର୍ବାଦରୁ ସେ ଜନ୍ମ ହୋଇଛି ଏବଂ ଝିଅର ନାମ ତାରା ରଖିଛନ୍ତି ବୋଲି ପାଣ୍ଡିଆନ କହିଥିଲେ। ମୁଖ୍ୟମନ୍ତ୍ରୀ ଆମକୁ କାମର ହିସାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି, ତାଙ୍କ ନିର୍ଦ୍ଦେଶରେ ସେ ହିସାବ ଦେଉଛି ବୋଲି କହି ଛତ୍ରପୁରରେ ୪୨ କୋଟି ଟଙ୍କାର କାମ ଚାଲିଛି ବୋଲି ପାଣ୍ଡିଆନ କହିଥିଲେ । ଛତ୍ରପୁର, ଗଞ୍ଜାମ ଓ ରଙ୍ଗେଇଲୁଣ୍ଡା ଏହି ତିନୋଟି ବ୍ଲକରେ ପାଇପ ପାଣି ପାଇଁ ୩୬୦ କୋଟି ଟଙ୍କାର କାମ ଚାଲିଛି ବୋଲି ପାଣ୍ଡିଆନ କହିଥିଲେ। ଏହି ସଭାରେ ପ୍ରଥମେ ଛତ୍ରପୁର ବିଧାନସଭା ପ୍ରାର୍ଥୀ ସୁବାଷ ଚନ୍ଦ୍ର ବେହେରା, ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଉପରେ କହିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରି ଭାରତ ଇତିହାସରେ ରେକର୍ଡ କରିବା ନିମନ୍ତେ ସମସ୍ତଙ୍କୁ ନିବେଦନ କରିଥିଲେ । ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ର ନବୀନ ପଟ୍ଟନାୟକଙ୍କ ବିକାଶ ର ଗଥା କହିବା ସହିତ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଆହୁରୀ ଟାଣ କରିବା ନିମନ୍ତେ ସମସ୍ତଙ୍କୁ କହିଥିଲେ ।

# ୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରହ୍ମପୁର ଗସ୍ତ




ବ୍ରହ୍ମପୁର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ଗତ ୨୮ ତାରିଖରେ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସର ଯୁବକ ଓ ଯୁବତୀ ମାନଙ୍କୁ ନେଇ ଏକ ଭିଡିଓ ବାର୍ତ୍ତା ମଧ ମରେ ଓଡ଼ିଆରେ ଧନର ଅଭାବ ନାହିଁ। ଓଡିଶା ବିକାଶିତ ରାଜ୍ୟରେ ପଛରେ ପଡ଼ିଯାଇଛି। ଓଡିଶା ଅସ୍ମିତା ଓଡ଼ିଆ ଭାଷା ପ୍ରତି ଅବହେଳା ଉପରେ ରାଜ୍ୟ ସରକାର ଉପରେ ଏକ ତେରେଛା ବାଣ ମାରିଛନ୍ତି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗଞ୍ଜାମ ଜିଲ୍ଲାର ପ୍ରଥମ କାର୍ଯ୍ୟକ୍ରମ। ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଦ ସ୍ପର୍ଶ ହେଲେ ଏହି ଅଞ୍ଚଳର ବହୁତ ଉନ୍ନତି ମୂଳକ ବିକାଶ ହୋଇ ପାରିବ ଏବଂ ସମସ୍ୟା ଆଉ ରହିବ ନାହିଁ। ଶ୍ରୀ ମୋଦି ଜୀ ଯୋଗ ଦେଇ ସାଧାରଣ ଲୋକଙ୍କୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି ବୋଲି ଆଜି ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀନଗର ସ୍ଥିତ ବ୍ରହ୍ମପୁର ଜୋନ ମିଡ଼ିଆ ସେଣ୍ଟର ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆସନ୍ତା ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରହ୍ମପୁର ଗସ୍ତକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଡ ପ୍ରଦୀପ ପାଣିଗ୍ରାହୀ ଏନେଇ ସୂଚନା ଦେଇଛନ୍ତି।

ବ୍ରହ୍ମପୁର ଉପକଣ୍ଠ ସ୍ଥିତ କନିସି ହାଟ ନିକଟସ୍ଥ ଏକ ବିରାଟ ପଡ଼ିଆ ଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତତ୍କାଳୀନ ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହା ରାଓ ବ୍ରହ୍ମପୁର ଆସି ଯୋଗ ଦେଇ ଥିବା ବେଳେ ଦୀର୍ଘ ପ୍ରାୟ ୨୬ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମ ରହିଛି। ଯାହା ଫଳରେ ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲାରେ ଜନସାଧାରଣଙ୍କ ସମେତ ଦଳୀୟ ନେତା ଓ କର୍ମି ମନରେ ଉତ୍କଣ୍ଠା ବୃଦ୍ଧି ପାଇଛି। ଏହି ସାଧାରଣ ସଭାରେ ଲକ୍ଷାଧିକ ଲୋକଙ୍କ ଜନ ସମାଗମ ହବ। ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଖବର ଶୁଣି ସାଧାରଣ ଲୋକଙ୍କ ସହିତ ନେତା ଓ କର୍ମୀ ମାନଙ୍କ ମନରେ ଉତ୍କଣ୍ଠା ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଠାରେ ଆଇଜର ପ୍ରତିଷ୍ଠା କରି ଥିବା ବେଳେ ବ୍ରହ୍ମପୁର ମେଡ଼ିକାଲ ଏମସ ଭଳି ସ୍ୱାସ୍ଥ୍ୟ ଚିକିତ୍ସା, ଗୋପାଳପୁର ଠାରୁ ଥିରୁବାଲି ପ୍ରକଳ୍ପ ଓ ବ୍ରହ୍ମପୁର ଠାରୁ ସମ୍ବଲପୁର ରେଳ ଲାଇନ, ମଡେଲ ରେଳଷ୍ଟେସନ ଭଳି ଅନେକ ଯୋଜନା ଉପରେ ବିକାଶ ଉପରେ ଫୋକସ କରିବେ। ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲା ସବୁଠାରୁ ବଡ ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ସୋସିଆଲ ମିଡିଆରେ ଛାଡ଼ନ୍ତୁ, ଯାହା ତାଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ପ୍ରଥମ ଅଗ୍ରାଧିକାର ଦେଇ ଫୋକସ କରିବେ ବୋଲି ଜିଲ୍ଲା ସଭାପତି ଡ ସୁବାସ ସାହୁ ମତବ୍ୟକ୍ତ କରିଥିଲେ। ବ୍ରହ୍ମପୁର ଜୋନ ମିଡ଼ିଆ ସଂଯୋଜକ ସୁନିଲ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଡ ସୁବାସ ସାହୁ, ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ କେ.ଅନିଲ କୁମାର, ଦିଗପହଣ୍ଡି ବିଧାନସଭା ପ୍ରାର୍ଥୀ ସିଦ୍ଧାନ୍ତ ମହାପାତ୍ର, ବରିଷ୍ଠ ନେତା ତଥା ଆଇନଜୀବୀ ପିତବାସ ପଣ୍ଡା, ପ୍ରଭାତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ବିଡ଼ିଏ ଅଧକ୍ଷ ଶରତ ପଟ୍ଟନାୟକ ଓ ତାଙ୍କ ସମର୍ଥକଙ୍କ ସହ ଆଜି ନରେନ୍ଦ୍ର ମୋଦିଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ବିଜେଡି ଛାଡି ବିଜେପିରେ ଯୋଗ ଦେଇଛନ୍ତି ବୋଲି ସେ କହିଛନ୍ତି।

୨୦୦୯ ମସିହା ଠାରୁ ତାଙ୍କୁ ବିଜେଡ଼ି ପକ୍ଷରୁ ଅଣଦେଖା କରାଯାଇଥିଲା। ତେବେ ସେ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଥିଲେ ବୋଲି ସେ କହିଛନ୍ତି। ସେହିପରି ଅବସରପ୍ରାପ୍ତ ସେନା କର୍ମଚାରୀ ଲଳିତ ମଙ୍ଗରାଜ ମଧ ବିଜେପିରେ ଯୋଗ ଦେଇଛନ୍ତି। କାରଗିଲ ଯୁଦ୍ଧ ସମୟ ଓ ୩୭୦ ଧାରା ଉଚ୍ଛେଦ ଏକ ପରିବର୍ତ୍ତନ ଆଣିପାରିଛି। ତାଙ୍କ ବିକାଶ ଧାରାରେ ଅନୁପ୍ରାଣୀତ ହୋଇ ସେ ଯେଗ ଦେଇଛନ୍ତି ବୋଲି କହିଛନ୍ତି ।

# ବୁଗୁଡ଼ା ବ୍ଲକ୍‌ରେ ବିଜେଡିର ନିର୍ବାଚନୀ ପ୍ରଚାର ଆରମ୍ଭ

ବୁଗୁଡା, (ସବ୍ୟୁ): ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟରେ ଆସନ୍ତା ମେ ୨୦ ତାରିଖ ଦିନ ଭୋଟ ଗ୍ରହଣ ହେବାକୁ ଥିବାବେଳେ ଗତ ଅପ୍ରେଲ ୩୦ ତାରିଖରେ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ନାମାଙ୍କନ ପତ୍ର ଦାଖଲ କରିବା ପରେ ଆଜି ବିଜୁ ଜନତା ଦଳ ପକ୍ଷରୁ ବୁଗୁଡା ବ୍ଲକର ଗ୍ରାମାଞ୍ଚଳରେ ନିର୍ବାଚନୀ ପ୍ରଚାରର ଶୁଭାରମ୍ଭ ହୋଇଯାଇଛି । ଅନ୍ତରପଡା ଗ୍ରାମସ୍ଥ ସାଙ୍କୁଳାଇ ମନ୍ଦିର ପୀଠରେ ମା'ଙ୍କ ପୂଜାର୍ଚ୍ଚନା ପୂର୍ବକ ପ୍ରଚାର କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା ।

ପ୍ରଚାର କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା ଓ ମହିଳା ସଭାନେତ୍ରୀ ଜ୍ୟୋସ୍ନାମୟୀ ଗୌଡ, ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା, ବୁଗୁଡ଼ା ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଗଞ୍ଜାମ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ ପ୍ରମୁଖଙ୍କ ସମେତ ଶହ ଶହ ଦଳୀୟ କର୍ମୀ ଓ କର୍ମକର୍ତ୍ତା ସାମିଲ ଥିଲେ ।

# ହୃଦ୍‌ଘାତରେ ୱାର୍ଡ ମେମ୍ବରଙ୍କ ମୃତ୍ୟୁ

ବୁଗୁଡ଼ା, (ସବ୍ୟୁ): ଗାଡି ଚଳାଇ ଆସୁଥିବା ବେଳେ ଅଧା ରାସ୍ତାରେ ହୋଇଗଲା ହାର୍ଟ ଆଟାକ । ଆଉ ଗାଡି ଭିତରେ ହିଁ ଚାଲିଗଲା ଜୀବନ। ଏମିତି ଏକ ଦୁଃଖଦ ଘଟଣା ଘଟିଛି ସଙ୍କୁରୁ -ବୁଗୁଡ଼ା ରାସ୍ତାର ବେତାରସିଂ ଗ୍ରାମ ନିକଟରେ। ମୃତକ ଜଣକ ହେଲେ ସଙ୍କୁରୁ ପଞ୍ଚାୟତର ୱାର୍ଡ ମେମ୍ବର ବିଧାନ ଶେଖର ପ୍ରଧାନ(୫୫ )। ପ୍ରକାଶ ଯେ, ବିଧାନ ସବୁଦିନ ଭଳି ଆଜି ମଧ ନିଜର ଟାଟା ମ୍ୟାଜିକ ଗାଡି ଧରି ସକାଳ ୫ଟାରେ ବୁଗୁଡ଼ା ଅଭିମୁଖେ ଆସୁଥିଲେ। ବୁଗୁଡ଼ା ପହଞ୍ଚିବା ପରେ ଭଡାରେ ଯାଇଥାନ୍ତେ। କିନ୍ତୁ, ଗାଡି ଚଳାଇ ଆସୁଥିବା ବେଳେ ହୃଦଘାତର ଶିକାର ହୋଇଗଲେ।

ଗାଡିକୁ ସ୍ଲୋ କରି ରାସ୍ତା କଡରେ ରଖିବା ବେଳେକୁ ଗାଡି ରାସ୍ତା ତଳକୁ ସାମାନ୍ୟ ଖସି ପଡିଥିଲା ଏବଂ ଗାଡି ଭିତରେ ହିଁ ଚାଲିଗଲା ତାଙ୍କର ଜୀବନ। ସେଠାରୁ ତାଙ୍କୁ ତୁରନ୍ତ ବୁଗୁଡ଼ା ମେଡିକାଲ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିଜ ଗାଡି ଚଳାଇ ପରିବାର ପ୍ରତିପୋଷଣ କରୁଥିବା ବିଧାନ ୱାର୍ଡ ମେମ୍ବର ମଧ ଥିଲେ । ତାଙ୍କ ମୃତ୍ୟୁରେ ଡ୍ରାଇଭର ମହାସଂଘ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘ ମୟୂରଭଞ୍ଜ ଶାଖାର ବୈଠକ



ବାରିପଦା, (ସବ୍ୟୁ) : ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘ ମୟୂରଭଞ୍ଜ ଶାଖାର ଏକ ଜରୁରୀ ବୈଠକ ଜିଲ୍ଲା ସଭାପତି ତଥା ବି.ବି ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡଃ ପ୍ରକାଶ ଚନ୍ଦ୍ର ଦାଶଙ୍କ ପୌରହିତ୍ୟରେ ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।

ଶିକ୍ଷକ ଓ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହିତ ସଂଘର ଅନ୍ୟତମ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟର ବିଦାୟୀ ଅଧକ୍ଷ ନଟବର ଗିରିଙ୍କୁ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ତାଙ୍କର ଦୀର୍ଘଦିନର କାମନା କରାଯାଇଥିଲା । ଏହି ବୈଠକରେ ଜିଲ୍ଲା ସମ୍ପାଦକ ପ୍ରତାପ କେଶରୀ ଷଡଙ୍ଗୀ, ମହିଳା ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତି ପ୍ରାଧାପକ ଉଷା ଶତପଥି, ନୂତନ ଅଧକ୍ଷ ଗୀତା ଶତପଥି, ପ୍ରାଧାପକ ପୂର୍ଣ୍ଣେନ୍ଦୁ ପାଲ, ବିଶ୍ୱଜିତ୍ ମହାନ୍ତ, କୁମରମଣି ନାୟକ, କୃପାସିନ୍ଧୁ ମହାକୁଡ, ପ୍ରଭାକର ସାହୁ, ଶ୍ରୀକାନ୍ତ ରାଉତ, ଅଣଶିକ୍ଷକ କର୍ମଚାରୀ ମିହିର ସନ୍ଧୁଆଳ ପ୍ରମୁଖ ବକ୍ତବ୍ୟ ରଖିବା ସହିତ ବିଦାୟୀ ଅଧକ୍ଷ ନଟବର ଗିରିଙ୍କର ଅବସରକାଳୀନ ଦୀର୍ଘଜୀବନ କାମନା କରିଥିଲେ ।

ଶିକ୍ଷକ ଓ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ପୂରଣ ଦିଗରେ ସରକାରଙ୍କର ଉଦାସୀନତା ମନୋଭାବ ପାଇଁ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇ ସମସ୍ୟା ଗୁଡିକର ଯଥାଶୀଘ୍ର ସମାଧାନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବା ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଶେଷରେ ଜିଲ୍ଲା ସମ୍ପାଦକ ପ୍ରତାପ କେଶରୀ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଜ୍ରପାତରେ ଦୁଇ ବାଳକ ଆହତ

ବୁଗୁଡ଼ା, (ସବ୍ୟୁ): ବୁଗୁଡା ବ୍ଲକ ବି.କରଡ଼ାବାଡ଼ି ପଞ୍ଚାୟତ ଅନ୍ତର୍ଗତ ଟଭାପଲ୍ଲୀ ଗ୍ରାମର ଦୁଇ ଜଣ ବାଳକ ବଜ୍ରପାତରେ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଆହତମାନେ ହେଲେ କେଟି ନାୟକ (୭) ଓ ଭୋଳା ନାୟକ(୧୩)। ପ୍ରକାଶ ଯେ, ବୁଧବାର ଅପରାହ୍ନରେ କାଳବୈଶାଖି ପ୍ରଭାବରେ ଝଡବର୍ଷା ସାଙ୍ଗକୁ ବଜ୍ରପାତ ଘଟିଥିଲା। ଏଥିରେ କେଟି ଓ ଭୋଳା ନିଜ ନିଜର ଘରେ ରହିଥିଲେ ହେଁ ବଜ୍ରପାତର ପ୍ରଭାବରେ ଅଚେତ ହୋଇ ପଡିଥିଲେ। ସେ ଦୁହିଁଙ୍କୁ ସଙ୍ଗେ ସଙ୍ଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ପ୍ରାଥମିକ ଉପଚାର ପରେ ସେମାନଙ୍କ ଚେତା ଫେରିଥିଲା ଏବଂ ସେମାନେ ଏବେ ସୁସ୍ଥ ଥିବା ଜଣାଯାଇଛି ।

# କେ. ଅନିଲ କୁମାରଙ୍କ ମାରାଥନ୍ ପ୍ରଚାର

ବ୍ରହ୍ମପୁର, (ସବ୍ୟୁ): ଆଜି ଦିନ ତମାମ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ଲଢୁଥିବା ବିଜେପି ପ୍ରାର୍ଥୀ କେ. ଅନିଲ କୁମାର ସହରରେ ମାରାଥନ୍ ପ୍ରଚାର କରିଛନ୍ତି । ସମଗ୍ର ବିଜିପୁର ଅଞ୍ଚଳ, କମାପଲ୍ଲୀ, କୃଷ୍ଣ ନଗର ଓ ରାମ ନଗର ପ୍ରଭୃତି ଅଞ୍ଚଳ ବୁଲି ବିଜେପିକୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ ।



ବ୍ରହ୍ମପୁରର ବିକାଶ ପାଇଁ ଓ ସହରରେ ଅରାଜକତାକୁ ହଟାଇବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ପ୍ରାର୍ଥି ଶ୍ରୀ ଅନିଲ ମୋତେ ବିଶ୍ୱାସକୁ ନିଅନ୍ତୁ ଓ ମୋତେ ବିଧାନସଭାକୁ ପଠାନ୍ତୁ ବୋଲି ଅନୁରୋଧ କରିଥିଲେ। ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ହେଲେ ବ୍ରହ୍ମପୁର ସ୍ମାର୍ଟ ସିଟି ହେବା ସହ ଯୁବକ ମାନଙ୍କୁ ନିଯୁକ୍ତି ମିଳିବ ବୋଲି ଶ୍ରୀ ଅନିଲ କୁମାର କହିଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମରେ ବିଜେପି ନେତା କାମନା ପାଢ଼ୀ, କ୍ରିଷ୍ଣା ଚୌଧୁରୀ, ଟି.ଗୋପୀ, ସୁଶାନ୍ତ ସାମଲ, ଧର୍ମରାଜ୍ ପାତ୍ର, ଅଶୋକ ଶୁକ୍ଳ, ବଦ୍ରି ନାୟକ, ଜଗଦିଶ ରାଓ, ରତ୍ନ ପ୍ରଭା ସରସ୍ୱତୀ, ମନିତା ଦାସ ଓ ବର୍ଷା ବିଦୁସ୍ମିତା ପ୍ରମୁଖ ଯୋଗ ଦେଇଥିଲେ ।

# ନାମାଙ୍କନ ଦାଖଲ କଲେ ବିଜେଡି ଲୋକସଭା ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ




ଫୁଲବାଣୀ, (ସବ୍ୟୁ): ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କନ୍ଧମାଳ ଲୋକସଭା ବିଜେଡି ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ ନାମାଙ୍କନ ପତ୍ର ଦାଖଲ ସହ ଫୁଲବାଣୀରେ ଶକ୍ତି ପ୍ରଦର୍ଶନ କରିଛନ୍ତି । ହଜାର ହଜାର ସମର୍ଥକ, ବିଜେଡି କର୍ମୀ ଓ ଡଃ ସାମନ୍ତଙ୍କୁ ଭଲପାଉଥିବା ସାଧାରଣ ଜନତାଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରା ସ୍ଥାନୀୟ ମାଦିକୁନ୍ଦା ଛକ ସ୍ଥିତ ଦଧିବାବନ ମନ୍ଦିରରେ ପୂଜାର୍ଚ୍ଚନା କରି ବାହାରି ଥିଲେ । ଏହି ଶୋଭାଯାତ୍ରା ଯିବା ସମୟରେ ଫୁଲବାଣୀ ମୁଖ୍ୟ ବଜାର ଲୋକାରଣ୍ୟ ହୋଇଯାଇଥିଲା ।

ସାଂସଦ ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ ପଟୁଆର କରି ବାଜା ବାଜଣାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଥିଲେ । ସେଠାରେ କନ୍ଧମାଳ ଜିଲ୍ଲାପାଳ ତଥା ରିଟର୍ନିଙ୍ଗ ଅଫିସର ଆଶିଷ ଈଶ୍ୱର ପାଟିଲଙ୍କୁ ତାଙ୍କ ନାମାଙ୍କନ ପତ୍ର ପ୍ରଦାନ କରିଥିଲେ । ସାଂସଦ ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ ବିଜେଡି ଦଳ ପକ୍ଷରୁ ଫୁଲବାଣୀ ଜିଲ୍ଲାପାଳଙ୍କ ଅଫିସରେ ନାମାଙ୍କନପତ୍ର ଦାଖଲ କରିସାରିଲା ପରେ ତାଙ୍କ ଜନ ସମର୍ଥନ ଦେଖି ଖୁସି ବ୍ୟକ୍ତ କରି ଗଣମାଧମ ଆଗରେ ତାଙ୍କ ବକ୍ତବ୍ୟ ରଖିଥିଲେ । ଏଥି ସହ ଫୁଲବାଣୀ ବିଧାନସଭା ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀମତୀ ଜୟଶ୍ରୀ କହଁର ମଧ ସେହି ଶୋଭାଯାତ୍ରାରେ ଯୋଗଦେଇ ଆଜି ସେ ମଧ ନିଜ ସମର୍ଥକଙ୍କ ସହ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନିଜ ନାମାଙ୍କନ ପତ୍ର ଦାଖଲ କରିଥିଲେ ।

ଏହି ଶୋଭାଯାତ୍ରାରେ ସାଂସଦଙ୍କ ସହ ଫୁଲବାଣୀ ବିଧାୟକ ପ୍ରାର୍ଥୀ ଜୟଶ୍ରୀ କହଁର, ଜି. ଉଦୟଗିରି ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ, ଦଶପଲ୍ଲା ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ଓ କଣ୍ଟାମାଳ ବିଧାୟକ ପ୍ରାର୍ଥୀ ମହୀଧର ରଣା, କନ୍ଧମାଳ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ, ସରୋଜ କର୍ଣ୍ଣ, ଶିବ ପ୍ରସାଦ ତ୍ରିପାଠୀ, ପୁନମ କହଁର ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ମଇ ଦିବସରେ ଶ୍ରମିକ ସମାଜକୁ ସଂଗଠିତ ହେବାକୁ ଆହ୍ୱାନ

ବାରିପଦା, (ସବ୍ୟୁ) : ବାରିପଦା ସହରସ୍ଥିତ ପାଲବଣୀଠାରେ ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତିର ଆନୁକୁଲ୍ୟରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ସମିତିର ସାଧାରଣ ସମ୍ପାଦକ କାହ୍ନୁଚରଣ ବେହେରାଙ୍କ ଅଧକ୍ଷତାରେ ଓ ସମିତିର ସଭାପତି ଅମଲ ଦେ ଓ ହିନ୍ଦ୍ ମଜଦୁର ସଂଘର ସଭାନେତ୍ରୀ ସିନଗୋଲତା ମାଝୀଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଟ୍ଟାବିହୀନ ବାସିନ୍ଦା ଟ୍ରଷ୍ଟର ସଭାପତି ନନ୍ଦ କୁମାର ମହାପାତ୍ର ମୁଖ୍ୟଅତିଥି ଓ ଅଧାପକ ଗୋପବନ୍ଧୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବକ୍ତାମାନେ ମଇ ଦିବସର ତାତ୍ପର୍ଯ୍ୟ ଓ ବର୍ତ୍ତମାନର ପରିପ୍ରେକ୍ଷୀରେ ପୁଞ୍ଜିବାଦ ଭାରତୀୟ ଗଣତନ୍ତ୍ରକୁ କିପରି ଗ୍ରାସ କରିବାକୁ ବସିଛି ଏବଂ ଶ୍ରମିକ ସମାଜ ସଙ୍ଗଠିତ ନହେଲେ ତାଙ୍କ ପାଇଁ ଆହୁରି କଠିନ ସମାଜ ଆସୁଛି ବୋଲି ଅବଗତ କରାଇଥିଲେ । ଆଲୋଚନା କାଳରେ ସର୍ବନିମ୍ନ ମଜୁରୀ ତାଲିକା ଶ୍ରମ ଅଫିସ ଓ ମୁଖ୍ୟ ସ୍ଥାନ ମାନଙ୍କରେ ଲଗାଇବା, ମୟୂରଭଞ୍ଜରେ କର୍ମ ନିଯୁକ୍ତିର ସମ୍ଭାବନ ସୃଷ୍ଟି ପାଇଁ କାରଖାନା ସ୍ଥାପନ, ଶ୍ରମିକମାନଙ୍କ ପ୍ରାପ୍ୟ ଆବେଦନକୁ ପଞ୍ଜୀକୃତ କରିବା, ପଞ୍ଜୀକୃତ ନାମର ରିନ୍ୟୁୱାଲ ଠିକ ସମୟରେ କରିବା ପାଇଁ ଦାବି ହୋଇଛି । ପ୍ରାରମ୍ଭରେ ସୁବାସିନୀ ବିନ୍ଧାଣୀ ସଂଗଠନର ପତାକା ଉତ୍ତୋଳନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ପ୍ରଫୁଲ୍ଲ ମହାନ୍ତି, ମହେଶ୍ୱର ବେହେରା, ଗୌର କାଳନ୍ଦି, ଅରୁଣ ପାରମାର, ସୁମିତ୍ରା ସିଂ, ସୋମବାରୀ ସି, ସୁକାନ୍ତି ସାହୁ, ସନ୍ଧ୍ୟା ସାହୁ ଓ ବବିତା ଗିରି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଏମ୍‌ପିସି ସ୍ୱୟଂଶାସିତ କଲେଜ ଭୁତତ୍ତ୍ୱ ଓ ଦର୍ଶନ ବିଭାଗ ପକ୍ଷରୁ ପାନୀୟ ଜଳ ବିତରଣ କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୁତତ୍ତ୍ୱ ଓ ଦର୍ଶନ ବିଭାଗ ପକ୍ଷରୁ ଜୈବିକ ପାନୀୟ ଜଳ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜର ଛାତ୍ରଛାତ୍ରୀ ଓ କର୍ମଚାରୀ ମାନଙ୍କୁ ଜଳଜିରା ମିଶ୍ରିତ ଲେମ୍ବୁ ପାଣି ବଣ୍ଟନ କରାଯାଇଥିଲା । କଲେଜର ଅଧକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ ।

ଦର୍ଶନ ବିଭାଗ ମୁଖ୍ୟ ଡଃ ଦୀପକ କୁମାର ବେହେରା, ଅଧାପକ ଡଃ ନରେନ୍ଦ୍ର ପ୍ରସାଦ ବେହେରା, ଗୌତମ ପରିଡା, ବାହା ମାରାଣ୍ଡି ଓ ଭୁତତ୍ତ୍ୱ ବିଭାଗର ଅଧାପକ-ଅଧାପିକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା । ଏହି ଅବସରରେ ମାନବ ଜୀବନରେ ଜଳର ଉପକାରିତା ନେଇ ଏକ ପ୍ରାଚୀର ଦସ୍ତଖତ ଅଭିଯାନ ଓ ଜଣା ଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜଣାଅଜଣା ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ବୃକ୍ଷ ଚାରା ପ୍ରଦାନ କରାଯାଇଥିଲା । ଏକାଡେମିକ ମୁଖ୍ୟ ଡଃ ଆଲବେର୍ଟିନା ତିର୍କୀ, ବିତ୍ତୀୟ ମୁଖ୍ୟ ଡଃ ଆଶୁତୋଷ ପ୍ରୟାସ ଦାଶ, ଇତିହାସ ବିଭାଗ ମୁଖ୍ୟ ଡ. ରତ୍ନୀ ହାଁସଦା ଓ ଅନ୍ୟ ଅଧାପକ ଅଧାପିକା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଭୁତତ୍ତ୍ୱ ଓ ଦର୍ଶନ ବିଭାଗର ଛାତ୍ରଛାତ୍ରୀ, ଜାତୀୟ ସେବା ଯୋଜନା ଓ ରୋଭର୍ସ ରେଞ୍ଜରସ୍ ସ୍ୱେଚ୍ଛାସେବୀ ମାନେ ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟଣରେ ସହଯୋଗ କରିଥିଲେ ।

# ରାଜନୈତିକ ଦଳ ପ୍ରତିନିଧିମାନଙ୍କ ଗହଣରେ ପର୍ଯ୍ୟବେକ୍ଷକଙ୍କ ବୈଠକ



ଛତ୍ରପୁର, (ସବ୍ୟୁ): ଚଳିତ ମଇମାସ ୧୩ ତାରିଖରେ ଏବଂ ୨୦ ତାରିଖରେ ଦୁଇଟି ପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲାରେ ମତଦାନ ହେବ। ଏଥି ସକାଶେ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ଜିଲ୍ଲାରେ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଭାରତୀୟ ନିର୍ବାଚନ କମିଶନରଙ୍କ ତରଫରୁ ଜିଲ୍ଲାରେ ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକଗଣ ଜିଲ୍ଲାରେ ଉପସ୍ଥିତ ରହି ସମସ୍ତ ଗତିବିଧି ଉପରେ ନଜର ରଖିଛନ୍ତି ।

ମଙ୍ଗଳବାର ସଂଧ୍ୟା ସମୟରେ ଜିଲ୍ଲା ପରିଷଦ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନେଇ ନିର୍ବାଚନ ଖର୍ଚ୍ଚ ପରିଚାଳନା, ଆଦର୍ଶ ଆଚରଣବିଧିର ଅନୁପାଳନ ଏବଂ ଅନ୍ୟାନ୍ୟ ସମସ୍ତ ବିଷୟ ନେଇ ଆଲୋଚନା ହୋଇଯାଇଛି। ୨୦- ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀର ସାଧାରଣ ପର୍ଯ୍ୟବେକ୍ଷକ ସ୍ୱରୂପ ପି ( ଯୋଗାଯୋଗ ନମ୍ବର-୯୬୯୨୧୯୪୧୪୫) ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୌରଭ ଦୁବେ (ଯୋଗାଯୋଗ ନମ୍ବର-୯୬୯୨୨୦୧୫୩୦) ଏବଂ ୨୦-ବ୍ରହ୍ମପୁର ଲୋକସଭା ଏବଂ ୧୩୪- ଦିଗପହଣ୍ଡି ବିଧାନ ସଭା ସାଧାରଣ ପର୍ଯ୍ୟବେକ୍ଷକ (ଯୋଗାଯୋଗ ନମ୍ବର-୮୧୪୪୨୧୧୨୦୫) ଅନ୍ ଲାଇନ୍ ମାଧମରେ ଉପସ୍ଥିତ ରହି ନିର୍ବାଚନ ମଇଦାନରେ ଓହ୍ଲାଇଥିବା ପ୍ରାର୍ଥୀଗଣ ନିର୍ବାଚନ ଖର୍ଚ୍ଚକୁ ସଠିକ ଭାବରେ ଉଲ୍ଲେଖ କରିବା ନେଇ ପରାମର୍ଶ ଦେଇଥିଲେ। ସମସ୍ତ ଖର୍ଚ୍ଚର ବିବରଣୀ ରେଜିଷ୍ଟରରେ ଲିପିବଦ୍ଧ କରିବେ । ଏହି ଖର୍ଚ୍ଚ ପୁସ୍ତିକାକୁ ସମୟ ବ୍ୟବଧାନରେ ତଦାରଖ କରିବା ନିମନ୍ତେ ଦାଖଲ କରିବାକୁ କୁହାଯାଇଥିଲା ।

ଦ୍ୱିତୀୟ ପର୍ଯ୍ୟାୟ ରାଣ୍ଡାମାଇଜେସନ୍ ବେଳେ ପ୍ରାର୍ଥୀଙ୍କୁ କିମ୍ବା ପ୍ରାର୍ଥୀଙ୍କ ପ୍ରତିନିଧି ଗଣଙ୍କୁ ଉପସ୍ଥିତ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା । କୌଣସି ଠାରେ ଆଚରଣବିଧି ଉଲଂଘନ କର୍ଯ୍ୟକଳାପ ନଜରକୁ ଆସିଲେ ସେ ସମ୍ପର୍କରେ ଇ-ଭିଜିଲ୍ ଆପ୍ ରେ ଅଭିଯୋଗ ଦାଖଲ କରିବାକୁ କୁହାଯାଇଥିଲା। ମତଦାନ ପରେ ଇଭିଏମ୍ ଗଚ୍ଛିତ ଥିବା ଗୃହକୁ ନଜର ରଖିବା ପାଇଁ ପ୍ରାର୍ଥୀଙ୍କ ପ୍ରତିନିଧିଗଣ ରହିବା ବ୍ୟବସ୍ଥା ସମ୍ପର୍କରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା ଅବଗତ କରାଇଥିଲେ।

ଚଳିତ ନିର୍ବାଚନରେ ପ୍ରଥମ କରି ହୋମ୍ ଭୋଟ୍ ଦେବାର ସୁବିଧା କରାଯାଇଥିବା ଅବଗତ କରାଇଥିଲେ । ନିର୍ଦ୍ଦିଷ୍ଟ ଫର୍ମ ପୂରଣ କରି ୮୫ ବର୍ଷରୁ ଉର୍ଦ୍ଧ୍ୱ ଭାରତୀୟ ନାଗରିକଙ୍କ ଭୋଟ ଦେବାର ବ୍ୟବସ୍ଥା କରାଯାଇଥିବା ଜଣାଇ ଦିଆଯାଇ ଏହାର ପ୍ରକ୍ରିୟା ସମ୍ପର୍କରେ ସୁବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା । ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଗାଡି ଗୁଡିକର ଅନୁମତି ଗ୍ରହଣ କରି ଅନୁମତି ପତ୍ର ଗାଡିରେ ଲଗାଇ ବ୍ୟବହାର କରିବାକୁ କୁହାଯାଇଛି। ନିର୍ବାଚନର ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇ ଏହାର ସୁବିଧା ଏବଂ ବ୍ୟବହାର ଦିଗରେ ସମସ୍ତ ପ୍ରତିନିଧି ମାନଙ୍କୁ ଅବଗତ କରାଯାଇଥିଲା ।

ବୈଠକରେ ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ରିଟର୍ଣ୍ଣିଂ ଅଧିକାରୀ ମଧୁମିତା, ସହକାରୀ ମୁଖ୍ୟ ଉନ୍ନୟନ ଅଧିକାରୀ -ତଥା- ରିଟର୍ଣ୍ଣିଂ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ ମଞ୍ଚାସୀନ ରହି ନିର୍ବାଚନର ସମସ୍ତ ବ୍ୟବସ୍ଥା, ସୁବିଧା ଏବଂ ପରିଚାଳନା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ ।

## ମଦ ଚାଲାଣକୁ ନେଇ ଉତ୍ତେଜନା : ଯୁବକଙ୍କୁ ହତ୍ୟା ଧମକ

ଠାକୁରଗଡ଼, (ସବ୍ୟୁ): ହଣ୍ଡପା ଥାନା ଅଞ୍ଚଳରେ କିଛି ଦିନ ହେବ ଚୋରା ମଦ କାରବାର ବୃଦ୍ଧି ପାଇଛି । ବୁଧବାର ଦିନ ପାପସରା ଗ୍ରାମକୁ ବାଇକ ଯୋଗେ ଚୋରା ପାଉଚ ମଦ ଚାଲାଣ କରୁଥିବା ବେଳେ ବିରୋଧ କରିବାରୁ ପାପସରା ଗ୍ରାମର ସଞ୍ଜୟ ପ୍ରଧାନଙ୍କୁ ଜଣେ ଅଣ ଓଡିଆ ବ୍ୟକ୍ତି ସଞ୍ଜୟ ପ୍ରସାଦ ଗୁପ୍ତା ହତ୍ୟା ଧମକ ଦେଇଥିବା ସଞ୍ଜୟ ପ୍ରଧାନ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ କୁ ଭିତି କରି ପୋଲିସ ନମ୍ବର ୧୭୨/୨୪ ରେ ଏକ ମାମଲା ରୁଜୁ କରିଛି ।

ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଯେ ସଞ୍ଜୟ ପ୍ରସାଦ ଗୁପ୍ତା ହଣ୍ଡପା ଠାରେ ଥିବା ଦେଶୀ ମଦ ଭାଟି ରେ ମ୍ୟାନେଜର ଭାବରେ କାମ କରୁଛନ୍ତି । ସେ ଏକ ନମ୍ବର ବାଇକ (ଓଆର ୧୯ ଟି ୦୧୨୦ ) ମାଧ୍ୟମରେ ଏକ ବସ୍ତା ପାଉଚ ବୋଝେଇ କରି ପାପସରା ଗ୍ରାମକୁ ଆଣି ବିଭିନ୍ନ ଝୁମ୍ପୁଡିକୁ ଚାଲାଣ କରୁଥିଲେ । ଏନେଇ ସଞ୍ଜୟ ପ୍ରଧାନ ଆଗରୁ ନିର୍ବାଚନ ଥିବା ବେଳେ ଚୋରା ମଦକୁ ନେଇ ବିରୋଧ କରିଥିଲେ । ପରେ ଏଥିରେ ସଞ୍ଜୟ ପ୍ରସାଦ ଗୁପ୍ତା ଉତକ୍ଷିପ୍ତ ହୋଇ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲେଖ କରିଛନ୍ତି ।

ଏନେଇ ସଞ୍ଜୟ ପ୍ରସାଦ ଗୁପ୍ତା ଏକ ପାଲଟା ଅଭିଯୋଗ କରିଛନ୍ତି । ସେ ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ ସେ ତାଙ୍କ ଲାଇସେନ୍ସ ପ୍ରାପ୍ତ ଅଞ୍ଚଳକୁ ପାଉଚ ମଦ ନେଉଥିବା ବେଳେ ସଞ୍ଜୟ ପ୍ରଧାନ ତାଙ୍କୁ ଅଟକାଇ ମଦ ମାଗିଥିଲେ ସେ ନଦେବାରୁ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତି କରି ନମ୍ବର ୧୭୩/୨୪ରେ ଏକ ମାମଲା ରୁଜୁ କରିଛନ୍ତି ।

## ୨.୬୦ ଲକ୍ଷ ଟଙ୍କାର ହିରୋଇନ ଜବତ, ଜଣେ ଗିରଫ



କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର ଅବକାରୀ ବିଭାଗ କୁ ବଡ଼ ସଫଳତା। ୨୬ ଗ୍ରାମ ହିରୋଇନ ସହ ଜଣକୁ ଗିରଫ କରିଛି ଅବକାରୀ ବିଭାଗ । ଆଜି ଢେଙ୍କାନାଳ ଜିଲ୍ଲା ଅବକାରୀ ବିଭାଗର ଏକ ସ୍ପେଶାଲ ଟିମ କୌଣସି ସୂତ୍ରରୁ କାମାକ୍ଷାନଗର ସହରରେ ହିରୋଇନ କାରବାର ହେଉଥିବା ଖବର ପାଇଥିଲେ। ସହରର ଲକ୍ଷ୍ମୀବଜାରର ଆଶିଷ କୁମାର ନାଏକଙ୍କ ଘରେ ଏହି ଟିମ ଚଢ଼ାଉ କରି ୨୬ ଗ୍ରାମ ହିରୋଇନ ସହ ଆଶିଷକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜବତ ହିରୋଇନର ଆନୁମାନିକ ମୂଲ୍ୟ ୨ଲକ୍ଷ ଷାଠିଏ ହଜାର ଟଙ୍କା ହୋଇଥିବା ବେଳେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ତରଫରୁ ଜୋରଦାର ଚଢ଼ାଉ ଜାରି ରହିବା ନେଇ ସୂଚନା ମିଳିଛି । ଢେଙ୍କାନାଳ ଅବକାରୀ ଇନ୍ସପେକ୍ଟର ସତିକା ବେସନାଙ୍କ ନେତୃତ୍ୱରେ ଏସଆଇ ପୁରୁଷୋତ୍ତମ ମିଶ୍ର ଓ ଅନ୍ୟ କର୍ମଚାରୀ ମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ ।

# ବନ୍ତଳାରେ ବିଜେଡିର ଆଶୀର୍ବାଦ ସମାବେଶ

ଅନୁଗୁଳ, (ସବ୍ୟୁ): ସାଧାରଣ ନିର୍ବାଚନ ପୂର୍ବରୁ ଆଜି ଅନୁଗୁଳ ବ୍ଲକ୍ ବନ୍ତଳାରେ ଶକ୍ତି ପ୍ରଦର୍ଶନ କରିଛି ବିଜେଡି । ନବୀନ ସରକାରଙ୍କ ସଫଳତାକୁ ଲୋକଙ୍କ ଆଗରେ ରଖି ଯୋଡ଼ିଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ଅନୁଗୁଳ ବିଧାୟକ ପ୍ରାର୍ଥୀ ସଂଯୁକ୍ତା ସିଂହ । ବିଜେଡି ହିଁ ଏହି ଅଞ୍ଚଳର ବିକାଶ କରିପାରିବ ବୋଲି ଉଭୟ ନେତା କହିବା ସହ ଜନସାଧାରଣଙ୍କ ଆଶୀର୍ବାଦ ମାଗିଛନ୍ତି । ଏହା ସହ ବିଜେପି ସରକାରଙ୍କ ବିଫଳତାକୁ ପ୍ରସଙ୍ଗ କରି ଲୋକଙ୍କ ରାୟ ମାଗିଛନ୍ତି । ବନ୍ତଳା ମଦନମୋହନ ଛକ ପଡ଼ିଆରେ ଗୁରୁବାର ସକାଳେ ଆୟୋଜିତ ଏହି ଆଶୀର୍ବାଦ ସମାବେଶରେ ବିଜେଡି ସାଂସଦ ପ୍ରାର୍ଥୀ ଡା. ଅବିନାଶ ସାମଲ କହିଥିଲେ, ଅନୁଗୁଳ ବ୍ଲକ୍ ର ଭାତହାଣ୍ଡି କୁହାଯାଉଥିବା ବନ୍ତଳା ଅଞ୍ଚଳରେ ଜଳସେଚନ ସୁବିଧା, ଯୁବକମାନଙ୍କୁ ନିଯୁକ୍ତି ଓ ମହିଳାଙ୍କୁ ଆତ୍ମ ନିର୍ଭରଶୀଳ କରିବାକୁ ସେ ପ୍ରାଥମିକତା ଦେବେ । ଏହି ଅଞ୍ଚଳର ସାମଗ୍ରିକ ବିକାଶ ସହ ଅନୁଗୁଳ ଓ ଢେଙ୍କାନାଳକୁ ଉନ୍ନତି ପଥରେ ଆଗେଇ ନେବାକୁ ପଡ଼ିବ ।



ଏଥିପାଇଁ ବିଜେଡି ସରକାର ଅନେକ କାମ କରିଛନ୍ତି । ଏହି ବିକାଶ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ସେ ଅନୁରୋଧ କରିଥିଲେ । ବିଧାୟକ ପ୍ରାର୍ଥୀ ସଂଯୁକ୍ତା ସିଂହ କହିଥିଲେ ଯେ, ତାଙ୍କ ପରି ଜଣେ ସାଧାରଣ ମହିଳାଙ୍କୁ ନବୀନବାବୁ ବିଧାୟକ ଟିକେଟ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କର ମହିଳାଙ୍କ ପ୍ରତି ରହିଥିବା ସମ୍ମାନ ଏଥିରୁ ପ୍ରମାଣିତ ହେଉଛି ।

ଏହି ସମାବେଶରେ ଅନୁଗୁଳ ବିଧାୟକ ରଜନୀକାନ୍ତ ସିଂହ, ଅନୁଗୁଳ ଜିଲ୍ଲା ବିଜେଡି ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ଅନୁଗୁଳ ଜିଲ୍ଲା ବିଜେଡି ସଭାପତି ହେନ୍ଦ୍ର ବସ୍ତିଆ, ଅନୁଗୁଳ ନିର୍ବାଚନ ମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଅରୁପ ଶ୍ରୀଚନ୍ଦନ, ବରିଷ୍ଠ ବିଜେଡି ନେତା ବିପ୍ଳବ ଜେନା, ମୀନକେତନ ଅମାନ୍ତ, ଅନୁଗୁଳ ବ୍ଲକ ଅଧକ୍ଷା ରାଜଶ୍ରୀ ସାହୁ, ଅନୁଗୁଳ ବ୍ଲକ ବିଜେଡି ସଭାପତି ଦୁର୍ଯ୍ୟୋଧନ ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ ଓ ଧ୍ରୁବ ଚରଣ ଦେହୁରୀ, ବରିଷ୍ଠ ବିଜେଡି ନେତା ନିର୍ମଳ ସାହୁ, ଦୁର୍ଗା ଚରଣ ପ୍ରଧାନ, ସମବାୟ ନିର୍ଦ୍ଦେଶକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବିଜେଡି ପଞ୍ଚାୟତ ସଭାପତି, ସକ୍ରିୟ ଦଳୀୟ ସଦସ୍ୟ ଓ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ । ଏଥି ସହିତ ଅନୁଗୋଳ ବ୍ଲକ କାଙ୍ଗୁଲା ବେନ୍ତପୁର ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ଶ୍ରୀ ମନୋରଞ୍ଜନ ତ୍ରିପାଠୀ ଓ ତାଙ୍କ ସମର୍ଥକ, କାଙ୍ଗୁଲା ଗ୍ରାମର ପ୍ରବୀର୍ ମହାରଣା ଓ ତାଙ୍କ ସମର୍ଥକ ବିଜେପି ଓ କଂଗ୍ରେସ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି । ଏଥି ସହିତ ବେଡା ଶାସନ ଗ୍ରାମ ପଞ୍ଚାୟତ ବେଡ଼ା ଗ୍ରାମର ଅଜୟ ଦ୍ୱିବେଦୀ, ଦିଲ୍ଲୀପ ଦାସ, ଦିଲ୍ଲୀପ ବିଶ୍ୱାଳ ବିଜେପି ଦଳ ପରିତ୍ୟାଗ କରି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି ।

ସୁସୁଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସୌମ୍ୟରଞ୍ଜନ ମହାପାତ୍ର କଂଗ୍ରେସ ଦଳ ପରିତ୍ୟାଗ କରି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି । ଏଥି ସହିତ ବହୁଜନ ସମାଜବାଦୀ ପାର୍ଟିର ଜିଲ୍ଲା ସଭାପତି ସତ୍ୟବାନ୍ ଦାସ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି । ଏଥି ସହିତ ବଲାସିଂହା ଗ୍ରାମ ପଞ୍ଚାୟତ ବିଶ୍ୱାନଥପୁର୍ ଗ୍ରାମର ୱାର୍ଡ ମେମ୍ବର ମାମି ସେଠୀ ବିଜେପି ଦଳ ପରିତ୍ୟାଗ କରି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି ।

ଏଥି ସହିତ ନନ୍ଦପୁର ଗ୍ରାମ ପଞ୍ଚାୟତ ରାଜନଗର ଗ୍ରାମ, କରତପଟା ଗ୍ରାମର କାଳନ୍ଦୀ ବେହେରା, ସୁରେନ୍ଦ୍ର ଦେହୁରୀ, ପରିତୋଷ ପ୍ରଧାନ ଓ ତାଙ୍କ ସମର୍ଥକ କଂଗ୍ରେସ ଓ ବିଜେପି ଦଳ ପରିତ୍ୟାଗ କରି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି । ଏଥି ସହିତ ଅନୁଗୋଳ ଜୟ ଭୀମ ଫାଉଣ୍ଡେସନର ମୁଖ୍ୟ କର୍ମକର୍ତ୍ତା ଶ୍ରୀ ମୋହନ ନାଏକଙ୍କ ନେତୃତ୍ୱରେ ଉଭୟ ପ୍ରାର୍ଥୀ ବିଜେଡି ସାଂସଦ ଓ ବିଧାୟିକା ପ୍ରାର୍ଥୀନୀଙ୍କ ସମର୍ଥନ ଜଣାଇଛନ୍ତି ।

## ପରଜଙ୍ଗ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥିପତ୍ର ଦାଖଲ କଲେ କଂଗ୍ରେସ ପ୍ରାର୍ଥୀ ରଞ୍ଜିତ

କାମାକ୍ଷାନଗର, (ସବ୍ୟୁ): ୫୮ ନମ୍ବର ପରଜଙ୍ଗ ବିଧାନସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ପରଜଙ୍ଗ ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ରଞ୍ଜିତ କୁମାର ସାହୁ ଆଜି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କାମାକ୍ଷାନଗର ସହରର ଆଳତୁମା ସ୍ଥିତ ତାରିଣୀ ମନ୍ଦିର ଠାରୁ ପୂଜାର୍ଚ୍ଚନା କରି ଦଳୀୟ ସମର୍ଥକ ଓ ଶୁଭେଚ୍ଛୁଙ୍କ ସହ ରାଲି କରି କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ପରଜଙ୍ଗ ବିଧାନସଭା ପାଇଁ ନିର୍ବାଚନ ଅଧିକାରୀ ଥିବା ଅନିତା ପାତ୍ରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ରଞ୍ଜିତ । ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ବିଜେପି ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳୁଥିବାବେଳେ କଂଗ୍ରେସ ନିଜର ଗ୍ୟାରେଣ୍ଟି କାର୍ଡ, ଚାଷୀଙ୍କ ସମସ୍ୟା, ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ନେଇ ଚଳିତ ନିର୍ବାଚନରେ ନିଜର ସ୍ଥିତି ଦୃଢ କରିବା ସହ ବିଜେଡି ଓ ବିଜେପିକୁ ଚକମା ଦେବା ପାଇଁ ପ୍ରସ୍ତୁତ ହେଉଛି । ଏହି ପ୍ରାର୍ଥୀପତ୍ର ଦାଖଲ ଶୋଭାଯାତ୍ରାରେ କଂଗ୍ରେସ ଦଳ ତରଫରୁ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ହୋଇଥିବା ସସ୍ମିତା ବେହେରାଙ୍କ ସମେତ ଶତାଧିକ ଦଳୀୟ ନେତୃତ୍ୱ ଯୋଗଦେଇ ଆଗାମୀ ଦିନରେ କଂଗ୍ରେସ ଢେଙ୍କାନାଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତା କାର୍ଯ୍ୟକୁ ନେଇ ଲୋକଙ୍କ ପାଖରେ ପହଂଚିବା ସହ ବିପୁଳ ଭୋଟରେ ବିଜୟୀ ହେବା ନେଇ ଆଶା ରଖିଛି।

## ଟ୍ରକ ମାଲିକଙ୍କ ଉପରେ ଦାଉ ସାଜୁଛି ପ୍ରଶାସନ : ବେଢ଼ି ଉପରେ କୋରଡ଼ା ମାଡ଼

ତାଳଚେର, (ସବ୍ୟୁ): ତାଳଚେର ଅଂଚଳରେ ରହିଥିବା ସମସ୍ତ କୋଇଲା ଖଣି ଗୁଡିକରେ ସ୍ଥାନୀୟ କ୍ଷତିଗ୍ରସ୍ତ ପ୍ରଜାମାନେ ଚାକିରୀ ନପାଇବା ଫଳରେ ସେମାନଙ୍କର ପେଟପାଟଣା ପାଇଁ ବିଭିନ୍ନ ଫାଇନାନ୍ସରୁ ଲୋନ କରି ଖଣ୍ଡିଏ ଖଣ୍ଡିଏ ଟ୍ରକ କରି ବେପାର ବଣିଜ କରିବା ସହ ନିଜର ପରିବାର ପ୍ରତିପୋଷଣା କରିଥାନ୍ତି । ପ୍ରଶାସନର ମାତ୍ରାଧିକ ହସ୍ତକ୍ଷପ ଫଳରେ ସେମାନଙ୍କ ଅବସ୍ଥା ବର୍ତ୍ତମାନ ଅତି ଶୋଚନୀୟ ହୋଇଛି ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ଏହା ସେମାନେ ଅଭିଯୋଗ କରିଛନ୍ତି ।

ପ୍ରଶାସନ ପକ୍ଷରୁ ହସ୍ତକ୍ଷେପ ଯୋଗୁଁ ୨୦୧୯ ମସିହାରେ କୋଇଲା ପରିବହନକୁ କିପରି ସୂଚାରୁପେ ପରିବହନ କରିହେବ ଓ ତାଉପରେ କି ପ୍ରକାର ବ୍ୟବସ୍ଥା କରାଗଲେ ତାଳଚେରର କ୍ଷତିସ୍ରସ୍ତ ପ୍ରଜା ଓ ବେକାରୀ ଯୁବକ ତାଙ୍କର ପରିବାର ଓ ଗୁଜୁରାଣ ମେଣ୍ଟାଂଇବେ ସେଥିନେଇ ଏକ ବୈଠକ କରାଯାଇଥିଲା । ଏବଂ ଅନ୍ୟ ଗୋଟିଏ ବୈଠକରେ ତାର ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଥିଲା । ସେହି ବୈଠକରେ ଆରଟିଓଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଭଡ଼ାର ସେହି ବୈଠକରେ ତାକୁ ସ୍ୱୀକୃତୀ ଦିଅଯାଇଥିଲା । ଭଡ଼ାର ପ୍ରଣାଳୀକୁ ଆଧାର କରି ଟ୍ରକ ମାଲିକସଂଘ ତାଳଚେର ଦ୍ୱାରା ଭଡ଼ା ପ୍ରସ୍ତୁତ କରାଯିବାକୁ ଦାୟୀତ୍ୱ ଦିଆଯାଇଥିଲା । ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ (୨୦୨୩) ଶେଷ ସୁଦ୍ଧା ଏହି ପ୍ରଣାଳୀରେ ଚାଲି ଆସିଥିଲା । କିନ୍ତୁ ବର୍ତ୍ତମାନ ସମୟରେ ଜିଲ୍ଲା ଅଧିକାରୀ ଦେଇଥିବା ନୋଟିସ୍ (କୋର୍ଟ ଆଦେଶ) ଦ୍ୱାରା ଏହା ସମ୍ପୂର୍ଣ୍ଣ ଓଲଟା ହୋଇଛି । ସେହି ନିଷ୍ପତି ଅନୁଯାୟୀ ଟ୍ରକ ମାଲିକମାନଙ୍କୁ ବହୁମାତ୍ରାରେ କ୍ଷତି ପଂହଚାଇଛି ।

ଯଦି କେହି ପରିବହନକାରୀ ତାର ସ୍ୱାର୍ଥପାଇଁ ଅଦାଲତ ପାଖକୁ ଯାଇ ତାର ନିଜସ୍ୱ ଲାଭ ପାଇଁ ଜିଲ୍ଲା ପ୍ରଶାସନ କରିଥିବା ପୂର୍ବ ଏମୟୁ ବିରୁଦ୍ଧରେ ଯାଏ ଏବଂ ତାକୁ ଆଖି ଆଗରେ ରଖି ଜମିହରା ବିସ୍ଥାପିତ ତାଳଚେରର ୫ହଜାର ଟ୍ରକ ମାଲିକ ବିରୁଧରେ ପୂର୍ବ ପ୍ରଶାସନ ଓ ଅଧିକାରୀ କରିଥିବା ନିୟମକୁ ଆଗ୍ରହ କରି ଦିଆଯିବାରୁ ରାଜ୍ୟ ଟ୍ରକମାଲିକ ମହାସଂଘ କାର୍ଯ୍ୟକାରୀ ସଭାପତି – ଦିଲ୍ଲୀ ପାଣି ଏହା ଦୁଃଖର ସହ ପ୍ରକାଶ କରିଛନ୍ତି । ତେବେ ସେ ଆହୁରି କହିଛନ୍ତି ପ୍ରତ୍ୟେକ କୋଇଲା ଖଣି ଗୁଡ଼ିକରୁ ରେଳଯୋଗେ ଦୈନନ୍ଦିନ କୋଇଲା ପରିବହନ କରାଯାଉଥିବାରୁ ଟ୍ରକମାଲିକମାନେ ପ୍ରଚୁର ପରିମାଣରେ ପରିବହନର ସୁଯୋଗ ପାଉନାହାନ୍ତି ଓ ଦରଦାମ ବୃଦ୍ଧି ସତ୍ୱେ ସେମାନଙ୍କର ନ୍ୟାର୍ଯ୍ୟ ଭଡ଼ାକୁ ପରିବହନକାରୀ ସଂସ୍ଥାମାନେ ଯୋରଜବରଦସ୍ତ ଭଡ଼ାକାଟି କିଛି ପରିବହନକାରୀ ଚାଲାଣ ଉପରେ ଭଡ଼ା ଲେଖୁନଥିବା ଅଭିଯୋଗ କରିଛନ୍ତି । ତେଣୁ ତୁରନ୍ତ ସ୍ଥାନୀୟ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଟ୍ରକ ମାଲିକଙ୍କୁ ଉପଯୁକ୍ତ ଭଡ଼ା ଓ ପ୍ରଚୁର ପରିମାଣରେ କୋଇଲା ପରିବହନ ପାଇଁ ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସୁରେଶ ସାହୁ, ନିରଞ୍ଜନ ପ୍ରଧାନ, ଧିରେନ୍ ଦାସ, ହୃଦୟ ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେଡ଼ିରୁ ବ୍ରଜକିଶୋର ଓ କଂଗ୍ରେସରୁ ପ୍ରଫୁଲ୍ଲ ଦାସଙ୍କ ମନୋନୟନପତ୍ର ଦାଖଲ

ସାଉଥବଲଣ୍ଡା/ଗୋଡ଼ିବନ୍ଧ, (ସବ୍ୟୁ): ଆଗାମୀ ମେ ୨୫ତାରିଖରେ ମତଦାନ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ତାଳଚେର ବିଧାନସଭା କ୍ଷେତ୍ର ନିମନ୍ତେ ବିଭିନ୍ନ ଦଳର ପ୍ରାର୍ଥୀଙ୍କ ମନୋନୟନ ପତ୍ର ଦାଖଲ କାର୍ଯ୍ୟ ଆରମ୍ଭ ହେବା ସହ ନିର୍ବାଚନ ବାତାବରଣ ସରଗରମ ହୋଇଛି । ଗତକାଲି ଏପ୍ରିଲ ୧ ତାରିଖରେ ବିଜୁ ଜନତା ଦଳର ତାଳଚେର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ବର୍ତ୍ତମାନର ବିଧାୟକ ବ୍ରଜକିଶୋର ପ୍ରଧାନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଶ୍ରୀ ପ୍ରଧାନ ନିଜର ହଜାର ହଜାର ସମର୍ଥକ ତଥା ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ତାଳଚେର ଜଗନ୍ନାଥ ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ତାଳଚେରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଁଚିଥିଲେ । ସେଠାରେ ବିଜେଡି ପ୍ରାର୍ଥୀ ଶ୍ରୀ ପ୍ରଧାନ ନିଜ ପ୍ରସ୍ତାବକଙ୍କ ସହିତ ତାଳଚେର ନିର୍ବାଚନ ଅଧିକାରୀଙ୍କୁ ଭେଟି ମନୋନୟନ ପତ୍ର ଦାଖଲ କରିଥିଲେ ।

ସେହିପରି ଆଜି କଂଗ୍ରେସ ପ୍ରାର୍ଥି ପ୍ରଫୁଲ୍ଲ ଦାସ ପୂର୍ବାହ୍ନରେ ଜଗନାଥ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ତାଳଚେର ସହର ପରିକ୍ରମା କରି ତାଳଚେର ନିର୍ବାଚନ ଅଧିକାରୀଙ୍କୁ ଭେଟି ମନୋନୟନ ପତ୍ର ଦାଖଲ କରିଥିଲେ । ଆଜି କଂଗ୍ରେସ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ପ୍ରାର୍ଥି ଇଂ ସସ୍ମିତା ବେହେରା, ସବିତା ଧୀର, ରାଜକିଶୋର ସାହୁ, ଜିନେସ ସାହୁ, ବିରଂଚି ଧର, ସଂଗ୍ରାମ କେଶରୀ କୁଅଁର, ଦଳୀୟ ପର୍ଯ୍ୟବେକ୍ଷକ ବାଙ୍କନିଧି ବେହେରା, ବିଛନ୍ଦ ସାମଲ, ଏସ ବେହେରା, ପବିତ୍ର ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ବଇଣ୍ଡା ଗ୍ରାମବାସୀଙ୍କ ସହ ଆଲୋଚନା କଲେ ଜାତୀୟ ରାଜପଥ ବିଭାଗର ପିଡି

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମବାସୀ ଙ୍କ ସହ ବୁଧବାର ଦିନ ଜାତୀୟ ରାଜପଥ ବିଭାଗ ସମ୍ବଲପୁର ପିଡି ଡି ସିଂ ଚୌଧୁରୀ ଆଲୋଚନା କରିଛନ୍ତି । ମଙ୍ଗଳବାର ଦିନ ବଇଣ୍ଡା ଗ୍ରାମର ଏକ ପ୍ରତିନିଧି ମଣ୍ଡଳୀ ସମ୍ବଲପୁର ଯାଇ ପିଡି ଶ୍ରୀ ଚୌଧୁରୀ ଙ୍କୁ ଭେଟିବା ସହ ୩ ଟି ଅଣ୍ଡରପାସ ସହ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଦାବିପତ୍ର ପ୍ରଦାନ କରିବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ବଇଣ୍ଡାରେ ହେଉଥିବା ଫ୍ଲାଏ ଓଭର ବ୍ରିଜରେ ଆବଶ୍ୟକ ଅଣ୍ଡର ପାସ ବ୍ରିଜ ନଥିବା ସହ ଜାତୀୟ ରାଜପଥରେ ଥିବା ପୋଖରୀରେ ୱାଲ ନିର୍ମାଣ ସହ ବଳକା ଥିବା ଡ୍ରେନ କାମ ସମ୍ପର୍କରେ



ଅଞ୍ଚଳବାସୀ ଦାବିପତ୍ରରେ ଉଲେଖ କରିଥିଲେ । ଏନେଇ ପୂର୍ବରୁ ବହୁବାର ଅଭିଯୋଗ କରୁଥିଲେ ମଧ କୌଣସି ସୁଫଳ ମିଳୁନଥିବା ଯୋଗୁଁ ମଙ୍ଗଳବାର ଦିନ ସମ୍ବଲପୁର ଠାରେ ଅଭିଯୋଗ କରିବା ପରେ ପିଡିଙ୍କ ସହ ଅନ୍ୟ ପଦାଧିକାରୀମାନେ ବଇଣ୍ଡା ଗସ୍ତ କରି ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ ।

ଅଣ୍ଡରପାସ ବ୍ରିଜ ନିର୍ମାଣ ସମ୍ପର୍କରେ ସେ ଉଚ୍ଚ ପଦାଧିକାରୀ ଙ୍କୁ ଏନେଇ ଅବଗତ କରିବେ ବୋଲି କହିବା ସହ ଅନ୍ୟ ସମସ୍ତ ସମସ୍ୟା ଗୁଡିକ ଶୀଘ୍ର ସମାଧାନ କରାଯିବ ବୋଲି ଅଞ୍ଚଳବାସୀଙ୍କୁ ପ୍ରତିଶୃତି ଦେଇଥିଲେ । ଅଣ୍ଡରପାସ ବ୍ରିଜ ନିର୍ମାଣ ନହେଲେ ଆଗାମୀ ଦିନ ରେ ଏକ ବଡ ଧରଣ ଆନ୍ଦୋଳନ କରାଯିବା ସହ ଚଳିତ ନିର୍ବାଚନରେ ଭୋଟ ଦାନରୁ ବିରତି ରହିବେ ବୋଲି ଗ୍ରାମବାସୀ ମାନେ ପିଡିଙ୍କୁ ଚେତାବନୀ ଦେଇଥିଲେ।

ସେହିପରି ପାଉଁଶ ଗୁଣ୍ଡ ଉଡୁଥିବା ଯୋଗୁଁ ବଇଣ୍ଡାବାସୀ ରହିପାରୁନଥିବା ସମ୍ପର୍କରେ ପିଡିଙ୍କୁ ଅବଗତ କରାଯାଇଥିଲା । ତୁରନ୍ତ ଏଥିପ୍ରତି ସମାଧାନ କରିବା ପାଇଁ ଠିକାସଂସ୍ଥା କୁ ଅବଗତ କରାଯିବ ବୋଲି କହିଥିଲେ । ଏଥିରେ ସରପଞ୍ଚ ଦୀପ୍ତିମୟୀ ସାହୁ , ବରିଷ୍ଠ ନାଗରିକ ଭଗବାନ ଘିୱାଲା ,ବଇଣ୍ଡା ଚନ୍ଦନ ଯାତ୍ରା କମିଟିର ସଭାପତି ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## କଂଗ୍ରେସ ଓ ବିଜେଡ଼ି ପକ୍ଷରୁ ନାମାଙ୍କନ ପତ୍ର ଦାଖଲ

ତାଳଚେର, (ସବ୍ୟୁ): ତାଳଚେର ନିର୍ବାଚନ ମଣ୍ଡଳୀ ବିଧାନ ସଭା କ୍ଷେତ୍ରର ବିଜେଡ଼ି ପ୍ରାର୍ଥି ବ୍ରଜ କିଶୋର ପ୍ରଧାନ ତାଳଚେର ଜଗନ୍ନାଥ ମନ୍ଦିରରେ ଦର୍ଶନ କରି ସେଠାରୁ ଏକ ବିଶାଳ ର୍ୟାଲିରେ ହାଟତୋଟା ସ୍ଥିତ ଉପିଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଂହଚି ସେଠାରେ ପ୍ରର୍ଥିପତ୍ର ଦାଖଲ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଢେ଼ଙ୍କାନାଳ ଲୋକସଭା ପ୍ରାର୍ଥି ଅଭିନାଶ ସାମଲ ଏକ ସୁସଜ୍ଜିତ ଗାଡ଼ିରେ ଯାଇଥିଲେ । ହଜାର ହଜାର ଦଳୀୟ କୁର୍ମୀ, ସଂଗଠକ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ ଓ ରାସ୍ତାରେ ବିଭିନ୍ନ ଛକ ସ୍ଥାନରେ ଶ୍ରୀ ପ୍ରଧାନ ଓ ଶ୍ରୀ ସାମଲଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ସ୍ଥାନୀୟ ପେଟ୍ରୋଲପମ୍ପ ନିକଟରେ ୧୫ଫୁଟ ଲମ୍ବାର ପୁଷ୍ପମାଲ୍ୟ କର୍ମୀଙ୍କ ଦ୍ୱାରା ଅର୍ପଣ କରିଥିଲେ । ଏହାପରେ ଶ୍ରୀ ପ୍ରଧାନ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପଂହଚି ପ୍ରାର୍ଥିପତ୍ର ଦାଖଲ କରିଥିଲେ । ସେହିଭଳି ଆଜି ଗୁରୁବାର ତାଳଚେର ବିଧାନସଭା କ୍ଷେତ୍ରର କଂଗ୍ରେସ୍ ପ୍ରାର୍ଥି ପ୍ରଫୁଲ୍ଲ କୁମାର ଦାସ ତାଳଚେର ଜଗନ୍ନାଥ ମନ୍ଦିରରେ ଦର୍ଶନ କରିବା ପରେ ବିଶାଳ ପଦଯାତ୍ରାରେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଂହଚିଥିଲେ । ତାଙ୍କ ସହ ଢ଼େଙ୍କାନାଳ ସଂସଦୀୟ କ୍ଷେତ୍ରର ଲୋକସଭାପ୍ରାର୍ଥିନୀ ସସ୍ମିତା ବେହେରା ଉପସ୍ଥିତ ଥିଲେ । ସେମାନେ ମଧ ପ୍ରତି ଛକ ସ୍ଥାନମାନଙ୍କରେ ରହି ସମର୍ଥକ ଓ ଭୋଟରମାନଙ୍କ ଠାରୁ ଆଶିର୍ବାଦ ଭିକ୍ଷା କରିଥିଲେ । ମାତ୍ର ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ପ୍ରାର୍ଥି ପତ୍ର ଦାଖଲ କରିବାକୁ ସମୟରେ ଶ୍ରୀ ଦାସଙ୍କ ସମର୍ଥକ ମାନେ ଫାଟକ ସମ୍ମୁଖରେ ତାଙ୍କ ସହିତ ଅଧିକ କର୍ମୀ ଭିତରକୁ ଯିବା ପାଇଁ ଅଡ଼ି ବସିଥିଲେ । ଫଳରେ ସେଠାରେ ଏକ ଅପ୍ରିତକର ପରିସ୍ଥିତି ସୃଷ୍ଟି ହୋଇଥିଲା, କର୍ମୀ ଓ ପୋଲିସ୍ ମଧ୍ୟରେ ଉଚ୍ଚବାଚ୍ଚ ହେବାପରେ ତାଳଚେର ଏସଡ଼ିପିଓ ମାନସରଞ୍ଜନ ବାରିକ ବୁଝାସୁଝା କରିବା ପରେ ତାଙ୍କସହ ୫ଜଣ କର୍ମୀ କାର୍ଯ୍ୟାଳୟ ଭିତରକୁ ଯାଇ ନାମାଙ୍କନ ପତ୍ର ଦାଖଲ କରିଥିଲେ ବୋଲି ଉପଜିଲ୍ଲାପାଳଙ୍କ ସୂତ୍ରରୁ ଜଣାପଡ଼ିଛି ।

## ଦୁଇ ଶହରୁ ଊର୍ଦ୍ଧ୍ୱ ଯୁବ ଛାତ୍ର ବିଜେଡ଼ିରେ ସାମିଲ

ଭୁବନ, (ସବ୍ୟୁ): ଭୁବନ ଏନ୍ଏସି ଅନ୍ତର୍ଗତ ସିଦ୍ଧ ରାମଚଣ୍ଡୀ ପୀଠ ପରିସରରେ ବିଜୁ ଯୁବ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି । ଯୁବ ନେତା ନାରାୟଣ ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପି ଛାତ୍ର ସଂଗଠନର ସକ୍ରିୟ କର୍ମକର୍ତା ଲିଙ୍ଗରାଜ ସାହୁ, ସୌରଭ ରାଉତ, ଜଗବନ୍ଧୁ ସାହୁଙ୍କ ସମେତ ସିଲୁ ନାୟକ, ସିକୁନ ମହାରଣା,ଜ୍ଞାନ ରଞ୍ଜନ ସାହୁ, ସଚିନ ପୃଷ୍ଟି, ଜଗନ୍ ନାୟକ, ରୀଙ୍କୁ ସାହୁ, ଧପା ରାଉତ, ଗେମଣ ଜେନା, ବଳରାମ ସାହୁ, ସୌଭାଗ୍ୟ ବାରିକ, ସିପୁ ଦାସ, ରାକେଶ, ଲକି, ପିନୁଆ, ଚିକୁନ ଏବଂ ନୂତନ ଭାବେ ଭୋଟର ହୋଇଥିବା ୪୦ ଜଣ ଯୁବକ ଙ୍କ ସମେତ ସମୁଦାୟ ୨୦୦ ରୁ ଊର୍ଦ୍ଧ୍ୱ ଯୁବ ଛାତ୍ର ବିଜେଡ଼ି ରେ ସାମିଲ ହୋଇଥିଲେ।

କାମାକ୍ଷା ନଗର ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ଢ଼େଙ୍କାନାଳ ସାଂସଦ ପ୍ରାର୍ଥୀ ଡ଼ଃ ଅବିନାଶ ସାମଲ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଆଗାମୀ ୧୦ ବର୍ଷ ଯୁବକ ମାନଙ୍କ ପାଇଁ ସୁବର୍ଣ୍ଣ ଯୁଗ ବୋଲି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମତବ୍ୟକ୍ତ କରିଥିଲେ। ସାଂସଦ ପ୍ରାର୍ଥୀ ଡ଼ଃ ଅବିନାଶ ସାମଲ ଯୁବକ ମାନେ ହିଁ ଦେଶର ଅସଲ ପୁଞ୍ଜି, ଯୁବ ଶକ୍ତି ହିଁ ରାଷ୍ଟ୍ର ଶକ୍ତି ବୋଲି କହିଥିଲେ। ଯୁବକ ମାନଙ୍କ ଦ୍ୱାରା ଭୁବନର ବିକାଶ ତ୍ୱରାନ୍ୱିତ ହେବ ବୋଲି ନଗରପାଳ ଶୁଭେନ୍ଦୁ କୁମାର ସାହୁ ମତବ୍ୟକ୍ତ କରିଥିଲେ। ଏନ୍ଏସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ, ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଧପା ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବଇଣ୍ଡାରେ ପୋଲିସର ଫ୍ଲାଗ ମାର୍ଚ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା ବଇଣ୍ଡା ଅଞ୍ଚଳରେ ସୋମବାର ହଣ୍ଡପା ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ କରାଯାଇଛି। ହଣ୍ଡପା ଆଇଆଇସି ନମିତା ନାୟକଙ୍କ ନେତୃତ୍ୱରେ ବଇଣ୍ଡା ଛକର ବିଭିନ୍ନ ସ୍ଥାନ ଗୁଡିକରେ ଫ୍ଲାଗ ମାର୍ଚ କରାଯାଇଥିଲା। ବଇଣ୍ଡା ଛକର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ବୁଲୁବା ସହ କିଶୋରଗଞ୍ଜ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ବୁଲି ଯାଞ୍ଚ କରିଥିଲେ। ମେ ୨୫ରେ ଆଠମଲ୍ଲିକ ବିଧାନସଭା ନିର୍ବାଚନ ଥିବା ବେଳେ କିଭଳି ହଣ୍ଡପା ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ନିର୍ବାଚନ ହେବ ଏନେଇ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

## ଅଟୋ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

ଠାକୁରଗଡ଼, (ସବ୍ୟୁ): ବଇଣ୍ଡା – ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତା ର ଠାକୁରଗଡ଼ ଥାନା ଠାକୁରଗଡ଼ ଅଞ୍ଚଳରେ ଏକ ଅଟୋ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ବେଳେ ଏଥିରେ ଆଠମଲ୍ଲିକ ଥାନା ବାଘୁଆକଟା ଅଞ୍ଚଳର ରାଜନ କର୍ମୀଙ୍କର ମୃତ ହୋଇଛା ଏ ନେଇ ତାଙ୍କ ଭାଇ ରମେଶ କର୍ମୀ ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ କୁ ଭିତି କରି ପୋଲିସ ନମ୍ବର ୧୦୮/୨୪ ରେ ଏକ ମାମଲା ରୁଜୁ କରିଛନ୍ତି । ଗତ ୨୫ ତାରିଖ ଦିନ ରାଜନ ଓ ତାଙ୍କର କିଛି ସହଯୋଗୀଙ୍କ ସହ ଅଟୋରେ ଯାଉଥିବା ବେଳେ ଠାକୁରଗଡ଼ ଅଞ୍ଚଳରେ ତାଙ୍କ ଅଟୋ ଏକ ବିଦୁତ ଖୁଣ୍ଟ ରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ରାଜନଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ମେଡ଼ିକାଲରେ ଭର୍ତ୍ତି କରିବା ପରେ ସେଠାରେ ତାଙ୍କର ମୃତ ହୋଇଥିବା ଜଣାପଡିଛି ।

## ଏସ୍ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଅନୁଗୁଳରୁ ଦୁଇ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ଅନୁଗୁଳ, (ସବ୍ୟୁ): ଚାଷୀ, ମୂଲିଆ, ଖଟିଖିଆ ସର୍ବୋପରି ଶ୍ରମିକଶ୍ରେଣୀର ଏକମାତ୍ର ଲଢୁଆ ଦଳ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ପକ୍ଷରୁ ଆଜି ପୂର୍ବାହ୍ନରେ ୬୧– ଅନୁଗୁଳ ବିଧାୟକ ପ୍ରାର୍ଥୀ ଭାବେ ମନ୍ଦୋଦରୀ ରାଉଳ ଏବଂ ୬୨– ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ଭାବେ ଭରତ କୁମାର ନାଏକ ନିର୍ବାଚନ ଅଧିକାରୀଙ୍କ ନିକଟରେ ସେମାନଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି ।




ସ୍ଥାନୀୟ ଗୋପବନ୍ଧୁ ପାର୍କ ଠାରୁ ଦଳର ନେତୃବୃନ୍ଦଙ୍କ ସହ କର୍ମୀ, ସଂଗଠକଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ । ଜିଲ୍ଲାର ଜନସାଧାରଣଙ୍କ ନ୍ୟାୟସଂଗତ ଦାବି ସମେତ ଶାସକ ଦଳମାନଙ୍କର ଜନବିରୋଧୀ ନୀତି ବିରୋଧରେ ଲଗାତାର ଭାବେ ଦଳ ପକ୍ଷରୁ ଗଣ ଆନ୍ଦୋଳନ ମାନ ସଂଗଠିତ କରାଯାଉଛି ।

ଦେଶର ଶ୍ରମଜୀବୀମାନଙ୍କ ସ୍ୱାର୍ଥରେ ଆଗାମୀ ଦିନରେ ଗଣ ଆନ୍ଦୋଳନକୁ ଆହୁରି ଶକ୍ତିଶାଳୀ କରିବା ସହ ଜିଲ୍ଲାର ବିସ୍ଥାପନ, ପରିବେଶ ପ୍ରଦୂଷଣ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସମସ୍ୟା ସମାଧାନ ପାଇଁ ଗଢ଼ି ଉଠୁଥିବା ଗଣ ଆନ୍ଦୋଳନ ଗୁଡିକରେ ଲଢୁଆ ଭୂମିକା ଗ୍ରହଣ କରିଆସିଥିବା ସଂଗଠକ ମାନଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଛି ।

ଏଣୁ ଜନସାଧାରଣ ସମସ୍ତ ପ୍ରକାର ସମର୍ଥନ ଦେଇ ପୁଁଜିପତିଙ୍କ ସ୍ୱାର୍ଥରକ୍ଷାକାରୀ ଦଳମାନଙ୍କୁ ଉଚିତ୍ ଜବାବ ଦେବେ ବୋଲି ପ୍ରାର୍ଥୀମାନେ ପ୍ରକାଶ କରିଛନ୍ତି ।

ଆଜିର ଏହି ନାମାଙ୍କନପତ୍ର ଦାଖଲ ସମୟରେ ଦଳ ପକ୍ଷରୁ ସମ୍ବଲପୁର ସାଂସଦ ପ୍ରାର୍ଥୀ ନବକିଶୋର ପ୍ରଧାନ, ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ଜୟସେନ ମେହେର, ବ୍ରଜବନ୍ଧୁ ସାହୁଙ୍କ ସମେତ ଜିଲ୍ଲା କମିଟି ସଭ୍ୟ ସୁବାସ ପ୍ରଧାନ, ମାନସ ପାଳ, ରଣଜିତ ପ୍ରଧାନ, ସୟ ସାହୁ, ଆଡ୍‌ଭୋକେଟ୍ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୋଟର ସଚେତନତା କାର୍ଯ୍ୟକ୍ରମ

ଅନୁଗୁଳ, (ସବ୍ୟୁ): ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ, ଅନୁଗୋଳ ଜିଲ୍ଲାରେ ଚଳିତ ମଇ ୨୫ରେ ମତଦାନ ହାର ବୃଦ୍ଧି ଲକ୍ଷ୍ୟରେ, ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଭୋଟର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଉପଲକ୍ଷେ, ଗତକାଲି, ଅନୁଗୋଳ ଇନ୍‌ଡୋର ଷ୍ଟାଡିୟମ୍ ଠାରେ ଖେଳାଳୀମାନଙ୍କୁ ମତଦାନ ନିମନ୍ତେ ସଚେତନ କରାଯାଇଥିଲା। ଏହି ଅବସରରେ ନୂତନ ଭାବେ ଭୋଟ ଦେଉଥିବା ଖେଳାଳୀମାନଙ୍କୁ ସଚେତନତା ବାର୍ତ୍ତାଥିବା ଫୁଲଗଛ ପ୍ରଦାନ କରାଯାଇଥିଲା। ଏହା ସହ ସମସ୍ତ ଖେଳାଳି ମାନଙ୍କ ଅଭିଭାବକ ମାନଙ୍କୁ ମଧ୍ୟ ଚଳିତ ମଇ ୨୫ରେ ମତଦାନ କରିବା ପାଇଁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଅନୁଗୋଳ ଉପଜିଲ୍ଲାପାଳ ବରୁଣ୍ୟେନ୍ଦୁ ମହାନ୍ତି, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଭୂଷଣ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ତାଲୁକ ଆଇନ ସେବା କମିଟି ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ

କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର ତାଲୁକ ଆଇନ ସେବା କମିଟି ତରଫରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ କାମାକ୍ଷାନଗର କୋର୍ଟ ସମ୍ମିଳନୀ କକ୍ଷ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ସବଜଜ ଶ୍ରଦ୍ଧାଞ୍ଜଳି ରାୟ, ଏସଡିଜେଏମ ସରୋଜିନୀ ସାହୁ, ଓକିଲ ସଙ୍ଘ ସଭାପତି ଧର୍ମାନନ୍ଦ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରମ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଶ୍ରମିକ ମାନଙ୍କ ପାଇଁ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ କାମାକ୍ଷାନଗର କୋର୍ଟର କର୍ମଚାରୀଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନେ ଯୋଗ ଦେଇଥିଲେ।

## ଅଙ୍ଗପଡାରେ ଭାଜପାର ମିଶ୍ରଣ ପର୍ବ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଅଙ୍ଗପଡା ଠାରେ ବୁଧବାର ଦିନ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାକିଚି ଅଞ୍ଚଳର ବିପ୍ଳବ ସାହୁ, ନିକେଶ ସାହୁ, ବିମ୍ବାଧର ନାଗ, ସିବରାମ ସାହୁ ସାହୁ, ବାବୁଲି ନାଗ, ସମୀର ସାହୁ, କାଳନ୍ଦୀ ନାଗ, ବଳରାମ ନାଗଙ୍କ ସମେତ ବହୁ ଯୁବକ ମାନେ ଅନ୍ୟଦଳ ଛାଡି ଭାଜପାରେ ଯୋଗଦାନ କରିଛନ୍ତି। ତାଙ୍କୁ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକର ଭାଜପା ବିଧାୟକ ପ୍ରାର୍ଥୀ ସଂଜୀବ କୁମାର ସାହୁ ଯୋଗ ଦେଇ ଦଳୀୟ ଟୋପି ପିନ୍ଧାଇବା ସହ ଦଳୀୟ ଉତ୍ତରୀୟ ପକାଇ ଦଳକୁ ସ୍ୱାଗତ କରିଥିଲେ। ଏଥିସହ ଆଗାମୀ ନିର୍ବାଚନରେ ଦଳ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ମୋଦୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗ ଦେଇଥିବା ଯୁବକ ମାନେ କହିଥିଲେ ।

# ବିଜେଡିରେ ଯୋଗଦେଲେ ଶତାଧିକ ଅନ୍ୟ ଦଳର କର୍ମୀ



କେନ୍ଦୁଝର ,(ସ୍ୱପ୍ର) :ଘଷିପୁରା ର୍ନିବାଚନ ମଣ୍ଡଳୀ ଅନ୍ତର୍ଗତ କୋଳିମାଟି ପଞ୍ଚାୟତରେ ବିଜେଡି ଦଳର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫେସର ବଦ୍ରି ନାରାୟଣ ପାତ୍ର ଙ୍କର ସାଂଗଠନିକ ଦକ୍ଷତା ପ୍ରତି ଆସକ୍ତ ପ୍ରକଟ କରି କୋଳିମାଟି ପଞ୍ଚାୟତର ସମିତି ସଭ୍ୟା ମମତା ରାଣୀ ନାଏକ, ଓାଡ଼ ସଦସ୍ୟ ସଞ୍ଜୟ ନାଏକ, ପରମେଶ୍ୱର ନାଏକ,ଓ ବାଥୁଡ଼ି ସମାଜର ସଭାପତି ଯୋଗେଶ୍ୱର ନାଏକ ସମେତ ସହ ସହ କର୍ମୀ ବିଜେଡି ଦଳରେ ଯୋଗ ଦେଇଥିଲେ । ଯୋଗ ଦେଇଥିବା କର୍ମୀମାନଙ୍କୁ ବିଧାୟକ ଶ୍ରୀ ପାତ୍ର ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଛ ପ୍ରଦାନ କରି ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଏହି ମିଶ୍ରଣ ପର୍ବ ପରେ କୋଳିମାଟି ପଞ୍ଚାୟତର ବିଜେଡି କର୍ମୀମାନଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି ହୋଇଥିବା ସହିତ ଆଗାମୀ ର୍ନିବାଚନରେ ଶ୍ରୀ ବଦ୍ରି ପାତ୍ରଙ୍କୁ ଷଷ୍ଠଥର ବିଜୟୀ କରାଇବା ପାଇଁ ମନୋବଳ ବୃଦ୍ଧି ପାଇଥିବା ଦେଖାଯାଇଛି।ଉକ୍ତ ମିଶ୍ରଣ ପର୍ବରେ ଘଷିପୁରା ବ୍ଲକ ଉପାଧକ୍ଷ ପଞ୍ଚାନନ ବେହେରା, ପୂର୍ବତନ ସରପଞ୍ଚ ପ୍ରସନ୍ନ ପାତ୍ର,ଯୁବ ବିଜେଡି ନେତା ନିରଞ୍ଜନ ସାହୁ, ପରମେଶ୍ୱର ସାହୁ, ଦିବାକର ସାହୁ,ଦୀଲିପ ମିଶ୍ର,ଓ ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ମୋଦିଙ୍କ ପରିବାର ସୁଦୃଢ଼ ହେଉଛି : ମନମୋହନ

ଅସୁରାଳି,(ସବ୍ୟୁ):ରାଜ୍ୟରେ କ୍ଷମତାସୀନ ବିଜୁ ଜନତା ଦଳ ଏବେ ଅତୀତ ହେବାକୁ ଯାଉଛି। ଭ୍ରଷ୍ଟାଚାର ଦୁର୍ନୀତିରେ ବୁଡ଼ି ରହିଥିବା ବିଜେଡ଼ିକୁ ଜନସାଧାରଣ ପ୍ରତ୍ୟାଖ୍ୟାନ କରିବାକୁ ନିଷ୍ପତ୍ତି ନେଇ ସାରିଥିବା ବେଳେ ସେ ଦଳର ଅନେକ ନେତୃତ୍ୱ ମଧ୍ୟ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏକ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ,ଦ୍ରୁତ ବିକାଶ ଯୋଗୁଁ ସେ ତୃତୀୟ ଥର କ୍ଷମତାକୁ ଆସିବା ନିଶ୍ଚିତ। ବିଜୁ ଜନତା ଦଳର ଅନେକ ନେତା ଛାମୁଆ ସଂଗଠକ ବିଜେପି ପ୍ରତି ଆକୃଷ୍ଟ ହୋଇ ଦଳରେ ସାମିଲ ହେବା ଘଟଣା ମୋଦୀଙ୍କ ବିଶାଳ ପରିବାରକୁ ଆହୁରି ସୁଦୃଢ଼ କରୁଛି ବୋଲି ଧାମନଗର ବିଧାନସଭା ବିଜେପି ପକ୍ଷରୁ ଆୟୋଜିତ ଏକ ବିଶାଳ ମିଶ୍ରଣ ପର୍ବରେ ଯୋଗଦେଇ କହିଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ। ଭଦ୍ରକ ଜିଲ୍ଲା ବିଜେପି ସଭାପତି ହେମନ୍ତ ପାଢୀଙ୍କ ପୌରହିତ୍ୟରେ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧାମନଗର ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ,ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରାକ୍ତନ ସଭାପତି ରଘୁନାଥ ଲେଙ୍କା,ବରିଷ୍ଠ ବିଜେଡି ନେତା ଅର୍ଜୁନପୁର ସମିତି ସଭ୍ୟ ବିଦ୍ୟାଧର ରାଉତ,କୋଠାର ସମବାୟ ସମିତି ସଭାପତି ହରେକୃଷ୍ଣ ପାଢୀ,ନାରୀନେତ୍ରୀ ସଂଯୁକ୍ତା ଦାସ,ବିଏସଏନଏଲର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ବ୍ରଜ କିଶୋର ଦାସ,ପ୍ରାକ୍ତନ ସରପଂଚ ରଘୁନାଥ ମଲ୍ଲିକ,ପ୍ରାକ୍ତନ ସମିତି ସଭ୍ୟା ଲିଲି ଦାସ,ଯୁବନେତା ସୁଶାନ୍ତ ପଣ୍ଡା,ଅମିୟ ବେହେରା,ଶିବ ମୁଦୁଲି,ଅଭିମନ୍ୟୁ ମହାଳିକ,ନାଟ୍ୟକାର କୁଳମଣି ବେହେରା ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ। ରାଜ୍ୟ ସଭାପତି ମନମୋହନ ସାମଲ,ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ,ଲୋକସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ,ଭଦ୍ରକ ବିଧାନସଭା ପ୍ରାର୍ଥୀ ସୀତାଂଶୁ ଶେଖର ମହାପାତ୍ର,ଅଶୋକ ପୁହାଣ,ଅଜୟ ନାୟକ,ମନୋଜ ମଲ୍ଲିକ,ଅଶୋକ ପରିଜା,ଚତୁର୍ଭୁଜ ନାୟକ ପ୍ରମୁଖ ନେତୃମଣ୍ଡଳୀ ଏମାନଙ୍କୁ ସ୍ୱାଗତ କରିଥିଲେ। ମିଶ୍ରଣ ପରେ ଧାମନଗର ବିଧାୟକ ତଥା ବିଧାନସଭା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଧାମନଗରରେ ବିଜେପିର ସ୍ଥିତି ମଜବୁତ ଥିଲା,ବରିଷ୍ଠ ନେତୃତ୍ୱଙ୍କ ଆଗମନ ଆମ ପାଇଁ ଶୁଭଙ୍କର ହେବ। ବିଜେପି ନେତା ଶରତ ମହାନ୍ତି,ରଘୁନାଥ ପାତ୍ର,କୈଳାସ ମହାପାତ୍ର,ରାମଚନ୍ଦ୍ର ମିଶ୍ର,ଅଜୟ ବଳ,ବୁଦ୍ଧଦେବ ଜେନା,ବୈକୁଣ୍ଠ ସାହୁ,ଅରବିନ୍ଦ ପତି,ରମେଶ ପତି,ଉଷାକାନ୍ତ ନାୟକ,ଗୟାଧର ନାୟକ,ଶ୍ରୀକାନ୍ତ ନାୟକ,ସଦାଶିବ ପୋଥାଳ,ପ୍ରଦୀପ ବଳ,ତୁଷାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୁଅର ଜୀବନ ନେଲା ବାପା

ବନ୍ତ,(ସବ୍ୟୁ):ବୁଧବାର ଭଦ୍ରକ ଜିଲା ବନ୍ତ ଥାନା ଗୋବିନ୍ଦପୁର ପଞ୍ଚାୟତ ସୁନାଗଡିଆ ଗ୍ରାମରେ ପାରିବାରିକ କଳହରୁ ପୁଅର ଜୀବନ ନେଇଛି ବାପ । ସେଦିନ ବାପପୁଅ ମଧ୍ୟରେ ପାଟିତୁଣ୍ଡ ହୋଇ ଭୟାନକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଉଭୟ ଧାରୁଆ ଅସ୍ତ୍ରରେ ହଣାହଣି ଲାଗିଥିଲେ । ଫଳରେ ବାପର ଧାରୁଆ ଅସ୍ତ୍ର ଆକ୍ରମଣରେ ପୁଅ ଜୀବନ ଚାଲି ଯାଇଥିବା ବେଳେ ବାପ ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ପ୍ରକାଶ ଯେ, ମାଧବାନନ୍ଦ ବାରିକ(୬୦) ଓ ପୁଅ ଶଙ୍କର୍ଷଣ ବାରିକ(୪୦)ଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ପାରିବାରିକ କଳହ ଲାଗି ରହିଥିଲ । ଏହାର କରୁଣ ପରିସ୍ଥିତି ବୁଧବାର ଦେଖିବାକୁ ମିଳିଛି । ଏସଂପର୍କରେ ଶଙ୍କର୍ଷଣର ପତ୍ନୀ ସସ୍ମିତା ବାରିକ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ ଗତ ୮ ମାସ ହେବ ସେ ବାପ ଘରେ ରହୁଥିଲେ । ବୁଧବାର ଖବର ପାଇଥିଲେ ଯେ, ଘରେ ବାପପୁଅଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ବାପ ଏକ ଧାରୁଆ ଅସ୍ତ୍ରରେ ପୁଅକୁ ହାଣି ଦେବା ଫଳରେ ପୁଅର ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ପୋଲିସ ଗ୍ରାମବାସୀଙ୍କ ଠାରୁ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସେହିପରି ସାଇଣ୍ଟିଫିକ୍ ଟିମ୍ ଘଟଣା ସଂପର୍କରେ ଅନୁଧ୍ୟାନ ଚଳାଇଛି । ଏନେଇ ପୋଲିସ କେସ ନଂ-୭୪-୨୪ ମୂଳେ ମାମଲା ରୁଜୁ କରିଛି।

# ବିଜେଡିର କର୍ମୀ ସମାବେଶ

ଭଦ୍ରକ,(ସବ୍ୟୁ):ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ରାମଚନ୍ଦ୍ର ପୁର ପଂଚାୟତରେ ବିଜେଡି ପକ୍ଷରୁ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ ଓ ଭଦ୍ରକ ସାଂସଦ ପ୍ରାର୍ଥୀନୀ ମଞ୍ଜୁଲତା ମଣ୍ଡଳ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ଅଧକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରଣତିକ୍ରାନ୍ତି ସାମଲ , ଜିଲ୍ଲା ପରିଷଦ ସଭ୍ୟ ବଦ୍ରି ରାଉତ, ଭଣ୍ଡାରିପୋଖରୀ ବ୍ଲକ ଯୁବ ସାଭାପତି ଲଳିତ ରାଉତ, ଭଣ୍ଡାରିପୋଖରୀ ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ସରପଂଚ ରେଣୁବାଲା ରାଉତ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି,ଦୀପ୍ତି ସୂର୍ଯ୍ୟ ବିଶ୍ୱାଳ, ପୂର୍ବତନ ସମିତି ସଭ୍ୟ ରାମଚନ୍ଦ୍ର ସାହୁ ଙ୍କ ସମେତ ଅନେକ ନେତା ଓ କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଯେପରି ଲୋକଙ୍କ ପାଇଁ ଜନହିତକର ଯୋଜନା କରିଛନ୍ତି ତାକୁ ଆହୁରି କିପରି ତ୍ୱାରନ୍ୱିତ ହେବ ସେ ପାଇଁ ଆଗାମୀ ନିର୍ବାଚନ ରେ ବିଧାୟକ ପାର୍ଥି ସଞ୍ଜୀବ ମଲ୍ଲିକ ଓ ସାଂସଦ ପାର୍ଥୀ ମଞ୍ଜୁଲତା ମଣ୍ଡଳ ଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଉପସ୍ଥିତ ଅତିଥି ମାନେ ନିଜ ବକ୍ତବ୍ୟ ରେ କହିଥିଲେ। ପରେ ଉକ୍ତ ସଭାରେ ୨୦ ରୁ ଉର୍ଦ୍ଧ ପରିବାର କଂଗ୍ରେସ ଛାଡି ଆଜି ବିଜୁ ଜନତା ଦଳରେ ସାମିଲ ହେଲେ।ଏହି ମିଶ୍ରଣ ପରେ ଦଳ ଆହୁରି ସୁଦୃଢ଼ ହେବ ବୋଲି କହିଛନ୍ତି।

# ମହିଳା ମହାବିଦ୍ୟାଳୟରେ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,(ସବ୍ୟୁ):ଭଦ୍ରକ ମହିଳା ମହାବିଦ୍ୟାଳୟ ଯୁବ ରେଡକ୍ରସ ସଂସ୍ଥା ଆନୁକୁଲ୍ୟରେ ରକ୍ତଦାନ ଶିବିର ନିମିତ୍ତ ଭଦ୍ରକ ଜିଲ୍ଲା ରକ୍ତଦାତା ଓ ପରାମର୍ଶଦାତା ସଂଘ ସହଯୋଗରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ରେଡକ୍ରସ ସଂସ୍ଥା ପ୍ରୋଗ୍ରାମ ଅଫିସର ଡଃ ଶୁଭଶ୍ରୀ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ସଭାପତି ଓ ଭଦ୍ରକ ଜିଲ୍ଲା ମେଡ଼ିକାଲ ଏସୋସିଏସନର ଡ଼ା. ହରେକୃଷ୍ଣ ନାୟକ ଏବଂ ସଂଘ ସମ୍ପାଦକ ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି ସ୍ୱେଚ୍ଛାକୃତ ରକ୍ତଦାନର ଆବଶ୍ୟକତା, ଉପଯୋଗିତା ଏବଂ ଯୁବ ସମ୍ପ୍ରଦାୟର ଭୂମିକା ସମ୍ବନ୍ଧରେ ଶତାଧିକ ଛାତ୍ରୀଙ୍କୁ ସଚେତନ କରାଇଥିଲେ। ପ୍ରତ୍ୟେକ୍ଷ ରକ୍ତଦାନ କରିଥିବା ଛାତ୍ରୀ ମାହେଶ୍ୱରୀ ସାମଲ ଏବଂ ତରନାମ କାଦ୍ରୀ, ପ୍ରିୟଦର୍ଶନୀ ଦାସ ଇତ୍ୟାଦି ନିଜର ରକ୍ତଦାନ ପରମ ସୁଖ ଅନୁଭବ ବର୍ଣ୍ଣନା କରି ସ୍ୱେଚ୍ଛାକୃତ ରକ୍ତଦାନ ସହ ସୁସ୍ଥ ନିରୋଗ ଜୀବନଯାପନ ପାଇଁ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ରକ୍ତଦାନ ଶିବିର ପାଇଁ ଛାତ୍ରୀଙ୍କର ଆଗ୍ରହ ପ୍ରଶଂସିତ ହୋଇଅଛି।

# ଧାନଖେତରେ ବଜ୍ରାଘାତ : ଚାଷୀ ମୃତ

ବାଲେଶ୍ୱର,(ସବ୍ୟୁ): ଗୁରୁବାର ଦ୍ୱିପହରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଞ୍ଚଳରେ ବଜ୍ରଘୋତ ହେବାରୁ ଜଣେ ଚାଷୀଙ୍କର ମୃମୃତ୍ୟୁ ଘଟିଥିବା ବେଳେ ନାବାଳିକା ଗୁରୁତର ହୋଇଛି। ମୃତ ବ୍ୟକ୍ତି ହେଲେ ବାଚୁ ଦାସ। ସେ ଧାନଖେତରେ କାମ କରୁଥିବା ବେଳେ ବ୍ରଜପାତର ଶିକାର ହୋଇଥିଲେ।

# ଦେହ ବ୍ୟବସାୟ ସନ୍ଦେହ
# ୪ ଜଣଙ୍କୁ ଗଛରେ ବାନ୍ଧି ନିସ୍ଥୁକ ମାଡ଼

ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ଥାନୀୟ ଲକ୍ଷ୍ମୀପାଟଣା ଅଞ୍ଚଳରେ ଲୋକେ ୨ ମହିଳା ଏବଂ ୨ ପୁରୁଷଙ୍କୁ ଗଛରେ ବାନ୍ଧି ନିସ୍ଥୁକ ମାଡ଼ ମାରିଛନ୍ତି। ରାସ୍ତାକଡ଼ରେ ଥିବା ଘରେ ଦେହ ବ୍ୟବସାୟ ଚାଲିଥିବା ସନ୍ଦେହରେ ଉତ୍ୟକ୍ତ ଲୋକେ ଏଭଳି କାଣ୍ଡ ଭିଆଇଥିବା ପୁଲିସ୍ କହିଛି । ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ଉତ୍ୟକ୍ତ ଲୋକେ ମାନି ନଥିଲେ।ଶେଷରେ ପୁଲିସ୍ ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରି ଶାନ୍ତ କରିଥିଲେ । ପୁଲିସ୍ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

# ବେଆଇନ ବିଦେଶୀ ମଦ ବିକ୍ରି : ୨ ଗିରଫ

ପାଞ୍ଚପୀଢ ,(ସବ୍ୟୁ) : କରଞ୍ଜିଆ ପୌରପାଳିକା ଓ୍ୱଡ ନମ୍ବର ୧୩ ନିଉନ୍ତି ସାହି ନିବାସୀ ଦୁଇ ଭାଇ ବେଣୁଧର ସାହା(୪୨) ପିତା କୀର୍ତ୍ତନ ସାହା ଓ ଦିନବନ୍ଧୁ ସାହା(୪୭) ପିତା କୀର୍ତ୍ତନ ସାହା ନିଜ ତେଜରାତି ଦୋକାନରେ ବେଆଇନ ବିଦେଶୀ ମଦ ବିକ୍ରି କରୁଥିବା ଖବର ବୁଧବାର ଦିର୍ନ କରଞ୍ଜିଆ ପୋଲିସକୁ ମିଳିବା ପରେ କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ ମତେ ସହକାରୀ ସ୍ ଇନ୍ସପେକ୍ଟର ସାଲଖାନ ହେମ୍ବ୍ରମ, କନେଷ୍ଟବଲ ତପସ୍ୱିନୀ ମହାନ୍ତ,ଓଏପିଏଫ କନେଷ୍ଟବଲ କରମଚାନ୍ଦ ମାରାଣ୍ଡି ଓ ଠାକୁର ହେମ୍ବ୍ରମ ଦୋକାନରେ ପହଞ୍ଚି ଖାନତଲାସ କରିବାରୁ ସେଠାରୁ ୪୧ଲିଟର ୪୮୦ ମିଲିଲିଟର ବିଦେଶୀ ମଦ ଜବତ କରିଥିଲେ। ଏହି ଖବର ବୁଧବାର ରାତି ପ୍ରାୟ ୮.୧୫ ମିନିଟ୍ ସମୟରେ ପେଟ୍ରୋଲିଓ କରୁଥିବା ସମୟରେ ପାଇ ପ୍ରାୟ ସାଢ଼େ ୧୧ଟା ସମୟରେ ଚଢ଼ାଉ କରିଥିଲେ। ଉଭୟଙ୍କ ବିରୋଧରେ ଅବକାରୀ କେଶ୍ ନମ୍ବର ୧୫୧/୨୪ ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରଖିଛନ୍ତି।

# ବିଜେଡ଼ିରୁ ଇସ୍ତଫା ଦେଲ ସନ୍ତୋଷ ଖଟୁଆ

ନୀଳଗିରି,(ସବ୍ୟୁ) : ଗୁରୁବାର ବିଜେଡ଼ିର ବାକିଥିବା ତିନିଗୋଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବା ବେଳେ ନୀଳଗିରିର ପ୍ରମୁଖ ଆଶାୟୀ ସନ୍ତୋଷ ଖଟୁଆଙ୍କୁ ନିରାଶ ହେବାକୁ ପଡ଼ିଛି । ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନାମ ବିଜେଡ଼ି ପ୍ରାର୍ଥୀଭାବେ ଘୋଷଣା ପରେ ଅସନ୍ତୁଷ୍ଟ ସନ୍ତୋଷ ଖଟୁଆ ନିଜର ପ୍ରାଥମିକ ସଦସ୍ୟ ସହିତ ବିଜୁଜନତା ଦଳର ବରିଷ୍ଠ ଉପସଭାପତି ପଦରୁ ଅବ୍ୟାହତି ନେଇଛନ୍ତି । ସେ ତାଙ୍କର ଇସ୍ତଫା ପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପଠାଇଥିବା ଜଣାପଡ଼ିଛି । ଦୀର୍ଘ ପାଂଚବର୍ଷ ଧରି ଦଳର ସଂଗଠନକୁ ସୁଦୃଢ଼ କରିବାରେ ତାଙ୍କର ପ୍ରୟାସକୁ ଦଳ ଅଣଦେଖା କରି ତାଙ୍କ ପ୍ରତି ବେଇମାନ କରିଛି । ଏଣୁ ଆଗାମୀ ଦିନରେ ଜନତା ତାର ଜବାବ ଦେବ । ମୁଁ ଆଗାମୀ ନିର୍ବାଚନରେ ନିଶ୍ଚୟ ପ୍ରତିଦ୍ୱନ୍ଦିତା କରିବି ବୋଲି ପ୍ରକାଶ କରିଛନ୍ତି ।

# ହାତୀ ଆକ୍ରମଣରେ ଆହତ

ଆଗରପଡ଼ା,(ସବ୍ୟୁ): ସ୍ଥାନୀୟ ପାଟକନା,ରାଉତରାପୁର ଗ୍ରାମର ସାଳନ୍ଦୀନଦୀ କୂଳ ସ୍ଥିତ ଅଂଚଳରେ ଗତ କିଛିଦିନ ହେଲା ଗୋଟିଏ ଦନ୍ତାହାତୀ ବୁଲୁଥିବାର ଦେଖି ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ପାଟକନା ଗ୍ରାମର ଜନୈକ ଯୁବକଙ୍କୁ ହାତୀ ଶୁଣ୍ଢରେ ଫିଙ୍ଗି ଦେବାରୁ ସେ ଆହତ ହୋଇ ବର୍ତ୍ତମାନ ଭଦ୍ରକ ମୁଖ୍ୟ ହସ୍ପିଟାଲରେ ଚିକିତ୍ସାଧିନ ଥିବାର ଜଣାପଡ଼ିଛି। ସେ ଅଳ୍ପକେ ବଡ଼ ବିପଦରୁ ମୁକୁଳି ଯାଇଛନ୍ତି। ରାତିରେ ବାହାରକୁ ବାହାରିବା ପାଇଁ ଲୋକେ ନିଜକୁ ନିରାପଦ ମଣୁନାହାଁନ୍ତି। ମଝିରେ ମଝିରେ ହାତୀମାନେ ନିକଟସ୍ଥ ହଦଗଡ଼ ଜଙ୍ଗଲରୁ ଏଠାକୁ ଖାଦ୍ୟ ଅନ୍ୱେଷଣ ପଳାଇଆସି ଜନଜୀବନ କ୍ଷୟକ୍ଷତି କରୁଛନ୍ତି। ପ୍ରତିବର୍ଷ ଏହି ସମୟରେ ହାତୀମାନେ ଏଠାକୁ ପଳାଇଆସି ପନିପରିବା ଚାଷ ସହ ଆମ୍ବ,ପଣସ,ସପୁରୀ ଆଦି ଫସଲ ନଷ୍ଟ କରୁଛନ୍ତି। ବନବିଭାଗ କର୍ମଚାରୀମାନେ ହାତୀର ଗତିବିଧି ଲକ୍ଷ୍ୟକରି ଲୋକଙ୍କୁ କେବଳ ସୂଚନା ଦେଉଛନ୍ତି। ହାତୀ ଘଉଡ଼ାଇବା ପାଇଁ ସେପରି କୌଣସି ଆବଶ୍ୟକୀୟ ଯନ୍ତ୍ରାଂଶ ନଥିବାରୁ କର୍ମଚାରୀମାନେ କେବଳ ବାଣ ଫୁଟାଇ ଘଉଡ଼ାଉଛନ୍ତି। ହାତୀ ଏଥିରେ ଭୟଭୀତ ହୋଇ କିଛିଦୂର ପଳାଇଯାଇ ଜଙ୍ଗଲକୁ ଯିବା ପରିବର୍ତ୍ତେ ପୁଣି ଗାଁ ମୁହାଁ ବାରମ୍ବାର ହେଉଛି। ଏଥିପୂର୍ବରୁ ହାତୀ ଆକ୍ରମଣରେ ଅନେକ ଲୋକ ମୃତାହତ ହେବା ସହ ବାରମ୍ବାର ଫସଲରେ ହାତୀ କ୍ଷତି ପହଂଚାଇ ଥିବାରୁ ଅନେକ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀମାନଙ୍କ ପକ୍ଷରୁ ଦାବୀ ହେଉଛି।

# ଭିଜିଲାନ୍ସ ମାମଲାରୁ ପୂର୍ବତନ ପୁଲିସ ଅଫିସର ନିର୍ଦ୍ଦୋଷରେ ଖଲାସ

ବାଲେଶ୍ୱର,(ସବ୍ୟୁ) : ଗତ ୨୦୧୭ ମସିହାରେ ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ସାର୍ଥା ଫାଣ୍ଡିର ଏଏସ୍ଆଇ ଶରତ ଚନ୍ଦ୍ର ଧଳ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ହାତରେ ଧରାପଡ଼ିଥିଲେ । ଏହି ଘଟଣାରେ ଏଏସଆଇ ଶ୍ରୀ ଧଳଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ଦୀର୍ଘଦିନ ଧରି ଏହି ମାମଲାର ବିଚାର ଚାଲିବାପରେ ବାଲେଶ୍ୱର ଭିଜିଲାନ୍ସ କୋର୍ଟର ବିଚାରପତି ମାନ୍ୟବର ଶିଖାରାଣୀ ରଥ ଏହି ମାମଲାର ବିଚାର କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ସାର୍ଥା ଫାଣ୍ଡିର ପୂର୍ବତନ ଏଏସ୍ଆଇ ଶରତ ଚନ୍ଦ୍ର ଧଳଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି । ଘଟଣାରୁ ପ୍ରକାଶ ୨୦୧୭ ମସିହାରେ ଶ୍ରୀଧଳ ସାର୍ଥା ଫାଣ୍ଡିରେ ଏଏସ୍ଆଇ ଭାବେ କାର୍ଯ୍ୟରତ ଥିବାବେଳେ ଝାଡ଼େଶ୍ୱର ମଲ୍ଲିକ ନାମକ ଜଣେ ଯୁବକ ତାଙ୍କର ଏକ ଫୌଜଦାରୀ ମାମଲାର ଦଫାରଫା କରିବା ପାଇଁ ଏଏସ୍ଆଇ ଶ୍ରୀ ଧଳଙ୍କୁ କହିଥିଲେ । ଶ୍ରୀ ଧଳ ୫ହଜାର ଟଙ୍କା ଲାଞ୍ଚ ଦାବି କରିଥିବା ବେଳେ ଶ୍ରୀ ମଲ୍ଲିକ ଏତେ ଟଙ୍କା ଦେବାରେ ଅସମର୍ଥ ପ୍ରକାଶ କରିବାରୁ ତାଙ୍କୁ କୋର୍ଟ ଫରୱାଡ କରିଦେବାର ଧମକ ଦେଇଥିଲେ । ଶ୍ରୀ ଝାଡ଼େଶ୍ୱର ମଲ୍ଲିକ ଏବାବଦରେ ଦୁର୍ନୀତି ନିବାରଣ ବିଭାଗ କାର୍ଯ୍ୟାଳୟରେ ଜଣାଇବା ପରେ ଏଏସଆଇ ଶ୍ରୀ ଧଳଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା । ଏହାପରେ ଶ୍ରୀ ଧଳ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିଥିଲେ । ଅଭିଯୁକ୍ତ ଏଏସ୍ଆଇ ଶରତ ଚନ୍ଦ୍ର ଧଳଙ୍କ ବିରୋଧରେ କୋର୍ଟରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାଟି ଟିଆର୍ ନମ୍ବର ୦୨/୨୦୧୮ମୂଳେ ବିଚାରାଧିନ ରହିଥିଲା । ମାନ୍ୟବର ବିଚାରପତି ଶିଖାରାଣୀ ରଥ ବିଚାର ସମୟରେ ସରକାରଙ୍କ ତରଫରୁ ୫ଗୋଟି ସାକ୍ଷୀ ଓ ୨୨ଗୋଟି ଦଲିଲ ଦସ୍ତାବିଜ୍‌କୁ ବିଚାର ପରିସରକୁ ନେଇ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଏଏସ୍ଆଇ ଶ୍ରୀ ଧଳଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି । ଏହି ମାମଲାରେ ଅଭିଯୁକ୍ତ ଏଏସ୍ଆଇ ଶ୍ରୀ ଧଳଙ୍କ ପକ୍ଷରୁ ଆଇନ୍‌ଜୀବୀ ଅରବିନ୍ଦ ବାରିକ, ଚନ୍ଦନ କୁମାର ସିଂ, ଜୟନ୍ତୀ ବାରିକ, ଅର୍ଦ୍ଧେନ୍ଦୁ ବାରିକ ପ୍ରମୁଖ ମୋକଦ୍ଦମା ଲଢୁଥିଲେ ।

# ସୁଧାଂଶୁ ହେଲେ ବିଜେପି ପ୍ରାର୍ଥୀ

ବନ୍ତ,(ସବ୍ୟୁ):ଆଗାମୀ ସାଧାରଣ ନିର୍ବାଚନ ପରିପେକ୍ଷୀରେ ବିଜେପି ପକ୍ଷରୁ ଭଣ୍ଡାରିପୋଖରୀ ଆସନ ପାଇଁ ପ୍ରାର୍ଥୀ ଭାବେ ବରିଷ୍ଠ ନେତା ତଥା ନାଟ୍ୟକାର ଡ.ସୁଧାଂଶୁ ନାୟକଙ୍କ ନାମ ଘୋଷଣା କରିଛି । ଏହି ଘୋଷଣା ପରେ ବନ୍ତ ଓ ଭଣ୍ଡାରିପୋଖରୀରେ କର୍ମୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି । ଶ୍ରୀ ନାୟକଙ୍କର ଘର ବନ୍ତରେ ହୋଇଥିବା ବେଳେ ସେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ଅଧ୍ୟାପକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ । ଦୀର୍ଘ ୨୦ ବର୍ଷ ଧରି ସେ ବନ୍ତ ବ୍ଲକ ବିଜେଡିର ପ୍ରଚ୍ଛଦ ପଟରେ ରହି ସମସ୍ତ କାର୍ଯ୍ୟ କରି ଆସୁଥିଲେ । ତାଙ୍କର ପତ୍ନୀ ୨ ଥର ବ୍ଲକ ଅଧକ୍ଷା, ଥରେ ସମିତି ସଭ୍ୟା ଓ ଥରେ ଜିଲା ପରିଷଦ ସଭ୍ୟା ରହିଥିଲେ । ସେ ସିଧା ରାଜନୀତି କରୁନଥିଲେ ମଧ ତାଙ୍କ ଇସାରାରେ ବ୍ଲକ ବିଜେଡିର ସମସ୍ତ କାର୍ଯ୍ୟ ସଂପାଦନ ହେଉଥିଲ । ମାତ୍ର ଗତ ୧ ବର୍ଷ ତଳେ ଦଳ ତାଙ୍କୁ ଅଣଦେଖା କରିବା ଯୋଗୁ ସେ ବିଜେଡି ଛାଡି ଶତାଧିକ ସମର୍ଥକଙ୍କ ସହିତ ବିଜେପିରେ ଯୋଗ ଦେଇଥିଲେ । ସେ ଏଠାରୁ ପ୍ରାର୍ଥୀ ହେବା ପରେ ବିଜେଡି ଓ କଂଗ୍ରେସ ସହିତ କଡା ଟକ୍କର ହେବ ବୋଲି ଆଶା କରାଯାଉଛି।

# ରାଜମିସ୍ତ୍ରୀ-ନିର୍ମାଣ ଶ୍ରମିକ ସଂଘ ପାଳିଲା ପକ୍ଷରୁ ମଇ ଦିବସ



ବାଲେଶ୍ୱର,(ସବ୍ୟୁ) :ନିର୍ମାଣ କ୍ଷେତ୍ରରେ ସବୁଠାରୁ ଅଧିକ ଅବଦାନ ଦେଇଆସୁଥିବା ଏକ ବଡ଼ ଗୋଷ୍ଠୀକୁ ନବୀନ ପଟ୍ଟନାୟକ ଅବହେଳିତ କରିନାହାନ୍ତି । ନିର୍ମାଣ ଶ୍ରମିକ ପୂର୍ବରୁ ଅଣ ସଙ୍ଗଠିତ ଥିଲେ । ମାତ୍ର ଆଜି ସାରା ଓଡ଼ିଶାରେ ସେମାନେ ଏକତ୍ରିତ ହୋଇ ନ୍ୟାର୍ଯ୍ୟ ଦାବି ହାସଲ କରିପାରିଛନ୍ତି । ମଇ ଦିବସ ଅବସରରେ ସଦର ବିଧାୟକ ସ୍ୱରୂପ ଦାସ ଏକଥା ଉଲ୍ଲେଖ କରିଛନ୍ତି ।ବୁଧବାର ପୂର୍ବାହ୍ନରେ ବାଲେଶ୍ୱର ରାଜମିସ୍ତ୍ରୀ-ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଅନ୍ତର୍ଜ୍ୟାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ପୂର୍ବାହ୍ନ ରେ ସିଦ୍ଧି କଲ୍ୟାଣ ମଣ୍ଡପରେ ସଂଘ ସଭାପତି ରଂଜନ ବାଗ ପତାକା ଉତ୍ତୋଳନ କରିଥିଲେ । ପରେ ଏକ ବାଇକ ରାଲି ସହର ପରିକ୍ରମା କରି ଓଟି ରୋଡ଼ ପାର୍ଶ୍ୱରେ ପ୍ରତିଷ୍ଠିତ ସଂଘର ଭୂତପୂର୍ବ ସଭାପତି ଅରୁଣ ଦେ ଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା । ଆୟୋଜିତ ସଭାରେ ରଂଜନ ବାଗ ପୌରୋହିତ୍ୟ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ଓଡ଼ିଶାର ନବୀନ ପଟ୍ଟନାୟକ ସରକାର ନିର୍ମାଣ ଶ୍ରମିକ ମାନଙ୍କ ଲାଗି ଆରମ୍ଭ କରିଥିବା ଯୋଜନାରୁ ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ । ଶ୍ରମିକମାନଙ୍କ ମଜୁରୀ ଏକ କାଳୀନ ୧୦୦ଟଙ୍କା ବୃଦ୍ଧି କରି ସରକାର ଦେଶରେ ଇତିହାସ ସୃଷ୍ଟି କରିଥିବା ସେ ଦର୍ଶାଇଥିଲେ । ନିର୍ମାଣ ଶ୍ରମିକ କାର୍ଡକୁ ପ୍ରତିବର୍ଷ ନବୀକରଣ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରପାଳ ତପନ ଚକ୍ରବର୍ତ୍ତୀ, ପୂର୍ବତନ ଭାଇସ ଚେୟାରମ୍ୟାନ ମନୋଜ ରାଉତ, ସାଧାରଣ ସମ୍ପାଦକ ଅଶୋକ ବେରା, ବିଦ୍ୟୁତ ସଘଂର କର୍ମକର୍ତ୍ତା ନିମାଇଁ ରାଉତରାୟ,କାଉନସିଲର ବିଶ୍ୱଜିତ ମହାପାତ୍ର, ବିର୍ଲା ଟାୟାର୍ସ ଶ୍ରମିକ କର୍ମଚାରୀ ସଂଘର କର୍ମକର୍ତ୍ତା ଭୋଳାନାଥ ବେହେରା, ଅଭିଜିତ୍ ଦାସ, ହେମନ୍ତ ବେହେରା, ଦୟାମାଝୀ, ଶରତ ଦାସ, ଉଜ୍ଜ୍ୱଳ ଜେନା, ପ୍ରହ୍ଲାଦ ବେହେରା, ସନ୍ତୋଷ ନାୟକ, ପରେଶ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

# ଟିଏସ୍ଏଫ୍‌ର କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

ଯୋଡା, (ସବ୍ୟୁ): କେଉଁଝର ଜିଲ୍ଲାର ଯୋଡା ବ୍ଲକ ଅନ୍ତର୍ଗତ ଗୁଆଲି ଅଞ୍ଚଳର ଛାତ୍ର ଛାତ୍ରୀ ମାନଙ୍କ କ୍ୟାରିୟରରେ ମାର୍ଗଦର୍ଶନ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ତରଫରୁ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ନିକଟରେ ଆୟୋଜିତ ହୋଇଯାଇଛ।ଏନଆଇଆଇଟି ଗୁଆଲି ସହଭାଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଆଲି, ଲୋଇଡାପଡା ଏବଂ ମାଲଦା ପଞ୍ଚାୟତର ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ୪୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବୃତ୍ତିଗତ ବିଭାଗରୁ ଆସିଥିବା ବରିଷ୍ଠ ବ୍ୟକ୍ତି ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଓ଼ି ସିଏନସି ପ୍ରଶିକ୍ଷକ ରଶ୍ମି ରଂଜନ ରାଉତ, ଆଇଟିଆଇ ବାଂଶପାଳ ଇଲେକ୍ଟ୍ରିକାଲ୍ ଟ୍ରେଡ଼ ପ୍ରଶିକ୍ଷକ ରାକେଶ ସାହୁ, କୋଇଡ଼ା ସରକାରୀ ଆଇଟିଆଇ ପ୍ଲେସମେଣ୍ଟ ଅଫିସର ମଣିରମାଳା ଗୋରୋଡା, ଏବଂ କୋଇରା ସରକାରୀ ଆଇଟିଆଇ ପ୍ରଶିକ୍ଷକ ସନ୍ତୋଷ କୁମାର ସେଠୀ ଯୋଗ ଦେଇ ଏହି ସୁଯୋଗର ସଦୁପଯୋଗ ଓ ଦକ୍ଷତା ବିକାଶ ମାଧ୍ୟମରେ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧି ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମଟି ବ୍ୟକ୍ତିବିଶେଷଙ୍କ କ୍ୟାରିୟର ଅଗ୍ରଗତି ପାଇଁ ଆବଶ୍ୟକ କୌଶଳ ପାଇଁ ପରିକଳ୍ପିତ ପାଠ୍ୟକ୍ରମର ଏକ ବିସ୍ତୃତରେ ଉନ୍ମୋଚନ କରିଥିଲା ଉଭୟ ଦୀର୍ଘ ଏବଂ ଅଳ୍ପ ସମୟରେ ଉପଲବ୍ଧ ଏହି ପାଠ୍ୟକ୍ରମଗୁଡ଼ିକ ବିଭିନ୍ନ ସ୍ୱାର୍ଥକୁ ପୂରଣ କରି ବାଣିଜ୍ୟ ଓ ଶିଳ୍ପର ଚାହିଦା ପୂରଣ କରିଥାଏ ଦୀର୍ଘକାଳୀନ ପାଠ୍ୟକ୍ରମରେ ମେକାନିକ୍ ମାଇନିଙ୍ଗ ମେସିନରୀ, ପଥର ପ୍ରକ୍ରିୟାକରଣ ଯନ୍ତ୍ର ପରିଚାଳକ, ପଥର ଖଣି ଯନ୍ତ୍ର ପରିଚାଳକ, କମ୍ପ୍ୟୁଟର ପରିଚାଳକ ଏବଂ ପ୍ରୋଗ୍ରାମିଂ ସହାୟତା ଅନ୍ତର୍ଭୁକ୍ତ ସେହିଭଳି ସ୍ୱଳ୍ପ ମିଆଦି ପାଠ୍ୟକ୍ରମରେ ମାଇନ୍ ଇଲେକ୍ଟ୍ରିସିଆନ୍, ଡମ୍ପର / ଟିପ୍ପର ପରିଚାଳକ, ଲୋଡର୍ ପରିଚାଳକ, ମାଇନିଂ ପରିଚାଳକ ଅନ୍ତର୍ଭୁକ୍ତ । ଏହିକାର୍ଯ୍ୟକ୍ରମରେ କ୍ୟାରିୟରର ବିକାଶକୁ ଏକଆଜୀବନ ଯାତ୍ରା ଭାବରେ ପରିଗଣିତ କରିବାପାଇଁ ଉତ୍ସାହିତ କରାଯିବା ସହ କ୍ୟାରିୟର କାଉନସେଲିଂର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା ।

# କଷାଫଳରେ ସଦର ବିଜେପିର ମିଶ୍ରଣ ପର୍ବ



ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ସଦର ବିଧାନସଭା ଅନ୍ତର୍ଗତ କଷାଫଳ ପଞ୍ଚାୟତରେ ସଦର ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଅଛି। କଷାଫଳରେ ସଦର ବିଜେପି ପକ୍ଷରୁ ଆୟୋଜିତ ମହା ମିଶ୍ରଣ ପର୍ବରେ ବହୁ ବିଜେଡି ଓ କଂଗ୍ରେସ ଦଳର ନେତା ଏବଂ କର୍ମୀ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜେପି ପରିବାରରେ ସାମିଲ ହୋଇଛନ୍ତି। ସମସ୍ତ ବନ୍ଧୁଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଯାଇ ଦଳରେ ସାମିଲ କରାଯାଇଥିଲା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ତଥା ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ଦୃଢ କାର୍ଯ୍ୟଦକ୍ଷତା ଏବଂ ନେତୃତ୍ୱ ଉପରେ ଭରସା ରଖି ବହୁ ସଂଖ୍ୟାରେ ବିଜୁ ଜନତା ଦଳର ନେତା ଅଜୟ କୁମାର ଗିରି, ଗୋପାଳ ଘଡାଇ, ସନ୍ୟାସୀ ଦେହୁରୀ, ପ୍ରଫୁଲ୍ଲ ଦଳାଇ, ବିଜୟ ପାତ୍ର, ସୀତାରାମ ଜେନା, ଶଶିକାନ୍ତ ସାନ୍ତରା, ନୀଳକଣ୍ଠ ଦଳାଇ, ସନ୍ୟାସୀ ଦଳାଇ, ଭୀମଚରଣ ଦଳାଇ ସହିତ ବହୁ କର୍ମୀ ବିଜେପିରେ ଯୋଗଦାନ କରିଛନ୍ତି। ଦଳରେ ମିଶିଥିବା ଅନୁଭବୀ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତି ବୁଥ ସ୍ତରରେ ଦଳର ସାଙ୍ଗଠନିକ ସ୍ଥିତିକୁ ଆହୁରି ଅଧିକ ସୁଦୃଢ଼ କରିବା ସହିତ ଅଧିକରୁ ଅଧିକ ଜନତାଙ୍କ ଆସ୍ଥାଭାଜନ ହେବାରେ ସହାୟକ ହେବା ସହ ବାଲେଶ୍ୱର ସଦରରେ ପରିବର୍ତ୍ତନ ହେବ ବୋଲି ବିଧାୟକ ପ୍ରାର୍ଥୀ ମାନସ ଦତ୍ତ ମତପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ସରପଞ୍ଚ ଜୟନ୍ତୀ ଆଦିକ, ସମିତିସଭ୍ୟା ପ୍ରିୟଙ୍କା ଜେନା, ନାଏବ ସରପଞ୍ଚ ପ୍ରିୟରଂଜନ ପୃଷ୍ଟି, ପଞ୍ଚାୟତ ସଭାପତି ମୁକୁନ୍ଦ ଆଦିକ, ସୌଭାଗ୍ୟ ମାନସ ନାୟକ, ମନ୍ମଥ ବେହେରା, ସତ୍ୟଜିତ ଜେନା, ପ୍ରଭାତ ବେହେରା, ହରିଶ୍ଚନ୍ଦ୍ର ଦଳାଇ, ହରେକୃଷ୍ଣ ଖଣ୍ଡା, ବେଣୁଧର ସେଠୀ, ଶମ୍ଭୁନାଥ ଶାବଳ, ଆନନ୍ଦ ପରିଡା, ବେଣୁଧର ସିଂ, ଜୟାନନ୍ଦ ପାତ୍ର, ପ୍ରଭାସ ପାତ୍ର, ବେଣୁଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ଶ୍ରମିକ ଦିବସ ସମାରୋହ

କରଞ୍ଜିଆ , (ସବ୍ୟୁ) :ବୁଧବାର ପାଓର ଏମ୍ପ୍ଲୋଇଜ ୟୁନିଅନ ରାଇରଙ୍ଗପୁର ଓ କରଞ୍ଜିଆ ଶାଖା ପକ୍ଷରୁ ପ୍ରଶାନ୍ତି କନଭେନସନ ଠାରେ ୧୩୮ ତମ ବିଶ୍ ଶ୍ରମିକ ଦିବସ ମହା ସମାରୋହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ସଭାପତିତ୍ୱ ଫେଡେରେସନ ଅତିରିକ୍ତ ସାଧାରଣ ସମ୍ପାଦକ ଶମ୍ଭୁ ପ୍ରସାଦ ମହାପାତ୍ର କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡେରେସନ୍ ସାଧାରଣ ସମ୍ପାଦକ ସତ୍ୟବାଦୀ ବାଘ,ମୁଖ୍ୟ ବକ୍ତା ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଡ଼ ଭାଗବତ ଲେଙ୍କା,ସମ୍ମାନିତ ଅତିଥି କରଞ୍ଜିଆ ଉପଖଣ୍ଡ ଡେପୁଟି ମ୍ୟାନେଜର ଟିପ୍ପୋଡିଲ ସୌରାଓଶୁ ପରିଡ଼ ,ସହକାରୀ କରଞ୍ଜିଆ ବିଭାଗ ପରିଚାଳକ ଅମୀୟ ସାହୁ , ରରୁଆଁ ସହକାରୀ ପରିଚାଳକ ଆଲୋକ ବାଗ ସିଂ, ଯଶିପୁର ସହକାରୀ ପରିଚାଳକ ଶଶଧର ମହାକୁଡ଼, ଜୋନ୍ ସମ୍ପାଦକ ପାଓ୍ୱାର ଏମ୍ପ୍ଲୋଇଜ ୟୁନିଅନ ବାରିପଦା ଅଶ୍ୱିନୀ କୁମାର ପଣ୍ଡା ,ପାଓ୍ୱାର ଏମ୍ପ୍ଲୋଇଜ ୟୁନିଅନ ଉପସଭାପତି ଆର୍ତ୍ତବନ୍ଧୁ ବିଶ୍ୱାଳ ଓ କୋଷାଧକ୍ଷ ବିଜୟ କୃଷ୍ଣ ମାଇତି, ରାଇରଙ୍ଗପୁର ଡିଭିଜନ ସମ୍ପାଦକ ରାମଦୁଲାଲ ରାୟ, ବରିଷ୍ଠ ନାଗରିକ ସଂଘ ସାଧାରଣ ସମ୍ପାଦକ ସର୍ବେଶ୍ୱର ମିଶ୍ର, ସମାଜସେବୀ ବିଷ୍ଣୁ ଅଗ୍ରୱାଲ,ଓ ଚିରଞ୍ଜି ବିଶ୍ୱାଳ ଉପସ୍ଥିତ ଥିଲେଛ କାର୍ଯ୍ୟକ୍ରମ ପରିଚାଳନା ଏବଂ ଅତିଥି ପରିଚୟ ଜଗନ୍ନାଥ ମହାକୁଡ଼ କରିଥିଲେ। ଆଜି ସକାଳେ ୟୁନିଅନ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ସାଧାରଣ ସମ୍ପାଦକ ଶ୍ରୀ ମହାପାତ୍ର ସମସ୍ତ ଅତିଥି ଓ ସଦସ୍ୟ ଗଣଙ୍କ ଉପସ୍ଥିତିରେ ଶ୍ରମିକ ପତାକା ଉତ୍ତୋଳନ କରିଥିଲେ ପରେ ସ୍ଲୋଗାନ ମାନ ଦେଇ ଏକ ଶୋଭାଯାତ୍ରାରେ ପ୍ରଶାନ୍ତି କନଭେନସନ ଠାରେ ଏକତ୍ରିତ ହୋଇ ସଭା କାର୍ଯ୍ୟ ଶୁଭାରମ୍ଭ କରାଯାଇଥିଲା।ଏହି ସମାରୋହରେ ଯୋଗଦାନ କରିଥିବା ଅତିଥି ଗଣ ୧୮୮୬ ମସିହାରୁ ଆରମ୍ଭ ହୋଇଥିବା ବିଶ୍ୱ ଶ୍ରମିକ ଦିବସର ତାତ୍ପର୍ଯ୍ୟ, ଇତିହାସ ବିଷୟରେ ଆଲୋକପାତ କରିଥିଲେ ।ମୁଖ୍ୟ ବକ୍ତା ତାଙ୍କ ଅଭିଭାଷଣରେ ଏହି ଦିବସ ୧୬୦ ଟି ଦେଶରେ ପାଳିତ ହେଉଛିଛ ସଭାପତି ତାଙ୍କ ବକ୍ତବ୍ୟରେ ଜାଣିଲେ ଜିଣିବା, ଶିଖିଲେ ଜାଣିବା, ଠିକ୍ ସମୟରେ ଠିକ୍ କାର୍ଯ୍ୟ କରିବା ତେବେ ଆମେ ସୁରକ୍ଷିତ ରହିବା ବୋଲି ଉପସ୍ଥିତ ଶ୍ରମିକ ଓ ତାଙ୍କ ପରିବାର ପରିଜନଙ୍କୁ ପରାମର୍ଶ ଦେଇଥିଲେ।ମୁଖ୍ୟ ଅତିଥି ମଧ ଶ୍ରମିକ ଦିବସରେ ସେମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରି ସେମାନଙ୍କୁ ପ୍ରଦାନ କରାଯାଇଥିବା ସୁରକ୍ଷା ପ୍ରସାଧାନ ଗୁଡ଼ିକ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ।ପରିଶେଷରେ ବିଜୟକୃଷ୍ଣ ମାଇତି ଧନ୍ୟବାଦ ଅର୍ପଣ କରିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୫/୨୦)
–କର୍ମ୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ)

ନ ପ୍ରହୃଷ୍ୟେତ୍ ପ୍ରିୟଂ ପ୍ରାପ୍ୟ ନୋଦ୍ୱିଜେତ୍ ପ୍ରାପ୍ୟ ଚାପ୍ରିୟମ୍ ।
ସ୍ଥିରବୁଦ୍ଧିରସଂମୂଢୋ ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ ॥୨୦॥
ସେ ବ୍ରହ୍ମବିତ୍ ହୋଇ ବ୍ରହ୍ମରେ ଅବସ୍ଥାନ କରୁଛନ୍ତି, ସେ ସ୍ଥିରବୁଦ୍ଧି ଓ ମୋହବିମୁକ୍ତ । ସୁତରାଂ ସେ ପ୍ରିୟବସ୍ତୁ ପ୍ରାପ୍ତିରେ ହୃଷ୍ଟ ହୁଅନ୍ତି ନାହିଁ, କି ଅପ୍ରିୟ ବସ୍ତୁ ଲାଭରେ ବିଷର୍ଣ୍ଣ ହୁଅନ୍ତି ନାହିଁ ॥୨୦॥

## ସମ୍ପାଦକୀୟ

# ବିଚ୍ଛିନ୍ନତାବାଦୀ ଆଭିମୁଖ୍ୟ

ଖଲିସ୍ଥାନକୁ ନେଇ ପୁଣି ଚର୍ଚ୍ଚା । କାନାଡ଼ା, ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ ପରି ଦେଶରେ ଖଲିସ୍ଥାନ ସପକ୍ଷବାଦୀ ନିଜର ସ୍ୱର ଉତ୍ତୋଳନ କରିଛନ୍ତି ଯାହାକୁ ପରୋକ୍ଷରେ ସେହି ସବୁ ଦେଶ ସମର୍ଥନ କରି ଚାଲିଛନ୍ତି । ବିଶେଷ ଭାବରେ କାନାଡ଼ାରେ ଏହି ବିଚ୍ଛିନ୍ନତାବାଦୀ କାର୍ଯ୍ୟକ୍ରମ ବୃଦ୍ଧି ପାଉଛି ଏବଂ ଭାରତ କ୍ରମାଗତ ଭାବରେ ନିଜର ଅସନ୍ତୋଷ ପ୍ରକାଶ କରୁଛି । ଶିଖ ବିଚ୍ଛିନ୍ନତାବାଦୀ ନେତା ହରଦୀପ ସିଂ ନିଜ୍ଜରଙ୍କ ହତ୍ୟା ପାଇଁ, କାନାଡ଼ାର ପ୍ରଧାନମନ୍ତ୍ରୀ ସିଧାସଳଖ ଭାରତବର୍ଷକୁ ଦୋଷାରୋପ କରିଥିଲେ । ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ହାଉସ ଅଫ୍ କମନ୍ସରେ କହିଥିଲେ ଯେ' କାନାଡା ମାଟିରେ ଭାରତ ସରକାରଙ୍କ ଏଜେଣ୍ଟମାନେ ଜଣେ କାନାଡିୟ ନାଗରିକଙ୍କୁ ହତ୍ୟା କରିଛନ୍ତି । ଏହା କାନାଡାର ସାର୍ବଭୌମତ୍ୱ ଉପରେ ଏକ ଘୃଣ୍ୟ ତଥା ହିଂସାତ୍ମକ ଆକ୍ରମଣ ସର୍ବସାଧାରଣରେ କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ନେଇ ଭାରତ କ୍ଷୋଭ ପ୍ରକାଶ କରିବା ସହ କାନାଡ଼ାର ଏହି ଅଭିଯୋଗ ଉପରେ ଆପତ୍ତି ଉଠାଇଥିଲା ଏବଂ କାନାଡ଼ା ସହ ଭାରତର ସମ୍ପର୍କ ବହୁ ମାତ୍ରାରେ ପ୍ରଭାବିତ ହେଇଥିଲା । ଶିଖ୍ ବିଚ୍ଛିନ୍ନତାବାଦୀ ନେତାଙ୍କ ହତ୍ୟାକୁ ନେଇ ବିବାଦ ମଧ୍ୟରେ କାନାଡାର ଜଣେ ବରିଷ୍ଠ କୂଟନୀତିଜ୍ଞଙ୍କୁ ଭାରତ ବହିଷ୍କାର କରିଥିଲାବେଳେ, କାନାଡା ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରିଥିଲା, ଯାହା ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ବୃଦ୍ଧି କରିଥିଲା ଏବଂ କ୍ରମେ ସମ୍ପର୍କ ଖରାପ ହେବାକୁ ଲାଗିଲା । ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖୁବ୍ ପୁରୁଣା ଓ ବ୍ୟବସାୟ–ବାଣିଜ୍ୟ କ୍ଷେତ୍ରରେ ଉଭୟ ଉଭୟଙ୍କ ଉପରେ ଅନେକଟା କ୍ଷେତ୍ରରେ ନିର୍ଭରଶୀଳ । ପ୍ରାୟ ୧୦ ଲକ୍ଷ ଭାରତୀୟ କାନାଡ଼ାରେ ବସବାସ କରନ୍ତି ଯାହା ଦୁଇ ଦେଶ ମଧ୍ୟରେ ସାମାଜିକ ସ୍ତରରେ ମଧ୍ୟ ସମ୍ପର୍କକୁ ଦୃଢ କରିପାରିଛି । ୧୯୪୭ ମସିହାରେ ଭାରତ କାନାଡା ସହ କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲା ଏବଂ ପରବର୍ତ୍ତୀ ସମୟରେ ସମ୍ପର୍କ ଯେ ସବୁବେଳେ ଭଲ ଥିଲା ତାହା କୁହାଯାଇ ପାରିବ ନାହିଁ । ଦୁଇ ଦେଶର ସମ୍ପର୍କ ଅନେକ ସମୟରେ ଅନେକ ପରୀକ୍ଷାର ସମ୍ମୁଖିନ ହେଇଛି । ବିଶେଷ ଭାବରେ ଖଲିସ୍ଥାନ କାର୍ଯ୍ୟକଳାପ ନେଇ ସମ୍ପର୍କ ପ୍ରଭାବିତ ହେଇଛି । ଭାରତ ପକ୍ଷରୁ ଏଥିନେଇ ବାରମ୍ବାର ପ୍ରତିବାଦ କରାଯାଇଛି । ତାପରେ ମଧ୍ୟ କାନାଡ଼ା ଖଲିସ୍ତାନୀ କାର୍ଯ୍ୟକ୍ରମକୁ ସମର୍ଥନ ଦେଇଚାଲିଛି ଯାହା ଦୁଇ ଦେଶ ମଧ୍ୟରେ ତିକ୍ତତା ସୃଷ୍ଟି କରୁଛି । ଏଇ ମାତ୍ର ୬ ମାସ ତଳେ, ଦୁଇ ଦେଶ ମଧ୍ୟ ଏତେ ଉତ୍ତେଜନା ଦେଖା ଦେଇଥିବା ବେଳେ, ଏବେ ଟିକେ ସ୍ୱାଭାବିକ ଅବସ୍ଥାକୁ ଫେରିଥିବା ବେଳେ, ପୁଣି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ଦ୍ୱାରା ସମ୍ବୋଧିତ ଏକ କାର୍ଯ୍ୟକ୍ରମରେ 'ଖଲିସ୍ତାନ' ସମର୍ଥକମାନେ ବିଚ୍ଛିନ୍ନତାବାଦୀ ସ୍ଲୋଗାନ ଦେଇଥିଲେ ଯାହା ସ୍ପଷ୍ଟ କରୁଛି କାନାଡ଼ା ପ୍ରଧାନମନ୍ତ୍ରୀ ପରୋକ୍ଷରେ ତାଙ୍କ ଦେଶରେ ଭାରତ ବିରୋଧୀ କାର୍ଯ୍ୟକଳାପକୁ ସମର୍ଥନ ଦେଉଛନ୍ତି । ନୂଆଦିଲ୍ଲୀ କାନାଡା ଡେପୁଟି ହାଇ କମିଶନରଙ୍କୁ ଡକାଇ କହିଛନ୍ତି ଯେ' ଏହା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ପ୍ରଭାବିତ କରୁଛି ଏବଂ ହିଂସାତ୍ମକ ପରିବେଶ ପାଇଁ ଉତ୍ସାହିତ କରୁଛି । ଗୋଟିଏ ଇଭେଣ୍ଟରେ ଏହିଭଳି ଭାରତ ବିରୋଧୀ କାର୍ଯ୍ୟକଳାପକୁ କାନାଡ଼ା ଅନୁମତି ଦେଇଥିବାରୁ ଭାରତ ସରକାର ଗଭୀର ଚିନ୍ତା ପ୍ରକଟ କରିବା ସହ ଦୃଢ ପ୍ରତିବାଦ ମଧ୍ୟ ଜଣାଇଛନ୍ତି । କାନାଡ଼ା ନିଜ ଦେଶରେ କିପରି ଭାରତ ବିରୋଧୀ ବିଚ୍ଛିନ୍ନତାବାଦୀ ଶକ୍ତିଙ୍କୁ ଉତ୍ସାହିତ କରୁଛି, ଏହା ତାହାର ଗୋଟିଏ ବଡ ଉଦାହରଣ । ସେହିଭଳି ଭାବରେ, ଭାରତରେ ଆତଙ୍କବାଦ କାର୍ଯ୍ୟକଳାପରେ ସମ୍ପୃକ୍ତ ଖଲିସ୍ତାନୀ କାର୍ଯ୍ୟକର୍ତ୍ତା ଗୁରୁପଟୱନ୍ତ ସିଂ ପନ୍ନୁନଙ୍କୁ ହତ୍ୟା କରିବା ଷଡଯନ୍ତ୍ରରେ 'ର' ସଂଶ୍ଳିଷ୍ଟ ଥିବା ନେଇ ଆମେରିକା ଅଭିଯୋଗ କରିଛି ଏବଂ ଏ ସମ୍ପର୍କରେ ଆମେରିକାର ଜାତୀୟ ଦୈନିକ ୱାଶିଂଟନ୍ ପୋଷ୍ଟ ରିପୋର୍ଟ କରିଛି । ଏହି ଅଭିଯାଗକୁ ଭାରତ ଖଣ୍ଡନ କରିଛି । ଆମେରିକାରେ ଶିଖ୍ ବିଚ୍ଛିନ୍ନତାବାଦୀ ନେତା ଗୁରୁପଟୱନ୍ତ ସିଂ ପନ୍ନୁନଙ୍କ ହତ୍ୟା ଷଡଯନ୍ତ୍ର ସମ୍ପର୍କରେ ୱାଶିଂଟନ୍ ପୋଷ୍ଟର ଏକ ରିପୋର୍ଟରେ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଏହାର ପ୍ରମାଣ ମଧ୍ୟ ଆମେରିକାର ହସ୍ତଗତ ହୋଇଛି ବୋଲି ଆମେରିକା ଦାବି କରିଛି, ଯାହା ଭାରତକୁ ଅଡୁଆରେ ପକାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସରକାରୀ ମୁଖପାତ୍ର ଏହି ରିପୋର୍ଟକୁ ଅଯଥା ଏବଂ ଭିତ୍ତିହୀନ ବୋଲି ବର୍ଣ୍ଣନା କରି କହିଛନ୍ତି । ତେବେ କଥା ହେଉଛି, ଏହି କିଛି ବର୍ଷ ମଧରେ ବିଦେଶ ମାଟିରେ ଏହିଭଳି କାର୍ଯ୍ୟକ୍ରମ ବଢିଚାଲିଛି ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପକୁ ଅନ୍ୟ ଦେଶ ପରୋକ୍ଷରେ ସମର୍ଥନ ଦେଉଛନ୍ତି । ଏଥିନେଇ ସରକାର କୂଟନୈତିକ ସ୍ତରରେ ସମାଧାନ କରିବା ଜରୁରୀ ବା ସମର୍ଥନ ଦେଉଥିବା ଦେଶଗୁଡିକ ସମ୍ମୁଖରେ ଭାରତ ଏହାର ଆଭିମୁଖ୍ୟ ସ୍ପଷ୍ଟ କରିବା ଜରୁରୀ । ଏହା ସମ୍ପୃକ୍ତ ଦେଶଗୁଡିକ ସହ ସମ୍ପର୍କ ପ୍ରଭାବିତ କରୁଥିବା ବେଳେ ବାଣିଜ୍ୟ–ବ୍ୟବସାୟ, ସାମାଜିକ ଓ ସାଂସ୍କୃତିକ ସମ୍ପର୍କକୁ ମଧ୍ୟ ନଷ୍ଟ କରୁଛି । ଭାରତ ବାହାରେ ଏହି ଘଟଣା ବାରମ୍ବାର ଘଟିଚାଲିଲେ, ଭାରତର ପ୍ରତିଛବି ମଧ୍ୟ ଖରାପ ହେବ । ଏହିଭଳି ଘଟଣା କିପରି ବିଦେଶ ମାଟିରେ ନ ଘଟିବ ସେ ନେଇ ଭାରତ ଯତ୍ନବାନ ହେବା ଉଚିତ ଏବଂ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ । ତେବେ ଏହା କେବଳ ଭାରତର ସମସ୍ୟା ନୁହେଁ, ବିଶ୍ୱର ଅଧିକାଂଶ ଦେଶ ଏହାର ଶିକାର ହେଇ ଚାଲିଛନ୍ତି ଯାହାର ସମାଧାନର ରାସ୍ତା ବାହାରି ପାରୁନାହିଁ । ବିଚ୍ଛିନ୍ନତାବାଦୀ ଭାବନା ବା ଦେଶରୁ ଅଲଗା ହେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ କେତେକ ଗୋଷ୍ଠୀ, ଜାତି ବା ଧର୍ମର ଲୋକେ ଲଢେଇ କରିଥାନ୍ତି ଏବଂ ମୂଳ ଦେଶରୁ ଅଲଗା ହେବାକୁ ପ୍ରୟାସ କରନ୍ତି । ଅନେକ ସମୟରେ ଏହି ଆନ୍ଦୋଳନ ଉଗ୍ର ହେବାର ଦେଖାଦିଏ ଏବଂ ହିଂସା ବଢିଚାଲେ । ଅନ୍ୟ ଦେଶର ସମର୍ଥନ ଏହିପରି ଆନ୍ଦୋଳନକୁ ଆହୁରି ବଢ଼ାଇ ଦିଏ । ତେବେ କୌଣସି ବିଚ୍ଛିନ୍ନତାବାଦୀ ଆନ୍ଦୋଳନକୁ ସମର୍ଥନ ଦେବା ପୂର୍ବରୁ ପ୍ରତ୍ୟେକ ଦେଶ ଚିନ୍ତାକରିବା କଥା– ଏହି ଆନ୍ଦୋଳନ କେତେଦୂର ଯଥାର୍ଥ ଏବଂ ଏଥିରେ କେତେ ଜନ ସମର୍ଥନ ରହିଛି ବା ଏହି ଆନ୍ଦୋଳନ ଭବିଷ୍ୟତ କଣ ? କେବଳ ନିଜର ସ୍ୱାର୍ଥ ପାଇଁ ବା କାନାଡ଼ା ପ୍ରଧାନମନ୍ତ୍ରୀଙ୍କ ଭଳି ନିଜର ରାଜନୈତିକ ଇଛାକୁ ପୂରଣକରିବା ପାଇଁ, ଦେଶଗୁଡିକ ବିଚ୍ଛିନ୍ନତାବାଦୀ ଆନ୍ଦୋଳନ କୁ ସମର୍ଥନ କରିବା ଦ୍ୱାରା, ଏହା ଦେଶ–ଦେଶ ମଧରେ ଅଯଥା ତିକ୍ତତା ବୃଦ୍ଧି କରୁଛି ଯାହା ପ୍ରତ୍ୟକ୍ଷ ବା ପରୋକ୍ଷରେ ଉଭୟ ଦେଶର ଅର୍ଥନୀତି, ସମାଜକ ପରିବେଶକୁ ପ୍ରଭାବିତ କରିବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# କେତେ ହାନିକାରକ ଶବ୍ଦ ପ୍ରଦୂଷଣ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଅଧିକାଂଶ ସମୟରେ ପ୍ରଦୂଷଣ ବିଷୟରେ ଆଲୋଚନା ହେଲାବେଳେ ଶବ୍ଦ ପ୍ରଦୂଷଣର ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ଆଲୋଚନା କରାଯାଏ ନାହିଁ । ସାଧାରଣତଃ କୌଣସି ସମୟରେ ବି ଜୋରରେ ଶବ୍ଦ ଆମର ଆବଶ୍ୟକତା ନଥାଏ , କିନ୍ତୁ ଲୋକମାନେ ସେମାନଙ୍କ ମଜା ପାଇଁ ଉଚ୍ଚ ଶବ୍ଦକୁ 'ଉପଭୋଗ' କରନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରନ୍ତି । ଗତ କିଛି ବର୍ଷ ମଧ୍ୟରେ ଅନେକ ସମାବେଶରେ ଏମିତି ଘଟିଛି ଯେ ଜୋରରେ ସଙ୍ଗୀତ ଶବ୍ଦରେ ନୃତ୍ୟ କରୁଥିବା ଲୋକମାନେ ଅନେକେ ହଠାତ୍ ଗୁରୁତର ଅସୁସ୍ଥ ହୋଇପଡିଛନ୍ତି କିମ୍ବା ମୃତ୍ୟୁ ମୁଖରେ ପଡ଼ିଛନ୍ତି । ବୈଜ୍ଞାନିକ ଏବଂ ଡାକ୍ତରଙ୍କ ମତରେ କ୍ରମାଗତ ଶବ୍ଦ ଯୋଗୁଁ ଜଣେ ବ୍ୟକ୍ତିଙ୍କ ମନରେ ଭୟ ମିଶ୍ରିତ ଚିନ୍ତା ଆରମ୍ଭ ହୋଇଯାଏ ତାଙ୍କ ରକ୍ତଚାପ ଉଚ୍ଚ ହେବା ସହ ହୃତ୍‌ପିଣ୍ଡର କାର୍ଯ୍ୟକଳାପ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ । ଯେଉଁମାନେ ପୂର୍ବରୁ କୌଣସି ହୃଦ୍ ରୋଗ, ରକ୍ତଚାପର ଅସ୍ଥିରତା କିମ୍ବା ମାନସିକ ଚାପ ଅନୁଭବ କରୁଛନ୍ତି ସେମାନଙ୍କ ପାଇଁ ଏହି ବିପଦ ବଢିଯାଏ ।

ବିଶେଷକରି ସହରାଞ୍ଚଳ ଜୀବନରେ ପ୍ରବଳ ଶବ୍ଦ ଏକ ବିପଦର ସଂକେତ, ଯାହାର ପରିଣାମ ଭୋଗିବାକୁ ପ୍ରତ୍ୟେକ ନାଗରିକ ବାଧ୍ୟ ହେଉଛନ୍ତି । ସମସ୍ତେ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ପାଇଁ ତରବରିଆ ହୋଇଥିବାରୁ ସାମାନ୍ୟ ଜାମ୍ ହେବା ମାତ୍ରେ ଚାଳକମାନେ ହର୍ନ ଦେବା ଆରମ୍ଭ କରିଦିଅନ୍ତି । ବାହ୍ୟ ଶବ୍ଦକୁ ଏଡ଼ାଇବା ପାଇଁ ଲୋକମାନେ ପ୍ରାୟତଃ ନିଜ କାରରେ ସ୍ୱାଭାବିକ ଠାରୁ ଅଧିକ ମାତ୍ରାରେ ସଙ୍ଗୀତ ବଜାଉଛନ୍ତି । ଟ୍ରେନ, ବସ୍‌ରେ ଯାତ୍ରା କରୁଥିବା କିମ୍ବା ରାସ୍ତାରେ ବୁଲୁଥିବା ଯୁବକଙ୍କ କାନରେ ହେଡଫୋନ ଲାଗିଥାଏ । ଅନେକ ସମୟରେ ଏହି ହେଡଫୋନର ଶବ୍ଦ ଏତେ ଜୋରରେ ହୋଇଥାଏ ଯେ ପଛପଟୁ ଆସୁଥିବା କାରର ହର୍ନ ଲଗାତାର ବାଜିବା ଶବ୍ଦ ଶୁଣିବାକୁ ମିଳେ ନାହିଁ । ଏଭଳି ସ୍ଥିତିରେ ଅନେକ ଦୁର୍ଘଟଣା ମଧ୍ୟ ଘଟେ । ଗବେଷଣାରୁ ଜଣାପଡିଛି ଯେ ଏହି ଶବ୍ଦ ପ୍ରଦୂଷଣ ହିଁ ଲୋକଙ୍କ ମଧ୍ୟରେ କ୍ରମାଗତ ଭାବରେ ବଢୁଥିବା ଚିଡ଼ଚିଡ଼ାପଣ ଏବଂ ରାସ୍ତାରେ ଚାଳକଙ୍କ ମଧ୍ୟରେ ସଂଘର୍ଷର କାରଣ ଅଟେ । ଆମ ଚାରିପାଖରେ ବଢୁଥିବା ଶବ୍ଦ କ୍ରମାଗତ ଭାବରେ ବିପଦ ସୃଷ୍ଟି କରୁଛି ।

ମଣିଷର ଶ୍ରବଣ ଶକ୍ତି ସୀମିତ । ଜଣେ ସାଧାରଣ ବ୍ୟକ୍ତି ଡେସିବେଲ ତୀବ୍ରତା ସହିତ ସହଜରେ ଶବ୍ଦ ଶୁଣିପାରିବେ । ଡେସିବେଲ ହେଉଛି ଶବ୍ଦର ସ୍ତର ମାପିବାର ଏକ ୟୁନିଟ୍ । ସାଧାରଣତଃ ତିରିଶ ଡେସିବେଲରୁ ଅଧିକ ଶବ୍ଦକୁ ଶବ୍ଦ ପ୍ରଦୂଷଣ ବୋଲି ବିବେଚନା କରାଯାଏ । ଏହି ସ୍ତର ୧୨୦ ଡେସିବେଲ୍‌ରୁ ଅଧିକ ହେଲେ ହୃଦସ୍ପନ୍ଦନ ଦ୍ରୁତ ହୋଇଯାଏ । ଯେତେବେଳେ ହୃଦୟ ଦ୍ରୁତ ଗତିରେ ସ୍ପନ୍ଦନ କରିବା ଆରମ୍ଭ କରେ, ସେତେବେଳେ ଏକ ଅଦ୍ଭୁତ ଅସ୍ଥିରତା ଦେଖାଯାଏ । ଶ୍ରୋତାଙ୍କ ରକ୍ତଚାପ ବଢିଥାଏ ଏବଂ ଏହି ଅବସ୍ଥା ଶରୀରର ଅନ୍ୟ ଅଙ୍ଗକୁ ମଧ୍ୟ ପ୍ରଭାବିତ କରିଥାଏ । ବୟସ୍କ ବ୍ୟକ୍ତି କିମ୍ବା ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ଏହି ଅବସ୍ଥା ବେଳେବେଳେ ମାରାତ୍ମକ ହୋଇଯାଏ ।

ବିବାହ, ବ୍ରତରେ ବାଜୁଥିବା 'ଡିଜେ' ପ୍ରାୟତଃ ୧୨୦–୧୩୦ ଡେସିବେଲ ପର୍ଯ୍ୟନ୍ତ ଶବ୍ଦ ଉତ୍ପନ୍ନ କରିଥାନ୍ତି । ରାଜରାସ୍ତାର ବିଭିନ୍ନ ପ୍ରକାରର ଶୋଭାଯାତ୍ରା, ବେଳେବେଳେ ଏହି ସ୍ତରରୁ ମଧ୍ୟ ଉପରକୁ ଯାଇଥାଏ । ଏହି ଶବ୍ଦ ଯୋଗୁଁ ରାସ୍ତା କଡ଼ରେ ଥିବା ଘରର ବାସିନ୍ଦାମାନେ ଅନେକ ସମୟରେ ଘରର କବାଟ ଓ ଝରଣାରେ କମ୍ପନ ଅନୁଭବ କରନ୍ତି ।

ସାଉଣ୍ଡ ଆମ୍ପ୍ଲିଫାୟାର ଦ୍ୱାରା ହେଉଥିବା ଶବ୍ଦର ସ୍ତର ଏହି ତଥ୍ୟରୁ ଆକଳନ କରାଯାଇପାରେ ଯେ ଯେତେବେଳେ ଏକ କୁକୁର କ୍ରମାଗତ ଭାବରେ ଭୁକିଥାଏ, ସେତେବେଳେ ଏହା ୬୦ରୁ ୮୦ ଡେସିବେଲ ଶବ୍ଦ ଉତ୍ପନ୍ନ କରିଥାଏ । ସେଥିପାଇଁ ଯଦି କୌଣସି କୁକୁର ଲଗାତାର ଭୁକିଥାଏ, ତେବେ ଏକ ଅଦ୍ଭୁତ ପ୍ରକାରର ଚିଡ଼ଚିଡ଼ାପଣ ଅନୁଭବ ହୁଏ । ରାସ୍ତାରେ ଶୋଭାଯାତ୍ରା ଡିଜେ ଶବ୍ଦକୁ ନେଇ କେତେକ ଅଦାଲତ ରାୟ ମଧ୍ୟ ଦେଇଛନ୍ତି, କିନ୍ତୁ ଏଥିପାଇଁ ଆବଶ୍ୟକ ପଦକ୍ଷେପ କେହି ପ୍ରାୟ ନେଉନାହାନ୍ତି । ଏହାର କାରଣ ହେଉଛି ସାଧାରଣତଃ ଲୋକମାନେ ଶବ୍ଦ ପ୍ରଦୂଷଣ ବିରୋଧରେ ବିଶେଷ ଅଭିଯୋଗ କରନ୍ତି ନାହିଁ ଏବଂ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କୁ କୋର୍ଟ ଚାଲାଣ କରିବା ପୋଲିସ ପାଇଁ ମଧ୍ୟ କାର୍ଯ୍ୟଭାର ବଢ଼ାଇବା ଭଳି ମନେ ହୁଏ । ପ୍ରାୟ ୮ ବର୍ଷ ତଳେ ମଧ୍ୟପ୍ରଦେଶର ଖରଗୋନରେ ପ୍ରଶାସନ ଓ ପୋଲିସ ଅଧିକାରୀମାନେ ଡିଜେ ପିଲାଙ୍କ ଏକ ବୈଠକ କରି ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଦାହରଣ ଦେଇ କହିଥିଲେ ଯେ ଡିଜେ କୌଣସି ଶୋଭାଯାତ୍ରା,କିମ୍ବା ରାଲିରେ ୧୦ ଡେସିବେଲରୁ ଅଧିକ ବଜାଇବେ ନାହିଁ, ନଚେତ ଦୋଷୀଙ୍କୁ ୬ ମାସ ଜେଲ ନହେଲେ ଜୋରିମାନା କିମ୍ବା ଉଭୟ ଦଣ୍ଡ ହୋଇପାରେ । ପାଖାପାଖି ଦୁଇ ବର୍ଷ ପରେ ପଞ୍ଜାବ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ପିପିସିବି) ମଧ୍ୟ ଶବ୍ଦ ପ୍ରଦୂଷଣକୁ ଗମ୍ଭୀରତାର ସହ ନେଇ ବିବାହ ଆୟୋଜକମାନଙ୍କୁ ନିର୍ଦ୍ଧାରିତ ମାନଦଣ୍ଡ ମଧ୍ୟରେ ଡିଜେ ବଜାଇବାକୁ ନିର୍ଦ୍ଦେଶ ଦେଇଥିଲା । ଏହା କେତେଦୂର କାର୍ଯ୍ୟ କରିଛି କେହି ଜାଣନ୍ତି ନାହିଁ । ଶବ୍ଦ ସାରା ବିଶ୍ୱରେ ଚିନ୍ତାର କାରଣ ପାଲଟିଛି । ଏହା କେବଳ ପ୍ରଦୂଷଣ ନୁହେଁ ବରଂ ଉପଦ୍ରବ ଭଳି ମନେହୁଏ, କାରଣ ଏହା ଅନେକ ସମୟରେ ଅନ୍ୟର ଶାନ୍ତିଭଙ୍ଗ କରିଥାଏ । ୨୦୦୫ମସିହାରେ ସ୍ପେନରେ ଏକ ସର୍ଭେ କରାଯାଇଥିଲା, ଯେଉଁଥିରେ ଜଣାପଡ଼ିଥିଲା ଯେ ଲୋକମାନେ ବହୁ ପରିମାଣର ଅର୍ଥ ଖର୍ଚ୍ଚ କରି ଶବ୍ଦ ପ୍ରଦୂଷଣରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି । ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାଦେଶିକ ସରକାର ଏବଂ ସ୍ଥାନୀୟ ସଂସ୍ଥାକୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି ।

କାନାଡା ଏବଂ ୟୁରୋପୀୟ ସଂଘର ଦେଶମାନଙ୍କରେ ମଧ୍ୟ ସାଧାରଣ ଲୋକଙ୍କୁ ଶବ୍ଦ ପ୍ରଦୂଷଣରୁ ରକ୍ଷା କରିବା ପାଇଁ ଆଇନ ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ୮୫ ଡେସିବେଲରୁ ଅଧିକ ଶବ୍ଦକୁ ବିଚାର କରି ବଢୁଥିବା ଶବ୍ଦ ପ୍ରଦୂଷଣକୁ ନେଇ ଚିନ୍ତା ପ୍ରକଟ କରିଛି । କିନ୍ତୁ ଶବ୍ଦ ପ୍ରଦୂଷଣର କୁପ୍ରଭାବକୁ ଦେଖିଲେ କୁହାଯାଇପାରେ ଯେ ଆମ ଚାରିପାଖରେ ବ୍ୟାପୁଥିବା ଏହି ଶବ୍ଦ ଆମକୁ ଶାନ୍ତିରେ ରହିବାକୁ ଦେବ ନାହିଁ । ଏହି ଶବ୍ଦ ପ୍ରଦୂଷଣକୁ ହ୍ରାସ କରିବା ପାଇଁ ଆମକୁ ସଚେତନ ହେବାକୁ ପଡ଼ିବ ।

**ନୟାଗଡ଼,**
**ମୋ–୯୪୩୭୬୪୨୯୪୭**

# ନଇଁଲେ ବଢ଼େ ସମ୍ପର୍କ

**ଧ୍ରୁବ ଚରଣ ଘିବେଲା**

ସମ୍ପର୍କ ସବୁବେଳେ ଦ୍ୱି – ପାକ୍ଷିକ । ସମ୍ପର୍କ କେବେ ବି ନ ଥାଏ ଏକପାଖିଆ । ଦି' ହାତ ନ ହେଲେ, ଦି ହାତ ନ ମିଶିଲେ ତାଳି ଯେମିତି ବାଜିପାରେନି, ଠିକ୍ ସେମିତି ସମ୍ପର୍କ ଦି' ପାଖିଆ ନ ଥିଲେ ସେ ସୁନ୍ଦର ଲାଗେନି । ଦି' ପାଖିଆ ସମ୍ପର୍କରେ ହିଁ ସୁନ୍ଦରତା ଥାଏ । ଏକପାଖିଆ ପ୍ରେମକୁ କେବେ କେଉଁଠି ସ୍ୱୀକୃତି ମିଳିନଥାଏ । ପ୍ରେମ ଦି' ପାଖିଆ ଥିଲେ ମାନେ ପୁଅ ଓ ଝିଅ ପରସ୍ପରକୁ ଭଲ ପାଉଥିଲେ ସେଠି ପ୍ରେମର ମୂଲ୍ୟ ଥାଏ ।

ସବୁ ପ୍ରକାର ସମ୍ପର୍କ ସ୍ନେହ –ପ୍ରେମ ଆଧାରିତ ଥିଲେ ସମ୍ପର୍କର ମୂଲ୍ୟ ରହେ । ତେବେ ସମ୍ପର୍କ ଗଢିବା ସୁନ୍ଦର, ଭାଙ୍ଗିବା ଅସୁନ୍ଦର କଥା । ସମ୍ପର୍କ ବଜାୟ ରଖିବା ପାଇଁ,ସମ୍ପର୍କ ବଢ଼ାଇ ଚାଲିବା ପାଇଁ ପରସ୍ପରକୁ ବୁଝିବାକୁ ହୁଏ । ବିଶ୍ୱାସକୁ ନେବାକୁ ହୁଏ । ଯେଣୁ ସମ୍ପର୍କର ଆଧାର ଉତ୍ତମ ବୁଝାମଣା । ଆଉ ଅତୁଟ ବିଶ୍ୱାସ । ବୁଝାମଣା ନ ରହିଲେ, ବିଶ୍ୱାସ ଭାଙ୍ଗିଗଲେ ସମ୍ପର୍କ ଆଉ ଆଗକୁ ଆଗେଇପାରେ ନାହିଁ । ବୁଝାମଣା ଓ ବିଶ୍ୱାସ ଅଭାବରେ ସମ୍ପର୍କରେ ବାଡ଼ ପଡ଼େ । ଅର୍ଥାତ୍ ପୂର୍ଣ୍ଣଚ୍ଛେଦ ପଡ଼େ ।

ଭାଇ ଭାଇର ସମ୍ପର୍କ ହେଉ କି ସାହି ଭାଇର ସାମାଜିକ ସମ୍ପର୍କ ହେଉ ସବୁ ସମ୍ପର୍କ ଭାବ ବିଶ୍ୱାସ ଆଧାରେ ବଢ଼େ । ଖାଲି ବଢ଼େ ନାହିଁ ଗଢ଼େ ମଧ୍ୟ ସମୟ ସୁଅରେ । ସମ୍ପର୍କ ଦୀର୍ଘସ୍ଥାୟୀ ରହେ । ବିଶ୍ୱାସ ଓ ବୁଝାମଣା ସହ ଅନ୍ୟକୁ ଗ୍ରହଣ କଲେ ଗ୍ରହଣୀୟତା ରହେ । ପାରସ୍ପରିକ ସମ୍ମାନ ବି ପ୍ରତିଷ୍ଠିତ ହୁଏ । ସମ୍ମାନ ଦେଲେ ସମ୍ମାନ ରହେ, ସମ୍ମାନ ମିଳେ । ସମ୍ମାନର ସହ ଆନକୁ, ଆନର ଉତ୍ତମ ମତ / ବିଚାରକୁ ଗ୍ରହଣ କରାନଗଲେ, ଅନ୍ୟକୁ ଅସମ୍ମାନ କଲେ ନିଜର ସମ୍ମାନହାନୀ ଘଟେ । ଯେକୌଣସି ସ୍ଥିତିରେ ଟାଳଟୁଳ ବା ତେଡ଼ା ନୀତି ଗ୍ରହଣ କରାଗଲେ, କେଁ କାଁ ଉଦ୍ଭବ ହୁଏ । ସନ୍ଦେହର ନିଆଁ କ୍ରମେ କୁହୁଳେ । ତାହା ନ ଥମିଲେ ବୁଝାମଣା ବିଗିଡ଼େ । ସମ୍ପର୍କ ହୁଗୁଳା ହୁଏ । ଭୁଶୁଡ଼ିପାରେ । ଭାଙ୍ଗିପାରେ ତାସ ଘର ପରି ।

ଯେଉଁଠି କେଁ କାଁ ଖିଟ୍‌ଖାଟ୍ ଲାଗିରହେ, ସେଇଠି ସମ୍ପର୍କରେ ଶିଥିଳତା ଦେଖାଦିଏ । ସମ୍ପର୍କ କଠିନରୁ ତରଳମୁହାଁ ହୁଏ । ସମ୍ପର୍କ ହୁଗୁଳେ ବି । ସମ୍ପର୍କ ରକ୍ଷା ପାଇଁ ବେଳେ ବେଳେ ବୁଝାମଣାର କ୍ଷେତ୍ରକୁ ଖୁବ୍ ପ୍ରଶସ୍ତ କରି ରଖିବାକୁ ହୁଏ । ଏଇଥିପାଇଁ ଯେ ବୁଝାମଣା ବିଗିଡିବା ସମ୍ଭାବନା ରହିଲେ ଗୋଟେ ପକ୍ଷକୁ ଉଦାର ହେବାକୁ ହେବ । ନଇଁବାକୁ ହୁଏ । ସବୁଠି ସବୁବେଳେ ସିଧା ରହିଲେ ହୁଏ ନାହିଁ । ମାଡ଼ି ଆସୁଥିବା ଢ଼ୁଆରକୁ ଏଡ଼ାଇବା ପାଇଁ ନଇଁ ପଡ଼ିଲେ ଢ଼ୁଆର ଚାଲିଯାଏ । ଢ଼ୁଆର ଆଗରେ ସିଧା ଠିଆ ହେଲେ ତାକୁ ସାମ୍ନା କରିବା ସହଜ ହୋଇନଥାଏ । ଦୁଃଖ ବେଳେ ନ ନରମିଲେ ଦୁଃଖ ହଟେ ନାହିଁ । ସିଧା ମାଠିଆ ବା ଗରିଆ ଭିତରକୁ ପାଣି ପ୍ରବେଶ କରେ ନାହିଁ କୂଅରୁ ପାଣି କାଢ଼ିଲା ବେଳେ ।

ମାଠିଆ ବା ଗରିଆର ମୁହଁକୁ ଟିକେ ଅଣେଇବାକୁ ପଡ଼େ । ନୂଆଁଇବାକୁ ହୁଏ । ଟିକେ ନଇଁଗଲେ କୂଅ ପାଣି ମାଠିଆ ଭିତରକୁ ପ୍ରବେଶ କରିବା ଆରମ୍ଭ କରେ ଏବଂ ମାଠିଆରେ କୂଅ ପାଣି କାଢ଼ିବା ସହଜ ହୁଏ । କୂଅରୁ ପାଣି କାଢ଼ିଲା ବେଳେ ମାଠିଆ ନଇଁଲେ ଯେମିତି ତା' ଭିତରେ ପାଣି ପଶିବା ସହଜ ହୁଏ, ଠିକ ସେମିତି ଅଡୁଆ ସ୍ଥିତିରେ ଜଣକୁ ନଇଁବାକୁ ହୁଏ । ନଇଁ ପଡ଼ିଲେ କଥା ସେଇଠି ଛିଣ୍ଡେ । ଅଛିଣ୍ଡା ପାଠ ଛିଣ୍ଡିଯାଏ । ବିବାଦ ସମାଧାନ ହୁଏ । ଜଣେ ନ ନଇଁଲେ ଅଯଥା କଥା, ବିବାଦ ଆଗକୁ ବଢ଼େ । କଥା ମାଜିଲେ ମୋଟ ହୁଏ । କଥା ତୁଟାଇଲେ ଛିଣ୍ଡେ । ସବୁଠୁ ଭଲ, ଯାହାକୁ ହେଲେ ନଇଁବାକୁ ହେବ । ଜଣେ ନଇଁଗଲେ ନରମ ପଡ଼ିଲେ କଥା ସରେ । ନା ରହେ ବିବାଦ ନା ରହେ ମୁହଁଫୁଲା ରାଗରୁଷା । ଦି' ପକ୍ଷ ନିଜ ଜିଦ୍‌ରେ ରହିଲେ କଥା ବିଗିଡ଼େ ।

ଯେତେ ଭାଇ ସେତେ ଘର ହୋଇପାରେ । ଯେତେ ଘର ସେତେ ଚୁଲି ରହିପାରେ । ସ୍ଥଳବିଶେଷରେ ଯିଏ ଯାହା ସୁବିଧାରେ ଅଲଗା ଅଲଗା ରହିପାରନ୍ତି । ହେଲେ ସେମାନେ ଦି', ତିନି, ଚାରି ଯେତେ ଭାଇ ଥାଆନ୍ତୁ, ସେ ସଭିଙ୍କ ମନ ସାମୂହିକ କାମରେ ଏକ ରହିବା ଦରକାର । ଏକ ମନ ଏକତା କଥା କହେ । ଦୁଇଟା ମନ ଏକା ବେଳେ କାମ କଲେ, ଏକତା ମାଡ଼ ଖାଏ । ଯୌଥ ପରିବାର ଆଜିର ଦିନରେ ଆଉ ନାହିଁ । ସବୁଠି ଅଣୁ ପରିବାରର ଅନୁଚିନ୍ତା ଏବେ କାମ କରୁଛି କହିଲେ ଚଳେ । ସର୍ବନିମ୍ନ ସହମତି ଭିତ୍ତିରେ ଭାଇ ଭାଇ ସମ୍ପର୍କ ଭଲ ରହିବା ଉଚିତ । ସେମିତି ଯା' ମାନଙ୍କ ଭିତରେ ଭଲ ବୁଝାମଣା ରହିଲେ ଘର ସୁନ୍ଦର ଲାଗେ । କଳିଗୋଳ ସେଠି ନ ଥାଏ । ରାମ ଲକ୍ଷ୍ମଣଙ୍କ ଭଳି ଭାଇ ହେଲେ ଘର ସ୍ୱର୍ଗ ମନେହୁଏ । ଭାଇ ଭଗାରୀ ସାଜିଲେ ଗୋଟା ଘର ଫଟା ହୁଏ । ଘର ଢ଼ିଙ୍କି କୁମ୍ଭୀର ସାଜିବା ବିପଦଜନକ ମଧ୍ୟ । ଭାଇ କେହି ଗୃହଭେଦି ବିଭୀଷଣ ହେଲେ ଘରେ ଅଶାନ୍ତିର ବୀଜ ବପନ ହୁଏ । କଳି ପ୍ରବେଶ କରେ । କଳି କଳି କରାଏ ।

କଥା ପୁଣି ଅଛି, ଡେଙ୍ଗା ମୁଣ୍ଡରେ ଠେଙ୍ଗା । ଡେଙ୍ଗା ମୁଣ୍ଡରେ ପାହାର ବସିବା ଥୟ । ତାକୁ ସହିବା ପାଇଁ ଧୈର୍ଯ୍ୟ ରଖିବା ଦରକାର । ସହନଶୀଳ ହେବା ଦରକାର । ଛାତିକୁ ପଥର କଲେ ସହିହୁଏ ଅନେକ ଅକୁହା ବେଦନା । ମନର ଦୁଃଖ ମନ ତଳେ ଚାପି ରଖିବାକୁ ହୁଏ । ଛାତିକୁ ପଥର କରିବାକୁ ହୁଏ । ଆପଣା ଦୁଃଖ ବେଳେ କିଏ ଆହା ଚୁ ଚୁ କଲେ ଭଲ, ନ କଲେ ବି ଭଲ । ନିଜ ମନକୁ ନିଜେ ବୁଝାଇବା କଥା । କଳିଗୋଳରେ କିଛି ନାହିଁ । ବୁଝାମଣାରେ ହିଁ ରହିଛି ସୁଖ ଶାନ୍ତି ସବୁକିଛି ।

ପରିବାରରେ ବାପାମାଆ ଚଳନ୍ତି ଦେବତା । ତାଙ୍କ ପାଦ ତଳେ ସବୁ ସନ୍ତାନସନ୍ତତି ମୁଣ୍ଡ ନୁଆଁଇବା କଥା । ତାଙ୍କ ଉପଯୁକ୍ତ ସେବା ଯତ୍ନ, ଦେଖାରଖା କରାଯିବା କଥା । ହେଲେ ତାହା ହୋଇପାରେନା ବୋଲି ବାପାମାଆ ତାଙ୍କ ଅସମୟରେ ଘୋର ଦୁଃଖ ଭୋଗନ୍ତି । ତାଙ୍କୁ ଅବହେଳା କରାଯିବା ଅନୁଚିତ । ଯେଉଁ ଘରେ ପାରସ୍ପରିକ ସ୍ନେହ ସମ୍ପର୍କ ସୁନ୍ଦର ଥାଏ, ସେଇ ଘର ସ୍ୱର୍ଗ ସମାନ । ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି – ଏ କଥାକୁ ମନରେ ରଖି ଚାଲୁଥିବା ଲୋକ ପାଇଁ ଏ ସଂସାର ମଧୁମୟ ଲାଗେ । ସହିବା ଲୋକ ଠିକ ଜାଣିଥାନ୍ତି ଫଳନ୍ତି ବୃକ୍ଷ ହିଁ ଫୋପଡ଼ ସହେ । ଏ ସଂସାରରେ ସହିବା ଲୋକ ଠିକ ଜିଇଁ ଜାଣେ ।

**ବଉଦରାଜ, ଜି. ବୌଦ୍ଧ**
**ମୋ–୯୪୩୭୪୭୮୪୬୬**

**ଅମୃତବାଣୀ**

# ଭକ୍ତ ଆଉ ଭଗବାନ...

ଗୋଟିଏ ଝିଅ ଜଣେ ସନ୍ଥଙ୍କୁ ଅନୁରୋଧ କଲା କି ସେ ତାଙ୍କର ଘରକୁ ଆସିକରି ତା' ଅସୁସ୍ଥ ପିତାଙ୍କୁ ଟିକିଏ ଦେଖା କରନ୍ତୁ । ସେଥିପାଇଁ ସେ ବାରମ୍ବାର ତାଙ୍କୁ ପ୍ରାର୍ଥନା କରୁଥିଲା । ଝିଅ ଏହା ମଧ୍ୟ କହିଥିଲା କି ତା'ବାପା ଏବେ ଖଟରେ ପଡି ରହିଛନ୍ତି ଆଉ ସେ ଚଲାବୁଲା କରିପାରୁ ନାହାନ୍ତି । ଯେତେବେଳେ ସନ୍ଥ ତାଙ୍କ ଘରକୁ ଆସିଲେ ତା' ବାପା ଖଟ ଉପରେ ଦୁଇଟା ତକିଆ ଉପରେ ମୁଣ୍ଡ ରଖି ଶୋଇଥିଲେ । ଗୋଟିଏ ଖାଲି ଚୌକି ଖଟ ପାଖରେ ପଡିଥିଲା । ସନ୍ଥ ଭାବିଲେ କି ବୋଧେ ମୋ ଆସିବା କାରଣ ପାଇଁ ଏହି ଚୌକି ପ୍ରଥମରୁ ରଖାଯାଇଛି । ସନ୍ଥ ପଚାରିଲେ,ମୋତେ ଲାଗୁଛି ଆପଣ ମୋର ଆସିବାକୁ ଅପେକ୍ଷା କରିଥିଲେ । ପିତା କହିଲେ ନା... ଆପଣ କିଏ ?

ସନ୍ଥ ନିଜର ପରିଚୟ ଦେଲେ ଆଉ କହିଲେ, ମୋତେ ଖାଲି ଚୌକି ଦେଖିକରି ଲାଗିଲାକି ଆପଣ ମୋର ଆସିବାର ଆଭାସ ପାଇ ଯାଇଥିଲେ । ପିତା କହିଲେ, ଓଃ. ଏ କଥା ! ଖାଲି ଚୌକି ଆପଣଙ୍କ ପାଇଁ ନୁହେଁ,ଯଦି ଆପଣଙ୍କୁ ଖରାପ ନ ଲାଗେ ଦୟାକରି ରୁମ୍‌ର କବାଟକୁ ବନ୍ଦ କରିଦେବେ । ସନ୍ଥ ଏହା ଶୁଣି କରି ଆଶ୍ଚର୍ଯ୍ୟ ହୋଇଗଲେ, ଆଉ ଯାଇକରି କବାଟ ବନ୍ଦ କରିଦେଲେ । ଏବେ ପିତା କହିଲେ...କଥା କ'ଣ କି । ଏହି ଖାଲି ଚୌକିର ରହସ୍ୟ ମୁଁ ଆଜି ଯର୍ଯ୍ୟନ୍ତ କାହାକୁ କହିନି,ମୋ ଝିଅକୁ ମଧ୍ୟ ନୁହେଁ । ପୂରା ଜୀବନରେ ମୁଁ ଜାଣି ପାରିଲିନି ପ୍ରାର୍ଥନା କେମିତି କରାଯାଏ । ମନ୍ଦିର ଯାଇଥିଲି, ପୁଜାରୀଙ୍କର ଶ୍ଲୋକକୁ ଶୁଣୁଥିଲି,ତାହା ଏହି ମୁଣ୍ଡ ଉପର ଦେଇ ଚାଲି ଯାଉଥିଲା କିଛି ଜଣା ପଡୁ ନଥିଲା । ତା'ପରେମୁଁ ପ୍ରାର୍ଥନା କରିବା ଚେଷ୍ଟା ଛାଡିଦେଲି । କିନ୍ତୁ ଚାରିବର୍ଷ ତଳେ ମୋର ଜଣେ ସାଙ୍ଗ ସହିତ ଦେଖାହେଲା, ସେ ମୋତେ ବତେଇଲେ କି ପ୍ରାର୍ଥନା କିଛି ନୁହେଁ ଭଗବାନଙ୍କ ସହିତ ସିଧା ସମ୍ବାଦର ମାଧ୍ୟମ ଅଟେ । ସେ ମୋତେ ଉପାୟ ବତେଇ ଲେ କି ଗୋଟିଏ ଖାଲି ଚୌକି ସାମାନାରେ ରଖ, ଆଉ ବିଶ୍ୱାସ କରକି ସେଠାରେ ଭଗବାନ ସ୍ୱୟଂ ବିରାଜମାନ ଅଛନ୍ତି ।



ଏବେ ଭଗବାନଙ୍କୁ ନେଇ ସେହିପରି କଥା ହୁଅ ଯେମିତି ତୁମେ ଏବେ ମୋ ସହିତ କରୁଛ । ମୁଁ ଏମିତି କରିକି ଦେଖିଲି, ମୋତେ ବହୁତ ଭଲ ଲାଗିଲା । ତା'ପରେ ମୁଁ ସବୁଦିନ ଦୁଇ ଘଣ୍ଟା ଏମିତି କରିକି ଦେଖିଲି । ଆଉ ମୁଁ ଧ୍ୟାନ ରଖୁଥିଲି କି ମୋ ଝିଅ କେବେ ବି ମୋତେ ଏମିତି କରିବାରେ ନ ଦେଖୁ । ଯଦି ସେ ଦେଖି ଦେଇଥାନ୍ତା ତା'ହେଲେ ତା'ର ସ୍ନାୟୁ ବ୍ରେକଡାଉନ୍ ହୋଇ ଯାଇଥାନ୍ତା କିମ୍ବା ସେ ମୋତେ ସାଇକ୍ରାଟିକ୍ସ୍‌ଙ୍କ ପାଖକୁନେଇ ଯାଇଥାନ୍ତା ।

ଏସବୁ ଶୁଣିକରି ସନ୍ଥ ସେହି ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କଲେ,ତାଙ୍କ ମୁଣ୍ଡରେ ହାତ ରଖି ଭଗବାନଙ୍କ ସହିତ କଥା ହେବା କ୍ରମ ଚାଲୁ ରଖିବା ପାଇଁ କହିଲେ । ସନ୍ଥଙ୍କୁ ସେଦିନ କୌଣସିକାମ ପାଇଁ ଦୁଇଦିନ ସହରର ବାହାରକୁ ଯିବାକୁ ପଡିଲା । ତେଣୁ ସେ ବିଦାୟ ନେଇକରି ସେଠାରୁ ଚାଲିଗଲେ । ଦୁଇ ଦିନ ପରେ ସେ ଝିଅ ସନ୍ଥଙ୍କୁ ଫୋନ୍ କରି କହିଲାକି ତା'ବାପାଙ୍କର ସେହିଦିନ କିଛି ଘଣ୍ଟା ପରେ ମୃତ୍ୟୁ ହୋଇଗଲା । ଯେଉଁଦିନ ଆପଣଙ୍କୁ ସେ ଦେଖାକରିଥିଲେ । ସନ୍ଥ ପଚାରିଲେ, ତାଙ୍କର ପ୍ରାଣଛାଡିଲା ବେଳେ କିଛି କଷ୍ଟ ହୋଇଥିଲା କି?

ଝିଅ ଉତ୍ତର ଦେଲା...ନା...ମୁଁ ଯତେବେଳେ କାମ ପାଇଁ ବାହାରୁ ଥିଲି, ସେତେବେଳେ ସେ ମୋତେ ଡାକିଲେ ଆଉ ମୋ ମୁଣ୍ଡ ଉପରେ ହାତ ବୁଲେଇ ଦେଲେ, ମୁଁ ଦେଖିଲିକି ତାଙ୍କ ଚେହେରା ଯେମିତି ଶାନ୍ତ ଥିଲା । ଯାହା ମୁଁ କେବେ ଦେଖି ନଥିଲି । ଯେତେବେଳେ ମୁଁ ଘରକୁ ଫେରିଲି ସେ ସବୁଦିନ ପାଇଁ ଆଖି ବୁଜି ସାରିଥିଲେ । କିନ୍ତୁ ମୁଁ ଗୋଟିଏ ଆଶ୍ଚର୍ଯ୍ୟଜନକ ଜିନିଷ ଦେଖିଲି ।

ସେ ଏମିତିମୁଦ୍ରାରେ ଥିଲେ ଯେମିତି ଖାଲି ଚୌକିରେ କାହା କୋଳରେ ନିଜର ମୁଣ୍ଡକୁ ନୁଆଁଇ କରି ଶୋଇଛନ୍ତି । ହେ ମହାରାଜ ! ତାହା କ'ଣ ଥିଲା? ଏହା ଶୁଣିକରି ସନ୍ଥଙ୍କ ଆଖିରୁ ଲୁହ ଝରିଲା । ସେ ବଡ କଷ୍ଟରେ କହିଲେ,ମୁଁ ମଧ୍ୟ ଯେବେ ଏ ଦୁନିଆରୁ ଯିବି ଏମିତି ହିଁ ଯିବି !!

**ମନୋଜ କୁମାର ବେହେରା**
**ବାୟାବାବା ମଠ ଲେନ୍,**
**ୟୁନିଟ୍–୯(ଫ୍ଲାଟ),ଭୁବନେଶ୍ୱର–୨୨**
**ମୋ–୭୯୭୮୮୩୦୬୧୧**

**ସଙ୍କଳ୍ପ**
ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ
ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।
ଗୋପବନ୍ଧୁ ଦାସ

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଉପକୂଳରେ...

ରେକର୍ଡ଼ କରାଯାଇଛି । ବୁଧବାର ଭୁବନେଶ୍ୱର ତାପମାତ୍ରା ୪୧.୨° ଥିବାବେଳେ ଆର୍ଦ୍ରତା ୪୪% ରହିଥିଲା । ଫଳରେ ୫୪° ସେଲ୍‌ସିୟସ୍ ତାପମାତ୍ରା ଅନୁଭୂତ ହୋଇଥିଲା । ସେହିପରି ଗୁରୁବାର ୧୧.୩୦ ମିନିଟ୍‌ରେ ଦିନ ତାପମାତ୍ରା ୩୮° ଥିବାବେଳେ ଆର୍ଦ୍ରତା ୬୦% ରହିଥିଲା । ତାପମାତ୍ରା ବୃଦ୍ଧି ପାଇନଥିଲେ ମଧ୍ୟ ତାପମାତ୍ରା ୫୫° ସେଲ୍‌ସିୟସ୍ ଅନୁଭୂତ ହୋଇଥିଲା । ଯେଉଁଥିପାଇଁ ଦିନ ରାତି ପ୍ରବଳ ଗୁଳୁଗୁଳି ଲାଗିରହିଥିଲା ।

ଆସନ୍ତାକାଲି (ଶୁକ୍ରବାର) କେତେକ ଜିଲ୍ଲାକୁ ହିଟ୍‌ୱେଭ୍ ୱାର୍ଣ୍ଣିଂ ଜାରି କରାଯାଇଛି । ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାରେ ଗ୍ରୀଷ୍ମଲହରୀ ପ୍ରବାହିତ ହେବ । ସେହିପରି ଗଞ୍ଜାମ, ଗଜପତି, କୋରାପୁଟ, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାର ସ୍ଥାନେ ସ୍ଥାନେ କାଳବୈଶାଖୀ ବର୍ଷା ହୋଇପାରେ । ଏହାସହିତ ପବନ ଘଣ୍ଟାପ୍ରତି ୩୦ରୁ ୪୦ କିମି ବହିବାର ସମ୍ଭାବନା ଅଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗରମ ସହିତ ଗୁଳୁଗୁଳି ଅନୁଭୂତ ହୋଇପାରେ ।

ଶନିବାର ଠାରୁ ୬ ତାରିଖ ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ବୌଦ୍ଧ, ବଲାଙ୍ଗୀର, ସୋନପୁର, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଆଦି ଜିଲ୍ଲାରେ ଗ୍ରୀଷ୍ମଲହରୀ ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାଛଡ଼ା ଅନେକ ଜିଲ୍ଲାରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ବର୍ଷା ହେଲେ ମଧ୍ୟ ଗୁଳୁଗୁଳିରୁ ନିସ୍ତାର ମିଳିବ ନାହିଁ । ଦିନ ହେଉକି ରାତି ଆର୍ଦ୍ରତା ବଢ଼ିବା ହେତୁ ଗୁଳୁଗୁଳି ପ୍ରଭାବ ପଡ଼ିବ ।

## ସବୁ...

ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଅଶୋକ ଦାସଙ୍କ ପତ୍ନୀ । ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସେ ହେଉଛନ୍ତି ମା’ । କୋରେଇ ଆସନ ଦୀର୍ଘଦିନ ଧରି ସ୍ୱର୍ଗତ ଅଶୋକ ଦାସଙ୍କ ହସ୍ତମୁଦି ମାହାଲ ରହିଥିଲା । ସେଠାରୁ ସେ ନିର୍ବାଚନ ଲଢୁଥିଲେ । ଏଥର ସେଠାରେ ବିଜେଡି ତାଙ୍କ ପତ୍ନୀଙ୍କୁ ପ୍ରାର୍ଥୀ କରିଛି । ସେହିଭଳି ଦେବଗଡ ଆସନରେ ପୂର୍ବରୁ ଅରୁନ୍ଧତି ଦେବୀଙ୍କୁ ଦଳ ପ୍ରାର୍ଥୀ କରିଥିଲା । ଏବେ ତାଙ୍କ ସ୍ଥାନରେ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ପ୍ରାର୍ଥୀ ଘୋଷଣା କରିଛି । ରୋମାଞ୍ଚ ରଞ୍ଜନ ଦୀର୍ଘଦିନ ଧରି ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳିରେ ସଙ୍ଗଠନ କରିଥିଲେ । ଶେଷରେ ଦଳ ତାଙ୍କ ଉପରେ ଭରସା କରିଛି ।

## କଣ୍ଟାବାଞ୍ଜି...

ଏବଂ ବିଜୁ ସ୍ୱାସ୍ଥ୍ୟ କାର୍ଡ, ପାନୀୟ ଜଳ ବ୍ୟବସ୍ଥା, ଶିକ୍ଷା ର ଉନ୍ନତି, ସ୍ୱାସ୍ଥ୍ୟର ଉନ୍ନତି ପାଇଁ ପୁଣି ଥରେ ବିଜେଡି ବଲାଙ୍ଗୀର ଜିଲାରେ ବାଜିମାତ କରିବ ବୋଲି ଉପସ୍ଥିତ ବିଜେଡ଼ି ନେତାମାନେ କହିଛନ୍ତି । ଆଜି ନିର୍ଦ୍ଧାରିତ ସମୟ ୧୧ ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଲିକ୍ୟାପ୍ଟର ଯୋଗେ ଟିଟିଲାଗଡ଼ ସିଟି ସ୍କୁଲ ଖେଳ ପଡିଆରେ ଅବତରଣ କରିବା ପରେ ଏକ ସୁସଜ୍ଜିତ କାରରେ ଟିଟିଲାଗଡ଼ ସହର ପରିକ୍ରମା କରିଥିଲେ । ଟିଟିଲାଗଡ଼ ଥାନା ଛକରେ ଥିବା ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଏକ ବିରାଟ ରେଲିରେ ଟିଟିଲାଗଡ଼ ଉପଜିଲ୍ଲାପାଳ ଅଫିସ କାର୍ଯ୍ୟାଳୟରେ ଥିବା ନିର୍ବାଚନ ଅଧିକାରୀଙ୍କ ନିକଟକୁ ଯାଇ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିଜ ନାମାଙ୍କନପତ୍ର ଦାଖଲ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆଜି କଣ୍ଟାବାଞ୍ଜି ବିଧାନସଭାରୁ ପ୍ରାର୍ଥୀ ସାଜିବା ଘଟଣାକୁ କଣ୍ଟାବାଞ୍ଜି ବିଜେଡି କର୍ମୀ ମହଲରେ ବେଶ ଉତ୍ସାହ ଭରି ଦେଇଛି । କଣ୍ଟାବାଞ୍ଜିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ବିଜୟ ଲାଭ କରିବେ ବୋଲି କଣ୍ଟାବାଞ୍ଜି ବିଜୁ ପ୍ରେମୀ ତଥା ବିଜେଡି ଦଳ କହିଛି ।

## କହିବାକୁ...

୩୦୦ ଟଙ୍କା ଭତ୍ତା, ନବୀନ ଇଞ୍ଜିନ ଦେଉଛି ୧୦୦୦ ଟଙ୍କା ଭତ୍ତା । ବିରୋଧୀ ଦଳର ମିଛ ପ୍ରତିଶ୍ରୁତିକୁ ଲୋକଙ୍କ ସାମ୍ନାକୁ ଆଣି ସେ କହିଲେ ଯେ ସେମାନେ ବର୍ଷକୁ ୨ କୋଟି ଚାକିରୀ ଦେବେ ବୋଲି କହିଥିଲେ । ଏବେ ଚାକିରୀ କୁଆଡେ ଗଲା ? ପେଟ୍ରୋଲ, ଡିଜେଲ, ଗ୍ୟାସ ଦର କମେଇବେ ବୋଲି କହିଥିଲେ । ହିସାବ ଦେବାକୁ ସେମାନଙ୍କ ଦମ୍ ନାହିଁ । ଆମର ଦମ୍ ଅଛି । ତେଣୁ ଲୋକଙ୍କୁ ଆମେ ସବୁବେଳେ ହିସାବ ଦେଇଚାଲିଛୁ । ନିର୍ବାଚନ ସରିଲା ପରେ ମୁଁ ପୁଣି ଆସି ଆପଣଙ୍କୁ ହିସାବ ଦେବି । ଆପଣମାନେ ବିରୋଧୀ ଦଳଙ୍କୁ ପଚାରନ୍ତୁ, ହିସାବ ମାଗନ୍ତୁ । ହିସାବ ମାଗିଲେ ଲୁଚିକି ପଳେଇବେ, ଆଉ ଦେଖା ଦେବେନି । ନବୀନ ଗ୍ୟାରେଣ୍ଟି ହେଉଛି ଆମେ ପୁଣି ଆସିବୁ, ଆପଣମାନଙ୍କୁ ପୁଣି ହିସାବ ଦେବୁ । ଯୁବପୀଢି ଓଡିଶାର ଭବିଷ୍ୟତ ବୋଲି ମତଦେଇ ସେ କହିଲେ ଯେ ଆଗାମୀ ୧୦ ବର୍ଷ ହେବ ଯୁବପୀଢିଙ୍କ ବର୍ଷ । ଯୁବପୀଢି ସଶକ୍ତ ହେବେ, ଓଡିଶାକୁ ନମ୍ବର ୱାନ କରିବେ । ମୁଖ୍ୟମନ୍ତ୍ରୀ ସବୁ ଧର୍ମକୁ, ସବୁ ଧର୍ମାବଲମ୍ବୀଙ୍କୁ ସମ୍ମାନ କରନ୍ତି । ସାଂସଦ ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ କହିଲେ ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ଓଡିଶାର ମା ଭଉଣୀ ମାନଙ୍କ ପାଇଁ ସୁବର୍ଣ୍ଣ ଯୁଗ ଆସିଛି । ସେମାନେ ସମ୍ମାନର ସହ ବଞ୍ଚିଛନ୍ତି । ପାଣ୍ଡିଆନଙ୍କ କଠିନ ପରିଶ୍ରମର ପ୍ରଶଂସା କରି ସେ କହିଲେ ଯେ ନବୀନଙ୍କ ବିକାଶ ରଥର ସାରଥୀ ହେଉଛନ୍ତି କାର୍ତ୍ତିକ ପାଣ୍ଡିଆନ । ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସେ ସାକାର କରୁଛନ୍ତି ।

ଜଗନ୍ନାଥ ମନ୍ଦିର, ପାଟଖଣ୍ଡା ମନ୍ଦିର ଓ ଧବଳେଶ୍ୱର ଶିବ ମନ୍ଦିର ପାଇଁ ୨ କୋଟି ୫୦ ଲକ୍ଷ ଟଙ୍କାଛ ବସ୍ତିଙ୍ଗିଆ ଚର୍ଚ୍ଚ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଏବଂ ବାରଖମା, କଞ୍ଚାମେଣ୍ଡିରେ ଖ୍ରୀଷ୍ଟିଆନ ମାଇନରିଟି ସେଣ୍ଟର ପାଇଁ ସହାୟତା । ବାଲିଗୁଡା-ମାଡିନତା ସ୍ଥାନୀୟ ନାଳ ଉପରେ ହାଇଲେବୁଲ ସେତୁ ପାଇଁ ୬ କୋଟି ଟଙ୍କା ବ୍ୟୟ ହୋଇଛି । ଜି.ଉଦୟଗିରିରେ ୯୭ କୋଟି ଟଙ୍କାର କାମ ଚାଲିଛି । ସେହିପରି ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ୧୭୦୦ କୋଟି ଟଙ୍କାର କାମ ଚାଲିଛି । ଏଥିସହିତ ବୃତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ୧୬୬୦ କୋଟି, ଡିମିରିଆ-ରାଉତପଡା ନଦୀଗର୍ଭ ଜଳାଶୟ ପାଇଁ ୧୫୦୦ କୋଟି, ଦଶପଲ୍ଲା ମହାବୀର ମନ୍ଦିର ପାଇଁ ୪.୫୦ କୋଟି, ସ୍ୱପ୍ନେଶ୍ୱର ମହାବୀର ମନ୍ଦିର ପାଇଁ ୫ କୋଟି ଏବଂ ଅନ୍ୟାନ୍ୟ ମନ୍ଦିର, ମସ୍ଜିଦ, ଚର୍ଚ୍ଚ ପାଇଁ ୫ କୋଟି ଟଙ୍କା, ଦଶପଲ୍ଲାର ୪୨ଟି ଗ୍ରାମପଞ୍ଚାୟତର ୬୨୩ ଗ୍ରାମରେ ମେଗା ପାଇପ ଜଳଯୋଗାଣ ପାଇଁ ୪୮୦ କୋଟି ଟଙ୍କା, ଦଶପଲ୍ଲାର ୫୫,୩୦୦ ହିତାଧିକାରୀ ବିଏସ୍‌କେୱାଇରେ ସାମିଲ ହୋଇଥିବା ବେଳେ, ୩୮,୫୦୦ ଜଣ ସାମାଜିକ ସୁରକ୍ଷା ପେନ୍ସନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ବୋଲି ସେ କହିଥିଲେ ।

# ଆବାସ ଅପେକ୍ଷାରେ ଅସହାୟା ମାତାଜି ପରିଡା

ତିହିଡି,(ସବ୍ୟୁ):ତିହିଡି ବ୍ଲକ ଅନ୍ତର୍ଗତ ସୟା ପଞ୍ଚାୟତର ଲୋକେ ଏକାଧିକ ଆବାସ ପାଉଥିବାର ଅଭିଯୋଗ ହେଉଥିବା ବେଳେ ଅସହାୟା ମାତାଜି ଭାଗ୍ୟରେ ଗୋଟିଏ ହେଲେ ବି ଜୁଟିଲା ନାହିଁ । ଘରପୋଡି ପରଠାରୁ ପଲିଥିନ ଘରକୁ ଆଶ୍ରା କରି ମାତାଜି ଆଶାରେ ପଡିରହିଛି ଆବାସ ତାକୁ ମିଳିବ । ମାତ୍ର ଆଶା ତାର ଧିରେ ଧିରେ ମଉଳି ଯାଉଥିବାରୁ ମାତାଜି ପ୍ରଶାସନ ବିରୋଧରେ କ୍ଷୋଭ ପ୍ରକାଶ କରିଛି । ପ୍ରକାଶ ଯେ, ସୟା ପଞ୍ଚାୟତ ମାଟିଆସାହି ଗାଁର ରଘୁନାଥ ପରିଡାଙ୍କ ଘର । ରଘୁନାଥ ମୂଲ ମଜୁରୀ ଲାଗି ପରିବାର ପ୍ରତିପୋଷଣ କରିଥାନ୍ତି । ମାତ୍ର ୨୦୨୨ ମସିହାରେ ନିଆଁ ଲାଗି ତାଙ୍କ ଘରଟି ସଂପୂର୍ଣ୍ଣ ପୋଡି ଯାଇଥିଲା । ଘରପୋଡି ପରେ ବିଧି ଅନୁସାରେ ପଲିଥିନ ଓ କିଛି ଅର୍ଥ ରଘୁନାଥଙ୍କୁ ମିଳିଥିଲା ଏବଂ ଅଗ୍ରାଧୀକାରଭିତ୍ତିରେ ଘର ଯୋଗାଇ ଦେବାକୁ ତହସିଲଦାର ଓ ବିଡିଓ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଆବାସ ଯୋଜନାରେ ତାର ନାମ ଥିଲେ ବି ଆବାସ ଯୋଗାଇ ନଦେବାରୁ ସେ ବିଡିଓ ଓ ପଞ୍ଚାୟତ ପିଇଓଙ୍କୁ ଲିଖିତଭାବେ ଦରଖାସ୍ତ କରିଥିଲେ । ମାତ୍ର ତା’ର ଦରଖାସ୍ତ ଡଷ୍ଟବିନକୁ ଚାଲି ଯାଇଥିବାରୁ ତା ଗୁହାରୀ କେହି ଶୁଣିବାକୁ ନାହାନ୍ତି । ରଘୁନାଥର ସ୍ତ୍ରୀ କ୍ଷୋଭର ସହ କୁହେ ଯେ, ଏହି ଗାଁର ଜଣେ ଜଣେ ଲୋକ ଏକାଧିକ ଆବାସ ପାଉଛନ୍ତି ତ ଜଣେ ଜଣେ ପୁରୁଣା ଘରକୁ ଦେଖାଇ ଟଙ୍କା ଉଠାଇ ନେଉଛନ୍ତି । ହେଲେ ମୋ ବେଳକୁ ପ୍ରଶାସନ ଉଦାସୀନ କାହିଁକି? ଅବିଳମ୍ବେ ମାତାଜିର ପରିବାରକୁ ଆବାସ ଯୋଗାଇ ଦେବାକୁ ସେହି ଗାଁର ପୂର୍ବତନ ସମିତିସଭ୍ୟ ରମାକାନ୍ତ ପରିଡା ଦାବି କରିଛନ୍ତି।

# ସିମୁଳିଆରେ ଶକ୍ତିଶାଳୀ ହେଉଛି କଂଗ୍ରେସ

ଖଇରା,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ ପ୍ରାୟ ପ୍ରତ୍ୟେକ ଦିନ ଦଳଛାଡ଼ି ବହୁସଂଖ୍ୟକ କର୍ମୀ କଂଗ୍ରେସ ଦଳ ସହ ଯୋଡ଼ି ହେଉଛନ୍ତି । ଏଥିପାଇଁ ସିମୁଳିଆ ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ କଂଗ୍ରେସର ଶକ୍ତି ବୃଦ୍ଧି ହେବାରେ ଲାଗିଛି । ଖଇରା ବ୍ଲକ ସାରକୋଣା ପଞ୍ଚାୟତ କଣ୍ଡରା ଗଡ଼ିଆ ଗ୍ରାମର ଚଣ୍ଡୀମାତା ଯୁବକ ସଂଘର ୩୦ରୁ ଅଧିକ ଯୁବକ କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଶେଖର ବେହେରାଙ୍କ ଉପରେ ଆସ୍ଥା ପ୍ରକଟ କରି ଖଇରା କଂଗ୍ରେସ କାର୍ଯ୍ୟାଳୟକୁ ଆସି ଦଳରେ ଯୋଗଦେଇଛନ୍ତି । ଏହି ସମୟରେ କୁପାରୀ ଜୋନ୍ ସଭାପତି ସଂଜୟ ଦଳେଇ ,ସିମୁଳିଆ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ନିରଂଜନ ପରିଡ଼ା, ବିଶ୍ୱଜିତ ରାଉଳ, ପ୍ରଫୁଲ୍ଲ ବଳବନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଯୋଗଦାନ କରିଥିବା ଯୁବକମାନଙ୍କ ମତାମତ ନେବାରୁ ସେମାନେ କହିଥିଲେ ଯେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଯାଉଥିବା ଅନ୍ୟ ପ୍ରାର୍ଥୀମାନଙ୍କ ମଧ୍ୟରୁ କେହି ପୂର୍ବରୁ ଭୋଟରଙ୍କ ବିଶ୍ୱାସ ହରାଇ ସାରିଥିବାବେଳେ ଆଉ କିଏ ବିଦେଶୀଭାବେ ଅନ୍ୟ ବ୍ଲକରୁ ଆସିଛନ୍ତି । କେବଳ ଯୁବନେତା ହିମାଂଶୁ ଶେଖର ବେହେରା ସେମାନଙ୍କ ସୁଖଦୁଃଖ ସମୟରେ ପାଖରେ ଛିଡ଼ାହେବେ ବୋଲି ତାଙ୍କର ବିଶ୍ୱାସ ରହିଛି ।

# ସ୍ମାର୍ଟ-୩ ଆଣ୍ଟି ସବମେରାଇନ ମିସାଇଲର ସଫଳ ପରୀକ୍ଷଣ



ବାଲେଶ୍ୱର,(ସବ୍ୟୁ): ଧାମରା ସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ସ୍ମାର୍ଟ-୩ ଆଣ୍ଟି ସବମେରାଇନ ମିସାଇଲର ସଫଳ ପରୀକ୍ଷଣ ହୋଇଛି। ଗୁରୁବାର ସକାଳ ୮ଟା ୩୫ ମିନିଟରେ ଏହାର ପରୀକ୍ଷଣ ହୋଇଥିବା ଜଣାଯାଇଛି। ଡିଆରଡିଓ ପ୍ରସ୍ତୁତ ଏହି ମିସାଇଲର ୬୩୪ କିଲୋମିଟର ପର୍ଯ୍ୟନ୍ତ ଲକ୍ଷଭେଦ କ୍ଷମତା ରହିଛି। ଶତ୍ରୁପକ୍ଷର ସମସ୍ତ ଟାର୍ଗେଟକୁ ଏହା ଧ୍ୱଂସ କରିବାରେ ସକ୍ଷମ ବୋଲି ସୂଚନା ମିଳିଛି ।

# ଶତପ୍ରତିଶତ ଭୋଟ ଦାନ ପାଇଁ ଜିଲ୍ଲା ପ୍ରଶାସନର ଅନନ୍ୟ ପ୍ରୟାସ

ବାଲେଶ୍ୱର,(ସବ୍ୟୁ) :ଆଗାମୀ ସାଧାରଣ ନିର୍ବାଚନରେ ଶତପ୍ରତିଶତ ଭୋଟ ଦାନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଶିଷ ଠାକରେଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଅନନ୍ୟ ପ୍ରୟାସ କରାଯାଇଛି । ନିର୍ବାଚନ ନିମନ୍ତେ ବିଭିନ୍ନ ବର୍ଗର ପ୍ରତିନିଧିତ୍ୱ କରୁଥିବା ବୟସ୍କ ଭୋଟର,ଭିନ୍ନକ୍ଷମ, ମହିଳା ଓ କିନ୍ନର ମତଦାତାଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବା ପାଇଁ ଆହ୍ୱାନ ରଖିଛି ଜିଲ୍ଲା ପ୍ରଶାସନ ଏହି ପରିପ୍ରେକ୍ଷୀରେ ସୋମବାର ଦିନ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଂଜନ ନାୟକ, ବାଲେଶ୍ୱର ସଦର ବିଡ଼ିଓ ସମରଜିତ କର, ଓରମାସର ଯୁଗ୍ମ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ କୌଶିକ ପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । କୌଣସି ଭୋଟର ଯେପରି ପଛରେ ନପଡ଼ନ୍ତି ସେଥିପ୍ରତି ପ୍ରଶାସନର ନିଷ୍ଠାକୁ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ । ଆମ ଜିଲ୍ଲା ଓ ରାଜ୍ୟର ଭବିଷ୍ୟତ ଗଠନରେ ପ୍ରତ୍ୟେକ ଭୋଟର ଗୁରୁତ୍ୱ ରହିଛି । ତେଣୁ ସବୁଶ୍ରେଣୀର ଲୋକମାନେ ଯେଭଳି ଭୋଟ ଦାନରୁ ବଂଚିତ ନହୁଅନ୍ତି ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଠାରେ ସୂଚନା ଯୋଗ୍ୟ ଏହି ସଚେତନତା ସଭା ଜିଲ୍ଲାରେ ବ୍ୟାପକ ସ୍ୱୀପ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଆୟୋଜିତ କରାଯାଇଥିଲା ଯେଉଁଥିରେ ସମାଜର ବିଭିନ୍ନବର୍ଗର ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସକ୍ରିୟଭାବେ ଅଂଶଗ୍ରହଣ କରିଥିଲେ । ନିର୍ବାଚନକୁ ଦୃଷ୍ଟିରେ ରଖି ସମଗ୍ର ଜିଲ୍ଲାରେ ଏହିଭଳି ଜନସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ।

# ଆଧାର ହାଉସିଂ ଫାଇନାନ୍ସର ଆଇପିଓ ୮ରେ ଖୋଲିବ

ଭୁବନେଶ୍ୱର (ସବ୍ୟୁ) : ଆଧାର ହାଉସିଂ ଫାଇନାନ୍ସ ଲିମିଟେଡ୍‌ର ଇନିସିଆଲ ପବ୍ଲିକ୍ ଅଫର ୨୦୨୪ ମେ’ ୮ ବୁଧବାରଦିନ ଖୋଲିବ। ଏହି ଅଫରରେ କମ୍ପାନି ୧୦୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରିବ ଏବଂ ଅଫରଫର ସେଲ୍‌ରେ ୨୦୦୦ କୋଟି ଟଙ୍କାର ସେୟାରକୁ ବିସିପି ଟପ୍‌କୋ ଷଷ୍ଠ ପିଟିଇ ଲିମିଟେଡ୍ ଉପଲବ୍ଧ କରାଇବ।ଏହି ଅଫରରେ ସେୟାର ପିଛା ଦାମ୍ ୩୦୦-୩୧୫ ଟଙ୍କା ମଧ୍ୟରେ ରହିବ। ଅଫର ୨୦୨୪ ମେ’ ୭ରେ ବନ୍ଦହେବ। ସର୍ବନିମ୍ନ ୪୭ଟି ଇକ୍ୱିଟି ସେୟାର ପାଇଁ ବିଡ୍ ଦାଖଲ କରିହେବ ଏବଂ ଏହା ପରେ ୪୭ଟି ଲେଖାଏଁସେୟାର ଯୋଡ଼ିହେବ।ଏହି ଅଫରରୁ ମିଳିବାକୁ ଥିବା ପାଣ୍ଠିକୁ କମ୍ପାନି ଋଣ ପ୍ରଦାନ ଲାଗି ଭବିଷ୍ୟତ ପାଣ୍ଠି ଆବଶ୍ୟକତାକୁ ପୂରଣ କରିବା।ଏବଂ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବ। ଏହି ଇକ୍ୱିଟି ସେୟାରକୁ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଓ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କରାଯିବ। ଏଥିପାଇଁ ଡେଜିଗନେଟେଡ୍ ଷ୍ଟକ୍ ଏକ୍ସଚେଞ୍ଜ ହେଉଛିଏନ୍‌ଏସ୍‌ଇ।ବ୍ଲାକଷ୍ଟୋନର ପ୍ରାଇଭେଟ୍ ଇକ୍ୱିଟି ଏସିଆ ମୁଖ୍ୟ ଅମିତ ଦୀକ୍ଷିତ କହିଛନ୍ତି ଯେ, ଏହି ଲିଷ୍ଟିଂ ଆଧାର ହାଉସିଂଫାଇନାନ୍ସ ଲିମିଟେଡ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଆମେ କ’ଣ ସବୁଠାରୁ ଭଲ କରୁଛୁ ଏହା ହେଉଛିତାହାର ଏକ ଉତମ ଉଦାହରଣ। ଆମେ ବ୍ୟବସାୟ ବୃଦ୍ଧି ପାଇଁ ଆମର ବ୍ୟାପକତା, ନେଟୱାର୍କ ଏବଂ ସର୍ବୋତମବିଶ୍ୱସ୍ତରୀୟ ଅଭ୍ୟାସ ଆଣିଥିଲୁ ଏବଂ କମ୍ପାନିକୁ ଏହାର ପ୍ରକ୍ରିୟାକୁ ସ୍ୱଦେଶୀକରଣ କରିବାକୁ ସଶକ୍ତ କରିଥଲୁ। ଏହାଏକ ଚମତ୍କାର ସହଯୋଗିତ ଏବଂ ବର୍ତମାନ ବ୍ୟବସାୟ ଯେଉଁଠାରେ ରହିଛି ତାହାକୁ ନେଇ ଆମେ ଗର୍ବିତ ମନେକରୁଛୁ।’’

## ସ୍କୋପ ବିଜନେସ୍ କୁଇଜ୍ ବୋନାନଜା

# ଏନଟିପିସିର ଚମତ୍କାର ବିଜୟ

ଭୁବନେଶ୍ୱର (ସବ୍ୟୁ) : ପବ୍ଲିକ ସେକ୍ଟର ଦିବସ ପାଳନ ଅବସରରେ ସ୍କୋପ୍ ସମ୍ମିଳନୀ କେନ୍ଦ୍ରରେ ଆୟୋଜିତ ହୋଇଥିବାସମ୍ମାନଜନକ ସ୍କୋପ୍ ବିଜନେସ୍ କୁଇଜ୍ ବୋନାନଜାରେ ଏନଟିପିସିର ଏକ ଚମତ୍କାର ବିଜୟ ହାସଲ କରିଛି ।ଏନଟିପିସି ଦଳ - ଜିଏମ (ସିସି) କେ.ଏମ ପ୍ରଶାନ୍ତ ଏବଂ ଡିଜିଏମ (ସିପି) ଅଂଶୁମାନ ଶ୍ରୀବାସ୍ତବ- ଗ୍ରାଣ୍ଡଫାଇନାଲରେ ଅନ୍ୟ ଖ୍ୟାତିସମ୍ପନ୍ନ ପବ୍ଲିକ ସେକ୍ଟର ୟୁନିଟ୍ ମାନଙ୍କୁ କଡ଼ା ପ୍ରତିଯୋଗିତା ଦେଇ ବିଜୟୀ ହୋଇଥିଲେ।ସିଏମଡି (ସେଲ)ର ଅମରନ୍ଦୁ ପ୍ରକାଶ, ସ୍କୋପର ଡିଜି ଅତୁଲ ସୋବଟି, ଏନଟିପିସିର (ଏଚ୍‌ଆର) ନିର୍ଦ୍ଦେଶକ ଉଜ୍ୱଳଲାଲ ଏବଂ ସ୍କୋପର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପୁରସ୍କାର ବିତରଣ କରାଯାଇଥିଲା। ଡି.କେ ପଟେଲ,ଏନଟିପିସିର ନିର୍ଦ୍ଦେଶକ (ଏଚଆର), ଦଳର ସଦସ୍ୟମାନଙ୍କୁ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି।କୁଇଜରେ ଦେଶର ବିଭିନ୍ନ ମହାରତ୍ନ, ନବରତ୍ନ ଏବଂ ମିନିରତ୍ନ ପିଏସୟୁ (ପବ୍ଲିକ ସେକ୍ଟର ଅଣ୍ଡରଟେକିଂ) ର୧୦୦ ରୁ ଅଧିକ ଦଳ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭିକ ସ୍କ୍ରିନିଂ ରାଉଣ୍ଡ ଦୁଇଟି ସେମିଫାଇନାଲ ପରେ ହୋଇଥିଲା। ଯାହା ପରେ ଗ୍ରାଣ୍ଡ ଫାଇନାଲରେ ଚାରୋଟି ଦଳ ଥିଲେ - (ଏନଟିପିସିର ଗୋଟିଏ ଦଳ ଏବଂ ସେଲର ତିନିଦଳ) ଚାରି ରାଉଣ୍ଡ କୁଇଜ୍ ପରେ ଏନଟିପିସି ଦଳ ବିଜେତା ଘୋଷିତ ହୋଇଥିଲା।ଏହି କୁଇଜରେ ପରିଚାଳନା ଧାରଣା, ସାମ୍ପ୍ରତିକ ବ୍ୟବସାୟିକ ସ୍ଥିତି, ବିଭିନ୍ନ ବ୍ରାଣ୍ଡ, ବିଭିନ୍ନ ବ୍ୟବସାୟିକ ବ୍ୟକ୍ତିତ୍ୱ, ଇତିହାସ ଏବଂ ସାର୍ବଜନୀନ କ୍ଷେତ୍ର କମ୍ପାନୀଗୁଡିକ ଉପରେ ପ୍ରଶ୍ନ କରାଯାଇଥିଲା ।

# କୋଠଘର ଉଚ୍ଛେଦ ନିଷ୍ପତ୍ତି ପ୍ରତିବାଦ : ତହସିଲଦାର ଅଟକ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଝିଙ୍କିରିଆ ଗ୍ରାମ ପଞ୍ଚାୟତ ଅଧୀନ ପାଇକାଳପୁର ଗ୍ରାମରେ ଗ୍ରାମର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କର୍ମ ରେ ଲାଗୁଥିବା ଏକ କୋଠଘର ଭାଙ୍ଗିବା ଆଦେଶ ସମ୍ପର୍କରେ ସରଜମିନ ତଦନ୍ତ ପାଇଁ ଗ୍ରାମକୁ ଯାଇଥିବା ଖଇରା ତହସିଲଦାର ସବ୍ୟସାଚୀ ଜେନାଙ୍କୁ ସରପଞ୍ଚ ଙ୍କ ସମେତ ଶତାଧିକ ଗ୍ରାମବାସୀ ଅଟକ ରଖିଥିଲେ । ପରେ ଖଇରା ଏବଂ ସିମୁଳିଆ ପୋଲିସ ଗ୍ରାମରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଏହା ନଭାଙ୍ଗିବାକୁ ଗ୍ରାମବାସୀ ମାନେ ଲିଖିତ ଭାବେ ଅବଗତ କରାଇବା ପରେ ତହସିଲଦାର ଗ୍ରାମବସୀଙ୍କ କବଳରୁ ମୁକୁଳିଥିବା ଜଣାପଡିଛି । ଉକ୍ତ ଗ୍ରାମରେ ସରକାରୀ ଅର୍ଥରେ ସରକାରୀ ଜମିରେ ନିର୍ମାଣ ହୋଇଥିବା କୋଠଘର ଗ୍ରାମର ସାମୁହିକ କାର୍ଯ୍ୟ ଯଥା ହରିହାଟ ଓ ଜଗନ୍ନାଥଙ୍କ ମାଉସୀ ବାଡି ଭାବେ ଦୀର୍ଘଦିନରୁ ବ୍ୟବହୃତ ହୋଇ ଆସୁଥିଲା । ଗ୍ରାମର ରଜନୀ ବାରିକ ଙ୍କ ଘର ସମ୍ମୁଖରେ ଅବସ୍ଥିତ ଥିବା ଏହି ଘରଟି ତାଙ୍କୁ ତାଙ୍କ ପରିବାର ଲୋକଙ୍କ ଯାତାୟାତ ପାଇଁ ଅସୁବିଧା ସୃଷ୍ଟି କରୁଥିବା ଦର୍ଶାଇ ସେ ୨୦୨୩ ମସିହା ମାର୍ଚ୍ଚ ମାସରେ ହାଇକୋର୍ଟ ଙ୍କ ଦ୍ୱାରସ୍ଥ ହୋଇଥିଲେ । ଉକ୍ତ ଘରକୁ ଉଚ୍ଛେଦ କରାଯିବା ସମ୍ପର୍କରେ କୋର୍ଟ ଖଇରା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ପରେ ତହସିଲଦାର ମଙ୍ଗଳବାର ଅପରାହ୍ନରେ ଚୁଡାନ୍ତ ନିଷ୍ପତ୍ତି ନେବା ପାଇଁ ଗ୍ରାମରେ ପହଞ୍ଚିଥିଲେ । ଏହାର ପ୍ରତିବାଦରେ ସମୂହ ଗ୍ରାମବାସୀ ଘରଭଙ୍ଗା ନିଷ୍ପତ୍ତିରୁ ଓହରିବା ଦାବି କରି ତହସିଲଦାରଙ୍କୁ ଅଟକ ରଖିଥିଲେ । ଏ ସମ୍ପର୍କରେ ସରପଞ୍ଚ ନିତୁନିବେଦିତା ମାଝିଙ୍କୁ ପଚାରିବାରେ ତହସିଲଦାର ଙ୍କୁ ଘର ଉଛେଦ ସମ୍ପର୍କରେ ପଚାରିବା ପରେ ଗାଳି ଗାଳିଗୁଲଜ କରିବା ସହ ବାକି ଅଢେଇବର୍ଷ କୌଣସି କାମ କରିବାରେ ସହଯୋଗ କରିବେ ନାହିଁ ବୋଲି କହିବା ପରେ ଗ୍ରାମବାସୀ ପ୍ରତିବାଦ କରିଥିବା କହିଛନ୍ତି । ତହସିଲଦାର ଙ୍କୁ ଏ ସମ୍ପର୍କରେ ପଚାରିବାରେ ଗ୍ରାମର ରଜନୀ ବାରିକଙ୍କ ଦ୍ୱାରା ହୋଇଥିବା ଏକ ମାମଲା(୩୭୮୭୩/୨୩) ଓ ପରବର୍ତ୍ତୀ ସମୟରେ ପୁନଶ୍ଚ କୋର୍ଟ ଅବମାନନା ମାମଲାକୁ ଭିତ୍ତି କରି କୋର୍ଟ ଆଦେଶ ମୂଳେ ସେ କୋଠଘର ଭାଙ୍ଗିବା ସମ୍ପର୍କରେ ନିଷ୍ପତ୍ତି ନେବାକୁ ସେ ଗ୍ରାମକୁ ଯାଇ ଗ୍ରାମବାସୀମାନଙ୍କୁ ପଚରାଉଚୁରା କରିବା ସମୟରେ ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ଅନ୍ୟମାନେ ତାଙ୍କୁ ଦୁର୍ବ୍ୟବହାର କରିଥିବାର କହିଛନ୍ତି ।

# ସୂଚନାଫଳକରେ ତ୍ରୁଟି : ମହତାବଙ୍କ ଗାଁ ନା ଭୁଲିଗଲା ବିଭାଗ

ଆଗରପଡ଼ା,(ସବ୍ୟୁ):ଆଗରପଡ଼ା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାରୁ ସାଇମନ୍ଦିର ଦେଇ ବଡ଼ହାଟତ୍ରିଲୋଚନପୁର ବା ବିଟିପୁର ପଂଚାୟତକୁ ୧.୭୦୦କି.ମିର ଏକ ରାସ୍ତା ଲମ୍ବିଛି । ଏହି ମନ୍ଦିର ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨ଟି ଫଳକ ମରାଯାଇଛି । ଏଥିରେ ବଡ଼ହାଟତ୍ରିଲୋଚନପୁର ସ୍ଥାନରେ କେବଳ ବଡ଼ତ୍ରିଲୋଚନପୁର ବୋଲି ଲେଖା ଯାଇଥିବାର ଜଣାପଡ଼ିଛି । ଯାହାକି ବଡ଼ ଧରଣର ତ୍ରୁଟି ବୋଲି ଗ୍ରାମବାସୀମାନେ ଅଭିଯୋଗ କରୁଥିଲେ ସୁଦ୍ଧା ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ସେମାନେ ନିଜର ଅସନ୍ତୋଷ ଭାବ ପ୍ରକାଶ କରୁଛନ୍ତି । ଫଳକ ଦ୍ୱାରା ସ୍ଥାନର ନାମ ନିରୂପଣ ହୋଇଥାଏ ମାତ୍ର ଏହି ତ୍ରୁଟି ଲେଖା ଗାଁ କୁ ଉପହାସ କରିବା ସଦୃଶ୍ୟ ହୋଇଛି ବୋଲି ଗାଁ ଲୋକମାନେ କହୁଛନ୍ତି । ନବ ଉତ୍କଳର ନିର୍ମାତା,ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ଡ଼. ହରେକୃଷ୍ଣ ମହତାବଙ୍କ ପରି ଯୋଗଜନ୍ମା ଜନ୍ମିତ ଗାଁ ନାମକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ବଦଳାଇ ଚିହ୍ନିତ କରି ପାରୁଛି ତେବେ ଅନ୍ୟାନ୍ୟ ଗାଁ ନାମ କିପରି ହେଉଥିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।


**AFFIDAVIT**

I, Hari Ansh Agarwal alias Hariansh Agarwal, S/o.: Sandeep Agarwal, R/o: Agarwal Bhawan, Bakhrabad, Cuttack, Urban Cuttack, Odisha-753002, have changed my name and shall hereafter be Known as **Hariansh Pravit Agarwal.**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar on 18.04.2024, I Rajashree Patra, Type-3/212, New AG Colony, Nayapalli, Bhubaneswar-12 have changed my name from Rajashree Biswal to Rajashree Patra. Henceforth I shall be known as Rajashree Patra for all purpose.

**AFFIDAVIT**

By virtue of an affidavit shown before Notary Public Cuttack, on dt. 17.04.2024. I Mohammad Nawaid Saify, S/O. Salahauddin Khan, At-Ambulasahi, Po-Adhangagarha, Via- Anakia, Dist-Jagatsinghpur, Pin-754102. I have changed my name from MD. Nawaid Saify to Mohammad Nawaid Saify. Henceforth, I shall be known as Mohammad Nawaid Saify for all purposes.

**LOST**

I, Smt. Sangnyabati Meher aged about 46 Years, W/O. Surendra Kumar Meher, resident of village-Muribahal, P,.O. Muribahal, P.S. Muribahal in the district of Balangir (Odisha) that I lost my Health Care Medical Store license some where while I was going on 02.04.2024 from my village-Muribal to Titilagarh.I search for the same but could not be traced out so lodged a report in IIC, Muribahal P.S. about the lost of my Health Care Medical Store license. In case I traced the same Health Care Medical Store license. I shall returned the same to Deputy Drugs controller, Western Zone, Sambalpur (Odisha).

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.
CAD-83

ପତ୍ର ସଂଖ୍ୟା ୧୦୨ **ବିଜ୍ଞାପନ** ତା : ୨୯.୦୪.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
| --- | --- | --- |
| ସ୍ୱର୍ଗତ ବିରଞ୍ଚି ନାରାୟଣ ଚୌଧୁରୀ<br>ପିତା-ସ୍ୱର୍ଗତ ନିତ୍ୟାନନ୍ଦ ଚୌଧୁରୀ<br>ସା-ଭୂଷଣ୍ଡପୁର<br>ପୋ- ଭୂଷଣ୍ଡପୁର<br>ଥାନା- ଟାଙ୍ଗି, ଜିଲ୍ଲା - ଖୋର୍ଦ୍ଧା | ବି.ଏଲ୍-୪୫<br>(B.L-45)<br>କମ୍ପୋଜିଟ୍ ହାଉସିଂ ପ୍ରକଳ୍ପ<br>ଭି.ଏସ୍.ଏସ୍ ନଗର<br>୧ମ ପର୍ଯ୍ୟାୟ, ଭୁବନେଶ୍ୱର | ୧. ବିଜନ ପ୍ରସାଦ ଚୌଧୁରୀ (ପୁତ୍ର)<br>୨. ନିରଜ ନଳିନୀ ଚୌଧୁରୀ (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0069/2425

**ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ**
ଦୁର୍ଗାପାଳି, ସମ୍ବଲପୁର ୭୬୮୦୦୬, Email-Secretarysdasbp@gmail.com
CAD-92
No. 983 / SDA
Sambalpur dated the 29th April, 2024

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ସାଲିଆବଗିଚା, କୁମ୍ଭାରପଡା, ସମ୍ବଲପୁର ଠାରେ ହାଉସିଂ ସ୍କିମ ଘର ନମ୍ବର **HIG-06 (Ground Floor)** ଟିକୁ ଶ୍ରୀ ବ୍ରହ୍ମାନନ୍ଦ ପୋଦାର, ପିତା ପ୍ରଭୁଦୟାଲ ପୋଦାରଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନ ଗ୍ରାହୀ ଶ୍ରୀ ବ୍ରହ୍ମାନନ୍ଦ ପୋଦାର ଉକ୍ତ ଘରଟିକୁ ଶ୍ରୀ ଅଜୟ ଲୋହିଆ, ପିତା- ଶ୍ୟାମସୁନ୍ଦର ଲୋହିଆଙ୍କ ନାମରେ ପରିବର୍ତ୍ତନ କରିବା ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ଘରଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହେଲେ ଏହି ନୋଟିସ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଘର ଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/- ସଚିବ
ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ
ସମ୍ବଲପୁର
OIPR : 15013/11/0001/2425

**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** pnb punjab national bank (Together for the better)
Oriental United

ମଣ୍ଡଳ ଶସ୍ତ୍ର କେନ୍ଦ୍ର : ଭୁବନେଶ୍ୱର, ପ୍ଲଟ୍ ନଂ.: ଜେ/୩, ରେଭିନ୍ୟୁ ପ୍ଲଟ୍ ନଂ.: ୧୫୬୧ (ଅଂଶ), ସା: ଜାଗମରା, ପୋ: ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦, ଓଡ଼ିଶା, ଇମେଲ୍: cs6903@pnb.co.in,

**ବିକ୍ରୟ ନୋଟିସ୍**

**ଋଣଗ୍ରହୀତା: ମେସର୍ସ ହୋଟେଲ ସୂର୍ଯ୍ୟମୁଖୀ, ସ୍ୱତ୍ତ୍ୱାଧିକାରୀ: ରଶ୍ମୀ ରଞ୍ଜନ ମହାପାତ୍ର, ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ(ଇ-ଓବିସି), ଅରଗୁଳ ଶାଖା, ଖୋର୍ଦ୍ଧା**ରୁ ଋଣ ନେଇଥିଲେ। ବ୍ୟାଙ୍କ ମେସର୍ସ ହୋଟେଲ ସୂର୍ଯ୍ୟମୁଖୀ, ଏନଏଚ-୧୬, ମୁକୁନ୍ଦପ୍ରସାଦ, ଖୋର୍ଦ୍ଧାର ଗୃହରେ ରହିଥିବା ବନ୍ଧକପ୍ରାପ୍ତ ଅସ୍ଥାବର ସମ୍ପତ୍ତି ଆସବାବପତ୍ର, ଫିକ୍ସଚରଗୁଡ଼ିକୁ ସର୍ବସାଧାରଣଙ୍କ ଠାରୁ ଟେଣ୍ଡର ଆହ୍ୱାନ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ଜିନିଷପତ୍ରଗୁଡିକ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି", "ସେଠାରେ ଯାହା ଅଛ"** ଭିତ୍ତିରେ ବିକ୍ରୟ କରାଯିବ। ଦାଖଲ କରାଯିବାକୁ ଥିବା ଟେଣ୍ଡରର ଧାର୍ଯ୍ୟ ଫର୍ମ କ୍ଷମତାପ୍ରାପ୍ତ କାର୍ଯ୍ୟାଳୟରେ ଉପଲବ୍ଧ। ଆଗ୍ରହୀ କ୍ରେତାମାନେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ସପକ୍ଷରେ ଏବଂ **ଭୁବନେଶ୍ୱର**ରକୁ ପୈଠ ଦର୍ଶାଇ **ଟ.୧୦,୦୦୦/-**ଙ୍କାର ଅମାନତ ରାଶିର ଡିମାଣ୍ଡ ଡ୍ରାଫ୍ଟ ସହିତ ମୁଦ ଟେଣ୍ଡରକୁ **ତା.୧୮.୦୫.୨୦୨୪ରିଖ ଅପରାହ୍ନ ୪.୦୦ ଘଟିକା** ପୂର୍ବରୁ କ୍ଷମତାପ୍ରାପ୍ତ ଅଧିକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ମଣ୍ଡଳ ଶସ୍ତ୍ର କେନ୍ଦ୍ର, ଭୁବନେଶ୍ୱର**ଠାରେ ଦାଖଲ କରିବେ। ଅମାନତ ରାଶି ବିନା ପ୍ରାପ୍ତ ଟେଣ୍ଡରଗୁଡିକ ରଦ୍ଦ କରାଯିବ। ପ୍ରାପ୍ତ ହୋଇଥିବା ଟେଣ୍ଡରଗୁଡ଼ିକ ଉପର ଦର୍ଶିତ ଠିକଣାରେ **ତା.୧୮.୦୫.୨୦୨୪ରିଖ ଅପରାହ୍ନ ୪.୦୦ ଘଟିକା**ରେ ଖୋଲା ଯିବ। କ୍ଷମତାପ୍ରାପ୍ତ ଅଧିକାରୀ ପ୍ରାପ୍ତ ସର୍ବାଧିକ ବିଡ୍ / ପ୍ରସ୍ତାବଠାରୁ ଅଧିକ ପରବର୍ତ୍ତୀ ବିଡ୍ / ପ୍ରସ୍ତାବ ନିମନ୍ତେ ବୈଧ ଟେଣ୍ଡର ଦାଖଲ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଖୋଲା ନିଲାମ ଡାକ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ସଫଳ ବିଡରା/କ୍ରେତାଙ୍କୁ ବିକ୍ରୟ ସମାପ୍ତିର ୨୪ ଘଣ୍ଟା ମଧ୍ୟରେ ଅବଶିଷ୍ଟ ରାଶି ଦାଖଲ କରିବାକୁ ହେବ। ଯଦି ଅବଶିଷ୍ଟ ରାଶି ୨୪ ଘଣ୍ଟା ମଧ୍ୟରେ ପ୍ରଦାନ ନକରନ୍ତି ତେବେ ଜମା କରିଥିବା ଅମାନତ ରାଶି ବ୍ୟାଜାପ୍ତି କରାଯିବ ଏବଂ ବ୍ୟାଙ୍କ ଆସବାବପତ୍ର ଏବଂ ଫିକ୍ସଚରଗୁଡ଼ିକୁ ପୁନଃ ନିଲାମ କରିବାର ଅଧିକାର ରଖିଛି। ଜିନିଷପତ୍ରଗୁଡ଼ିକୁ ତନଖି କରିବାକୁ ଆଗ୍ରହୀପକ୍ଷମାନେ ହୋଟେଲ ସୂର୍ଯ୍ୟମୁଖୀ, ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧାଠାରେ **ତା.୧୦.୦୫.୨୦୨୪ରିଖ ପୂର୍ବାହ୍ନ ୧୦.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା** ମଧ୍ୟରେ ଜିନିଷପତ୍ରଗୁଡ଼ିକୁ ତନଖି କରିପାରିବେ। କ୍ରେତା GST, କୌଣସି ବୈଧାନିକ ଦେୟ, ବିକ୍ରୟକୁ ପ୍ରଭାବିତ କରୁଥିବା ସମ୍ପାଦିତ କାଗଜାତର ଷ୍ଟାମ୍ପ ଡ୍ୟୁଟି ଇତ୍ୟାଦି ପ୍ରଦାନ କରିବାକୁ ବାଧ୍ୟ। ସମ୍ପତ୍ତି ବିକ୍ରୟ ସମ୍ବନ୍ଧିତ ବ୍ୟାଙ୍କର ନିଷ୍ପତ୍ତି ଚୂଡାନ୍ତ, ବାଧ୍ୟତାମୂଳକ ଏବଂ ପ୍ରଶ୍ନରହିତ ଅଟେ। ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ବିକ୍ରୟକୁ ସ୍ଥଗିତ କିମ୍ବା ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛି।

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୨.୦୫.୨୦୨୪ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୪୩୭୬୬୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତ୍ରିପାଠୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।





କନ୍ଧମାଳରେ ବିଜେଡ଼ି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ କାର୍ତ୍ତିକ ପାଣ୍ଡିଆନ୍

### ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଭେଟିଲେ ଓଳାଶୁଣୀ ଟ୍ରଷ୍ଟ ସଦସ୍ୟ

## ଓଳାଶୁଣୀ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ



ଭୁବନେଶ୍ୱର, (ସବ୍ୟୁ): ଲେଖକମାନେ ହେଉଛନ୍ତି ସମାଜର ମାର୍ଗଦର୍ଶକ । ସେମାନଙ୍କ ଲେଖକୀୟ ଅଙ୍ଗୀକାର ଓ ପ୍ରତିବଦ୍ଧତା ଦ୍ୱାରା ସୃଜନଶୀଳତାର ବିଭିନ୍ନ ବିଭବ ଅଧିକ ଋଦ୍ଧିମନ୍ତ ହୋଇଥାଏ ଏବଂ ତାହା ପାଠକୀୟ ଆଦର ଲାଭ କରିଥାଏ ବୋଲି କହିଛନ୍ତି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ । ଗୁରୁବାର ପୂର୍ବାହ୍ନରେ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ରାଜ୍ୟପାଳଙ୍କୁ ତାଙ୍କ ଭୁବନେଶ୍ୱର ବାସଭବନ ଠାରେ ସମ୍ବର୍ଦ୍ଧିତ କରାଯାଇଥିଲା । ଟ୍ରଷ୍ଟର ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ, ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ, ଟ୍ରଷ୍ଟି ତଥା ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସଂପାଦକ ବିରୂପାକ୍ଷ ତ୍ରିପାଠୀ ଏବଂ ସମାଜସେବୀ ସୁରେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଶ୍ରୀ ହରିଚନ୍ଦନଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଫାଉଣ୍ଡେସନ ପକ୍ଷରୁ ପ୍ରକାଶିତ ସୃଜନଶୀଳ ସାହିତ୍ୟ ପତ୍ରିକା ଓଳାଶୁଣୀର ସ୍ୱତନ୍ତ୍ର ସଂଖ୍ୟାକୁ ରାଜ୍ୟପାଳ ଉନ୍ମୋଚନ କରିବା ସହିତ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଏହି ଅବସରରେ ତାଙ୍କୁ ଟ୍ରଷ୍ଟ ପକ୍ଷରୁ ରାଜ୍ୟର ପ୍ରମୁଖ ଧର୍ମ-ସଂସ୍କୃତି-ପର୍ଯ୍ୟଟନ ପୀଠ ଓଳାଶୁଣୀକୁ ପରିଦର୍ଶନ କରିବା ପାଇଁ ନିମନ୍ତ୍ରଣ କରାଯିବା ସହିତ ଓଳାଶୁଣୀର ସନ୍ଥ ଅରକ୍ଷିତ ଦାସଙ୍କ ଜୀବନୀ ଦର୍ଶନ ସମ୍ବଳିତ ପୁସ୍ତକ ମଧ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳଙ୍କ ସ୍ୱତନ୍ତ୍ର ଅଧିକାରୀ ଭରତ ଚନ୍ଦ୍ର ବେହେରା ଏବଂ ଏଡ଼ିସି ସ୍କ୍ୱାର୍ଡ଼ନ ଲିଡ଼ର ନିଶାନ୍ତ ଉପସ୍ଥିତ ଥିଲେ ।

# ବାଲିଗୁଡାରେ କାର୍ତ୍ତିକ ପାଣ୍ଡିଆନଙ୍କ ଜୋରଦାର ପ୍ରଚାର



ଭୁବନେଶ୍ୱର (ସବ୍ୟୁ) : ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଆଜି ବାଲିଗୁଡା ଠାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର କରି ସେମାନଙ୍କୁ ବିପୁଳ ଭୋଟରେ ଜିତାଇବାକୁ ଅନୁରୋଧ କରିଛନ୍ତି । କନ୍ଧମାଳ ସାଂସଦ ପ୍ରାର୍ଥୀ ଡକ୍ଟର ଅଚ୍ୟୁତ ସାମନ୍ତ ଏବଂ ବାଲିଗୁଡା ବିଧାନସଭା ପ୍ରାର୍ଥୀ ଚକ୍ରମଣି କହଁରଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ କହିଛନ୍ତି । ବିରୋଧୀ ଦଳଙ୍କୁ ସିଧା ସଳଖ ଆକ୍ରମଣ କରି ସେ କହିଲେ ଯେ ଏଭଳି ଜନସମାବେଶ ଦେଖି ବିରୋଧୀ ଦଳ ଆତ୍ମବିଶ୍ୱାସ ହରାଉଛି । ବର୍ଷକ ତଳେ ପଞ୍ଚାୟତ ନିର୍ବାଚନରେ ସବୁ ଜିଲ୍ଲାରେ ହାରିଥିଲେ, ତେଣୁ ତାଙ୍କ ମନୋବଳ ପୁରା ଭାଙ୍ଗି ଯାଇଛି । ତାଙ୍କ ପାଖରେ କହିବାକୁ କିଛି ନାହିଁ, ତେଣୁ ମିଛ କହିବା ଆରମ୍ଭ କରିଛନ୍ତି, ଦଳୀୟ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଁ ଅପପ୍ରଚାର କରୁଛନ୍ତି । ବିରୋଧି କହୁଛନ୍ତି ବିଧାନସଭାରେ ୧୨୦ ଓ ଲୋକସଭାରେ ୧୬ ଆସନରେ ଜିତିବେ । କିନ୍ତୁ ଦେଖିଲା ବେଳକୁ ପ୍ରାର୍ଥୀ ଦେବାପାଇଁ ବିଜେପି ପାଖରେ ଲୋକ ନାହାନ୍ତି । ବିଜେଡି ଲିଷ୍ଟକୁ ଚାହିଁଛନ୍ତି ବସିଛନ୍ତି । ବିଜେଡି ତାଲିକା ପ୍ରକାଶ ପରେ ନିଜର ତାଲିକା ବାହାର କରୁଛନ୍ତି । ଓଡିଶାରେ ଡବଲ ଇଞ୍ଜିନ, ସିଙ୍ଗଲ ଇଞ୍ଜିନର କିଛି ମୂଲ୍ୟ ନାହିଁ । ଓଡିଶାରେ ଗୋଟିଏ ଇଞ୍ଜିନ – ସେ ହେଉଛି ନବୀନ ଇଞ୍ଜିନ । ନବୀନ ଇଞ୍ଜନର ଶକ୍ତି ବହୁତ ଅଧିକ, କେବେ ବି ଖରାପ ହେବ ନାହିଁ । ସେମାନେ ବର୍ଷକୁ ୨ କୋଟି ଚାକିରୀ ଦେବେ ବୋଲି କହିଥିଲେ, କୁଆଡେ ଗଲା ଚାକିରି ପ୍ରତିଶ୍ରୁତି ? ପେଟ୍ରୋଲ, ଡିଜେଲ, ଗ୍ୟାସ ଦର କମେଇବେ ବୋଲି କହିଥିଲେ । ହିସାବ ଦେବାକୁ ସେମାନଙ୍କ ଦମ୍ ନାହିଁ । ଆମର ଦମ୍ ଅଛି ଲୋକଙ୍କୁ ଆମେ ସବୁବେଳେ ହିସାବ ଦେଇଚାଲିଛୁ ।

ଆପଣମାନେ ତାଙ୍କୁ ପଚାରନ୍ତୁ, ହିସାବ ମାଗନ୍ତୁ । ହିସାବ ମାଗିଲେ ଲୁଚିକି ପଳେଇବେ, ଆଉ ଦେଖା ଦେବେନି । ନବୀନ ଗ୍ୟାରେଣ୍ଟି ହେଉଛି ଆମେ ପୁଣି ଆସିବୁ, ଆପଣମାନଙ୍କୁ ପୁଣି ହିସାବ ଦେବୁ । ମୁଖ୍ୟମନ୍ତ୍ରୀ ସବୁ ଧର୍ମକୁ, ସବୁ ଧର୍ମାବଲମ୍ବୀଙ୍କୁ ସମ୍ମାନ କରନ୍ତି, ସେଥିପାଇଁ ଓଡିଶାରେ ଶାନ୍ତି ଅଛି । ଛତିଶଗଡ, ଝାଡଖଣ୍ଡରେ ଡବଲ ଇଞ୍ଜିନ ଚାଲିଥିଲା, କିନ୍ତୁ ସେମାନେ ଆଦିବାସୀଙ୍କ ପାଇଁ କଣ କରିଛନ୍ତି ? କିଛି କରି ନାହାନ୍ତି । ଓଡିଶାରେ ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କରିଛନ୍ତି । ଭାଷା, ସାହିତ୍ୟ, ସଂସ୍କୃତି, ପୂଜାସ୍ଥଳୀ, ଜାହିରା ଆଦିର ସଂରକ୍ଷଣ କରୁଛନ୍ତି । କନ୍ଧମାଳ ଏସଡିସିରେ ଗତ ଏକ ବର୍ଷ ମଧ୍ୟରେ ୧୯ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଜନଜାତିଙ୍କ ସଂଗୃହୀତ ଜଙ୍ଗଲଜାତ ଦ୍ରବ୍ୟ ସରକାର କିଣିବା ପାଇଁ 'ଲାଭ' ଯୋଜନା କରିଛନ୍ତି ।

ଆପଣମାନେ ସମସ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ପାଇବେ । କେହି ଆପଣଙ୍କୁ ଠକି ପାରିବେ ନାହିଁ । ବାଲିଗୁଡାରେ ୩୩୫ କୋଟି ଟଙ୍କାର କାମ ଚାଲିଛି । ଜଗନ୍ନାଥ ମନ୍ଦିର, ପାଟଖଣ୍ଡା ମନ୍ଦିର ଓ ଧବଳେଶ୍ୱର ଶିବ ମନ୍ଦିର ପାଇଁ ୨ କୋଟି ୫୦ ଲକ୍ଷ ଟଙ୍କା । ବସ୍ତିଙ୍ଗିଆ ଚର୍ଚ୍ଚ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଏବଂ ବାରଖମା, କଞ୍ଚାମେଣ୍ଡିରେ ଖ୍ରୀଷ୍ଟିଆନ ମାଇନରିଟି ସେଣ୍ଟର ପାଇଁ ସହାୟତା ଦିଆଯାଇଛି । ବାଲିଗୁଡା-ମାଡିନତା ସ୍ଥାନୀୟ ନାଳ ଉପରେ ହାଇଲେବୁଲ ସେତୁ ପାଇଁ ୬ କୋଟି ଟଙ୍କା, ବାଲିଗୁଡା-ବାରଖମା-ଖମଣଖୋଳ-ସିନ୍ଧିଗୁଡା ରାସ୍ତାରେ ହାଇଲେବୁଲ ସେତୁ ପାଇଁ ୫.୭୦ କୋଟି ଟଙ୍କା, ବାଲୁଗୁଡା-ବୁଦାଗୁଡା ରାସ୍ତାର ଉନ୍ନତି ପାଇଁ ୪୫ କୋଟି ଟଙ୍କା, ପିଡାମାହା-ଡୁଡୁମିଲା ରାସ୍ତାର ଉନ୍ନତିକରଣ ଓ ସେତୁ ନିର୍ମାଣ ପାଇଁ ୧୯.୫୦ କୋଟି ଟଙ୍କା, ଗୁମୁଡୁମାହା-ଲହାଡି ରାସ୍ତା ଉନ୍ନତିକରଣ ଓ ସେତୁ ନିର୍ମାଣ ପାଇଁ ୧୧.୫୦ କୋଟି ଟଙ୍କା ଏବଂ ଲୁଡୁ ଜଳପ୍ରପାତ ଓ ସର୍ପନଳା ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୧.୨୦ କୋଟି ଟଙ୍କାର କାମ ଚାଲିଥିବା ଶ୍ରୀ ପାଣ୍ଡିଆନ କହିଥିଲେ ।

**ଏଭଳି ଜନସମାବେଶ ଦେଖି ବିରୋଧୀ ଦଳ ଆତ୍ମବିଶ୍ୱାସ ହରାଉଛନ୍ତି**

**ବର୍ଷକ ତଳେ ପଞ୍ଚାୟତ ନିର୍ବାଚନରେ ସବୁ ଜିଲ୍ଲାରେ ହାରିଥିଲେ**

**ତାଙ୍କ ପାଖରେ କହିବାକୁ କିଛି ନାହିଁ, ତେଣୁ ମିଛ କହିବା ଆରମ୍ଭ କରିଛନ୍ତି**

**କହୁଛନ୍ତି ବିଧାନସଭାରେ ୧୨୦, ଲୋକସଭାରେ ୧୬ ପାଇବେ, ହେଲେ ପ୍ରାର୍ଥୀ ପାଉ ନାହାନ୍ତି**

## ଗାୟତ୍ରୀ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ ନୃତ୍ୟବୈଶାଖୀ



ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ଖଣ୍ଡଗିରି ନିକଟ ଜାଗମରା-ବରବାରିଠାରେ ଥିବା ଗାୟତ୍ରୀ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ ନୃତ୍ୟ ବୈଶାଖୀ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବରବାରି ରାମ ମନ୍ଦିର ନିକଟ ନବଜ୍ୟୋତି କ୍ଲବ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ଓଡିଶୀ-ଗୋଟିପୁଅ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ ଏବଂ ଚଣ୍ଡିଗଡ ପ୍ରାଚୀନ କଳାକେନ୍ଦ୍ରର ଓଡିଶା ବ୍ୟାପାର ବ୍ୟୋମୋକେଶ ଜେନା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେଛ ଏକାଡେମୀ ଛାତ୍ରୀ ମଙ୍ଗଳାଚରଣ, ମଥୁରା ପାଠ, ମାତୃବନ୍ଦନା ଓ ରାଧାରାଣୀ ସାଙ୍ଗେ ନାଚେରେ ଅଭିନୟ କରିଥିଲେ । ଗୋପିନାଥ ଉପାଧ୍ୟାୟ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେଛ ଗୁରୁ ଗାୟତ୍ରୀ ଖୁଣ୍ଟିଆ ଏବଂ ସହ ପ୍ରତିଷ୍ଠାତା ରାଜେନ୍ଦ୍ର କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେଛ ବନ୍ଦନା ପଣ୍ଡା, ଅଙ୍କିତା ପଣ୍ଡା, ଅମ୍ରିତା ପଣ୍ଡା, ଅନ୍ୱେଷା ପଣ୍ଡା, ଆୟୁଷି କର, ସସ୍ମିତା ଲେଙ୍କା, ଶୁଭସ୍ମିତା ପ୍ରିୟଦର୍ଶିନୀ, ସିପ୍ରା ରାୟ, ସୋନାକ୍ଷୀ ସେଠି, ଅଳକା ଅଳକୃତା, ଦେବାଶି ସାହୁ ପ୍ରମୁଖ ଅଭିନୟ କରିଥିଲେ ।

## ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ଟୀକାକରଣ ସପ୍ତାହ



ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଶିଶୁରୋଗ ବିଭାଗ ଏବଂ ଇଣ୍ଡିଆନ୍ ଏକାଡେମି ଅଫ୍ ପେଡିଆଟ୍ରିକ୍ସ ଭୁବନେଶ୍ୱର ଶାଖାର ମିଳିତ ଆନୁକୂଲ୍ୟରେ ଗତ ୨୪ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ଧରି ବିଶ୍ୱ ଟୀକାକରଣ ସପ୍ତାହ ୨୦୨୪ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ହସ୍ପିଟାଲ୍‌ର ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ମମତାଦେବୀ ଶିଶୁମାନଙ୍କ ଅଭିଭାବକ ମାନଙ୍କ ନିମନ୍ତେ ଓପିଡି, ଶିଶୁରୋଗ ବିଭାଗ ୱାର୍ଡ ଓ ନବଜାତ ଶିଶୁରୋଗ ବିଭାଗ ୱାର୍ଡରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଟୀକାକରଣ କିଭଳି ଶିଶୁମାନଙ୍କୁ ବିଭିନ୍ନ ସଂକ୍ରମଣରୁ ରକ୍ଷା କରିଥାଏ ସେ ବିଷୟରେ ବୁଝାଇ ଦିଆଯାଇଥିଲା। ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଅଣ୍ଡର ଗ୍ରାଜୁଏଟ୍ ଛାତ୍ରଛାତ୍ରୀମାନଙ୍କୁ ଉଭୟ ଶିଶୁ ଏବଂ ଅଧିକ ବୟସର ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଟୀକା ଗ୍ରହଣ କେତେ ଗୁରୁତ୍ୱପୂର୍ଣ୍ଣ ସେ ନେଇ ସଚେତନ କରାଇବା ସହ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ ଓ ନର୍ସିଂ ଅଫିସରମାନଙ୍କ ମଧ୍ୟରେ ଏକ କୁଇଜ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ଶିଶୁରୋଗ ବିଭାଗରେ ଇଂଟର୍ଣ୍ଣମାନଙ୍କ ମଧ୍ୟରେ ଏକ ପୋଷ୍ଟର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

ଗତ ଏପ୍ରିଲ୍ ୩୦ ତାରିଖ ଦିନ କମ୍ୟୁନିଟି ମେଡିସିନ ବିଭାଗର ସହଭାଗିତାରେ ଏକ ଆନ୍ତଃ ବିଭାଗୀୟ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ପ୍ରାୟ ୧୦୦ ଜଣ ଡାକ୍ତର ଓ ନର୍ସ ସାମିଲ ହୋଇଥିଲେ। ଦୁଇଟି ବିଭାଗର ଫ୍ୟାକଲ୍ଟିମାନେ ଟୀକାକରଣର ଅତ୍ୟାଧୁନିକ କାର୍ଯ୍ୟଧାରା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।

## ଭୁବନେଶ୍ୱର ରନ୍‌ୱେ ୱିକ୍ ସିଜନ୍-୧୦ରେ ଉତ୍କଳ ଅମ୍ରିତାଙ୍କ ଡିଜାଇନ୍ କଲେକ୍ସନ



ଭୁବନେଶର (ସବ୍ୟୁ): ଡିଜାଇନର ଅମ୍ରିତା ସାବତଙ୍କ ନେତୃତ୍ୱରେ ଓଡ଼ିଶା ହସ୍ତତନ୍ତ, ବୟନ ଓ ପାରମ୍ପରିକ କ୍ୟୁରେସନ ଉପରେ ଆଧାରିତ ପ୍ରସିଦ୍ଧ ଡିଜାଇନର ବ୍ରାଣ୍ଡ ଉତ୍କଳ ଅମ୍ରିତା ପକ୍ଷରୁ ୱେଲକମ୍ ହୋଟେଲ୍‌ଠାରେ ଅନୁଷ୍ଠିତ ହୋଇଛି । ଉତ୍କଳ ଅମ୍ରିତା 'ଦିବ୍ୟଚିତ୍ର ସଂଗ୍ରହ'ର ବିଷୟବସ୍ତୁ ନେଇ ଆସିଥିଲା, ଯେଉଁଠାରେ କାଳଜୟୀ କାହାଣୀ ସମସାମୟିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ସୁଯୋଗ ମିଳିଥାଏ। ସମସାମୟିକ ଶୈଳୀରେ ଓଡ଼ିଶା ପଟ୍ଟଚିତ୍ରକୁ ପୁନରୁଦ୍ଧାର କରି ଆମେ ସୁବର୍ଣ୍ଣ ରେଖା କଳା ପ୍ରୟୋଗ କରି ରାମାୟଣର କାହାଣୀକୁ ଶାଢ଼ୀ ଆଞ୍ଚଲ୍‌ରେ ଉନ୍ନତ କରିଛୁ। ପ୍ରତ୍ୟେକ ବୁଣା ସହିତ, ଭଗବାନ ରାମ, ସୀତା ଏବଂ ସେମାନଙ୍କର ଦିବ୍ୟ ଯାତ୍ରାର ଆକର୍ଷଣୀୟ ବର୍ଣ୍ଣନାକୁ ପୁନଃଜୀବିତ କରନ୍ତୁ, ପରମ୍ପରାକୁ ଆଧୁନିକ ଆକର୍ଷଣ ସହିତ ନିରବଚ୍ଛିନ୍ନ ଭାବରେ ମିଶ୍ରଣ କରନ୍ତୁ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଓ ଓଲିଉଡ୍ ଅଭିନେତ୍ରୀ ଜାଗୃତି ରଥ ଉପସ୍ଥିତ ଥିଲେ।

## ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ମନମୋହନ : ବିଜେଡି



ଭୁବନେଶ୍ୱର (ସବ୍ୟୁ): ନିର୍ବାଚନ ଆସିଲେ ଓଡିଶା ବିଜେପିର ଚାଷୀଙ୍କ କଥା ମନେ ପଡେ । ଏବେ ମୁଣ୍ଡ ଉପରେ ଭୋଟ ଥିବାରୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଚାଷୀଙ୍କ ପ୍ରସଙ୍ଗ ଉଠାଇ କୁମ୍ଭୀର କାନ୍ଦଣା କାନ୍ଦୁଥିବା କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡକ୍ଟର ସସ୍ମିତ ପାତ୍ର । ଡକ୍ଟର ପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ ୨୦୧୭ ମସିହାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୯୩୦ଟଙ୍କା କରିବା ପାଇଁ ଓଡିଶା ବିଧାନସଭାରେ ସର୍ବସମ୍ମତ ସଙ୍କଳ୍ପ ପାରିତ ହୋଇଥିଲା । ବିଜେପି ବିଧାୟକମାନେ ଏଥିରେ ସମ୍ମତି ପ୍ରକାଶ କରିଥିଲେ । ହେଲେ କେନ୍ଦ୍ର ସରକାର ଧାନର ଦରବୃଦ୍ଧି କଲେ ନାହିଁ । ଓଡିଶା ବିଜେପି ମଧ କେନ୍ଦ୍ରରେ ଥିବା ନିଜ ଦଳର ସରକାରଙ୍କ ନିକଟରେ ଏହି ଦାବି ଉଠାଇଲା ନାହିଁ । ଏହି ସଙ୍କଳ୍ପ ପାରିତକୁ ସାତ ବର୍ଷ ପୂରିଥିବା ବେଳେ ମନମୋହନ ସାମଲ ଦିନଟିଏ ହେଲେ ଏହି ପ୍ରସଙ୍ଗରେ ମୁହଁ ଖୋଲିନଥିଲେ । ଏବେ ନିର୍ବାଚନକୁ ଦୃଷ୍ଟିରେ ରଖି ଶ୍ରୀ ସାମଲ ଚାଷୀଙ୍କ ପ୍ରସଙ୍ଗ ଉଠାଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ।

ଡକ୍ଟର ପାତ୍ର କହିଛନ୍ତି ଯେ ଶ୍ରୀ ସାମଲଙ୍କର ଏଭଳି ବକ୍ତବ୍ୟ ବିଜେପିର ଦୋମୁହାଁ ନୀତିକୁ ଦର୍ଶାଉଛି । ଶ୍ରୀ ସାମଲ ଏହି ପ୍ରସଙ୍ଗ ଉଠାଇ ଏବେ ନିଜ ଦଳର ବିଧାୟକମାନଙ୍କର ଅପାରଗତାକୁ ପଦାରେ ପକାଇ ଦେଇଛନ୍ତି । ଓଡିଶାରେ ଚାଷୀଙ୍କ ମେରୁଦଣ୍ଡ ମଜବୁତ ଅଛି ଏବଂ ସେମାନଙ୍କ ହାତମୁଠା ଟାଣ ରହିଛି । ରାଜନ୍ଥ ବିଜେପି ସେମାନଙ୍କୁ ରାଜନୀତି ରଣାଙ୍ଗନରେ ମୋହରା ବନାଇବାକୁ ଚେଷ୍ଟା ନକରୁ । ଅମିତ ଶାହାଙ୍କ ୧୭ଟି ଲୋକସଭା ଆସନ ଜିତିବା ପ୍ରସଙ୍ଗରେ ଡକ୍ଟର ପାତ୍ର କହିଛନ୍ତି ଯେ କେନ୍ଦ୍ର ବିଜେପି ଭଲ ଭାବେ ଜାଣିଛି ଏଥର ନିର୍ବାଚନରେ ବିଜେପି ଶୋଚନୀୟ ଭାବେ ହାରିବାକୁ ଯାଉଛି । ହତାଶ କର୍ମୀଙ୍କ ମନୋବଳ ବଢାଇବାକୁ ଶ୍ରୀ ଶାହା ଏଭଳି ମନ୍ତବ୍ୟ ରଖୁଛନ୍ତି । ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ୯୦ ପ୍ରତିଶତ ସ୍ଥାନରେ ଜିତିଥିଲା । ୩୦ରୁ ୩୦ ଜିଲ୍ଲା ପରିଷଦ ଆସନ ବିଜେଡି ଖାତାକୁ ଆସିଥିଲା । ଚଳିତ ନିର୍ବାଚନରେ ବିଜେଡି ୧୭ଟି ଲୋକସଭା ଆସନରେ ବିଜୟ ଲାଭ କରିବ । ସେହିଭଳି ୨୦୧୯ ନିର୍ବାଚନରେ ବିଜେଡି ଯେତିକି ବିଧାନସଭା ଆସନ ପାଇଥିଲା ଏଥର ତାହାଠାରୁ ଢେର ଅଧିକ ଆସନରେ ଜିତିବ ବୋଲି ଡକ୍ଟର ପାତ୍ର କହିଛନ୍ତି ।

**ଧାନର ଏମଏସପି ବୃଦ୍ଧି ପାଇଁ ବିଧାନସଭାରେ ପାରିତ ହୋଇଥିଲା ସଙ୍କଳ୍ପ**

**ବିଜେପି ବିଧାୟକମାନେ ସଙ୍କଳ୍ପକୁ କରିଥିଲେ ସମର୍ଥନ**

## ବେଦାନ୍ତ ଆଲୁମିନିୟମର ସୋସିଆଲ ମିଡ଼ିଆ ଅଭିଯାନ କମିକ୍‌ଅଲ୍

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ କମିକ୍‌ଅଲ ନାମକ ଏକ ସୋସିଆଲ ମିଡିଆ ଅଭିଯାନର ଶୁଭାରମ୍ଭ କରିଛି, ଯେଉଁଥିରେ ଆଲୁମିନିୟମର ବହୁମୁଖୀ ବୈଶିଷ୍ଟ୍ୟକୁ ପ୍ରତିପାଦିତ କରାଯାଇଛି ଓ ଭବିଷ୍ୟତର ଧାତୁ ବିଷୟରେ ଅଧିକ ପରିଚିତ କରାଯାଇଛି। ଏହି ଅଭିଯାନରେ ସୋସିଆଲ ମିଡିଆ ଲାଗି ହାସ୍ୟରସ ମାଧ୍ୟମରେ ଆଲୁମିନିୟମର ଚମତ୍କାର ଦୁନିଆକୁ ଜନସାଧାରଣଙ୍କ ଲାଗି ଉପସ୍ଥାପନା କରାଯାଇଛି।




ସୋସିଆଲ ମିଡିଆର ଉପଭୋକ୍ତାମାନେ ଆଲୁମିନିୟମର ପୁନଃବ୍ୟବହାର ଯୋଗ୍ୟତା ଓ ଏହାର ସଫ୍ଟ ଉପାଦାନ ପସନ୍ଦର ସାମଗ୍ରୀ ଭାବରେ ସର୍ବବ୍ୟାପୀ ଭାବରେ ଆବିଷ୍କାର କରିଛନ୍ତି । ଏହି ଅଭିଯାନରେ କ୍ରୀଡ଼ାବିତଙ୍କ ପାଇଁ ଏକ ବାର୍ତ୍ତା ପ୍ରଦର୍ଶିତ ହେବା ସହ ସେମାନଙ୍କ ଖେଳର ଏକ ଅଂଶ ଭାବରେ ଆଲୁମିନିୟମର ଭୂମିକାକୁ ଦର୍ଶାଯାଇଛି ଯାହା ବ୍ୟାଡମିଂଟନ ବା ଟେନିସ ରାକେଟ ପରି ଆଇଟମକୁ ଆଲୁମିନିୟମ ମହାନ କରିଛି ।

ବେଦାନ୍ତ ଲିମିଟେଡ ଆଲୁମିନିୟମ ବିଜିନେସର ମୁଖ୍ୟ ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଅଧିକାରି ଶ୍ରୀମତୀ ସୋନାଲ ଚୌଧୁରୀ ଏହି ସ୍ୱତନ୍ତ୍ର ଅଭିଯାନ ଉପରେ ମତ ଦେଇ କହିଛନ୍ତି ଯେ ଆଲୁମିନିୟମ ଉଦ୍ୟୋଗର ନେତା ଭାବରେ ବେଦାନ୍ତ ଆଲୁମିନିୟମ କେବଳ ଉଦ୍ଭାବନ ବିଷୟରେ କହିଥାଏ। ଆମର ଉତ୍ପାଦ ଗୁଡ଼ିକ ଦର୍ଶକଙ୍କ ଜରୀଆରେ ଉତ୍ପାଦ ସଂପର୍କରେ ପରିଚିତ କରିବା ସହ ସୂଚନା ଦେବା ତଥା ଶିକ୍ଷିତ କରିବା ଲାଗି ଉଦ୍ଦିଷ୍ଟ। ଏଥିରେ ଆମେ ଏକ ସତେଜ ନୂଆ ପରିଚୟ ଦେଇଛୁ । ଭବିଷ୍ୟତର ଧାତୁର ସମ୍ଭାବନାକୁ ଜଣାଇବା ଲାଗି ଉପାୟ ପନ୍ଥା ବିଷୟରେ ମଧ୍ୟ ଆଲୋକିତ କରାଯାଇଛି । ଆଲୁମିନିୟମ ଆମର ଦୈନନ୍ଦିନ ଜୀବନରେ ଅବିଚ୍ଛେଦ୍ୟ ଅଂଶ ହୋଇଯାଇଛି ଏବଂ ଆମର ଏହି ଅଭିଯାନ ଆପଣଙ୍କୁ ଏହି ଧାତୁ ସଂପର୍କରେ ଏକ ନୂଆ ଦୃଷ୍ଟିକୋଣର ପରିଚୟ ଦେବ ବୋଲି ଆଶା କରୁଛୁ। ଏହି ଅଭିଯାନ ବର୍ତ୍ତମାନ ଲିଙ୍କଡଇନ, ଫେସବୁକ, ଟ୍ୱିଟର ଓ ଇନଷ୍ଟାଗ୍ରାମ ସହିତ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଲାଇଭ ହୋଇଛି। ମଜାକୁ ହାତଛଡ଼ା କରନ୍ତୁ ନାହିଁ– ଅନୁସରଣ କରନ୍ତୁ ପସନ୍ଦ କରନ୍ତୁ ଓ ସାଙ୍ଗ ସାଥୀଙ୍କୁ ସେୟାର କରନ୍ତୁ । ବେଦାନ୍ତ ଏହାର ଦର୍ଶକମାନଙ୍କୁ ଏହାକୁ ଦେଖିବା ଲାଗି ଆମନ୍ତ୍ରଣ କରୁଛି।

### ନିର୍ବାଚନୀ ପ୍ରଚାର ମୈଦାନକୁ ଓହ୍ଲାଇଲେ ବିଜେପି ପ୍ରାର୍ଥୀ ପ୍ରକାଶଙ୍କ ପତ୍ନୀ

କଟକ, (ସ୍ୱପ୍ର): ଚଳିତଥର ନିର୍ବାଚନ ପ୍ରଚାର କରୁଛନ୍ତି କଟକ ସଦର ବିଜେପି ବିଧାୟକ ପ୍ରାର୍ଥୀ ଇଂ ପ୍ରକାଶ ସେଠୀ। ଇଂ ସେଠୀ ଦୀର୍ଘଦିନ ଧରି ସାମାଜିକ ସଂଗଠନ ଜରିଆରେ କଟକ ସଦର ଅଂଚଳର ଲୋକମାନଙ୍କ ପାଖରେ ପହଂଚିବାକୁ ଚେଷ୍ଟା କରିଛନ୍ତି । ଏବେ ସ୍ୱାମୀଙ୍କୁ ସହଯୋଗ କରିବା ପାଇଁ ପ୍ରଚାର ମୈଦାନୁ ଓହ୍ଲାଇଛନ୍ତି ଧର୍ମପତ୍ନୀ ଡେଜୀ ସେଠୀ । ଏହି ଅବସରରେ କଟକ ସଦର ଅନ୍ତର୍ଗତ କନ୍ଦରପୁର ସ୍ଥିତ ଫକିରପଡା ପଂଚାୟତରେ ୫ ଶହରୁ ଊର୍ଦ୍ଧ୍ୱ ମହିଳାମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀରେ ଶ୍ରୀମତୀ ସେଠୀ ଉଦ୍‌ବୋଧନ ଦେଇ ରାଜ୍ୟ ତଥା ଦେଶର ବିକାଶ ପାଇଁ ପଦ୍ମ ଫୁଲରେ ବହୁ ସଂଖ୍ୟାରେ ମୋହର ମାରି ଆମଦାନୀ ନେତାଙ୍କୁ ବହିଷ୍କାର କରିବା ସହ କଟକ ସଦର ମାଟିର ପୁଅ ପ୍ରକାଶ ସେଠୀଙ୍କୁ ଜୟଯୁକ୍ତ କରିବା ପାଇଁ ଯୋଡ଼ ହସ୍ତରେ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

# ଫେକ୍ ଭିଡିଓ ମାମଲା: ୫ ଗିରଫ



**ନୂଆଦିଲ୍ଲୀ:** ଫେକ ଭିଡିଓ ଭାଇରାଲ ମାମଲାରେ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ ପକ୍ଷରୁ ମଧ ଝାରଖଣ୍ଡ କଂଗ୍ରେସ ମୁଖ୍ୟ ରାଜେଶ ଠାକୁରଙ୍କୁ ମଧ ନୋଟିସ କରିଥିଲା । ଆଜି ସେ ହାଜର ହୋଇପାରନ୍ତି । ସେ ଅମିତ ଶାହଙ୍କ ଫେକ ଭିଡିଓକୁ ସୋଶାଲ ମିଡିଆରେ ଶେୟାର କରିଥିବାରୁ ପୁଲିସ୍ ତାଙ୍କୁ ନୋଟିସ କରିଥିଲା । ଏହାବାଦ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଓ ଆଉ ୪ ଜଣଙ୍କୁ ମଧ ସମାନ ମାମଲାରେ ଦିଲ୍ଲୀ ପୁଲିସ ସମନ କରିଥିଲା । ବୁଧବାର ରେଡ୍ଡୀଙ୍କ ଓକିଲ ଦିଲ୍ଲୀ ପୁଲିସ୍ ନିକଟରେ ହାଜର ହୋଇଥିଲେ । ଅମିତ ଶାହଙ୍କ ଡି'ଫେକ ଭିଡିଓ ତିଆରି କରିବା ଓ ଏହାରକୁ ପୋଷ୍ଟିଂ କରିବାରେ ରେଭନ୍ତ ରେଡ୍ଡୀଙ୍କର କୌଣସି ପ୍ରକାରର ଭୂମିକା ନାହିଁ ବୋଲି ପୁଲିସକୁ କହିଥିଲେ । ପୁଲିସ ସୂତ୍ର ଅନୁସାରେ, ସେମାନେ ଅମିତ ଶାହଙ୍କ ଡି'ଫେକ ଭିଡିଓ ତିଆରି କରିଥିବା ବ୍ୟକ୍ତିଙ୍କ ଅତି ନିକଟରେ ପହଞ୍ଚି ଯାଇଛନ୍ତି । କିନ୍ତୁ ଏହା ପୂର୍ବରୁ ଭିଡିଓକୁ ଅପଲୋଡ ଓ ଶେୟାର କରିଥିବା ଲୋକଙ୍କ ଭୂମିକା ସମ୍ପର୍କରେ ଜାଣିବାକୁ ଉଦ୍ୟମ କରୁଛି । ଭିଡିଓ ଶେୟାରିଂ କରିଥିବା ବିଭିନ୍ନ ଦଳର ୫ ଜଣଙ୍କୁ ପୁଲିସ ସମନ କରିଛି । ଏବେ ସେମାନଙ୍କ ପକ୍ଷ ଶୁଣିବା ପରେ ପୁଲିସ୍ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ ।

# ଏକ ତୃତୀୟାଂଶ ମହିଳା ସଂରକ୍ଷଣ ଲାଗୁ ନିର୍ଦ୍ଦେଶ



**ନୂଆଦିଲ୍ଲୀ:** ବର୍ତ୍ତମାନ ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ଅଧିକାରୀଙ୍କ ମଧ୍ୟରେ ପଦାଧିକାରୀ ଅଧ୍ୟକ୍ଷ, ସଚିବ ଏବଂ କୋଷାଧ୍ୟକ୍ଷ ପଦ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ । ମହିଳା ସଶକ୍ତିକରଣ ଦିଗରେ ସୁପ୍ରିମକୋର୍ଟଙ୍କ ବଡ଼ ପଦକ୍ଷେପ । ବାର୍ ଆସୋସିଏସନରେ ଏକ ତୃତୀୟାଂଶ ମହିଳା ସଂରକ୍ଷଣ ଲାଗୁ କରିବାକୁ ଦେଲେ ନିର୍ଦ୍ଦେଶ । ମେ' ୧୬ ରେ ହେବାକୁ ଥିବା ସୁପ୍ରିମକୋର୍ଟର ବାର୍ ଆସୋସିଏସନ୍ ନିର୍ବାଚନର ଠିକ୍ ପୂର୍ବରୁ ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ଆସିଛି । ସୁପ୍ରିମକୋର୍ଟର ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ବିଡି କୌଶିକଙ୍କ ମାମଲାରେ ଦିଆଯାଇଥିବା ପୁରୁଣା ରାୟକୁ ସ୍ପଷ୍ଟ କରିବାକୁ ଯାଇ ଏହି ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ସୁପ୍ରିମକୋର୍ଟ ବାର୍ ଆସୋସିଏସନର କୋଷାଧ୍ୟକ୍ଷ ପଦକୁ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯିବ । ବର୍ତ୍ତମାନ ସୁପ୍ରିମ୍‌କୋର୍ଟ ବାର ଆସୋସିଏନ୍ ଅଧିକାରୀଙ୍କ ମଧ୍ୟରେ ପଦାଧିକାରୀ ଅଧ୍ୟକ୍ଷ, ସଚିବ ଏବଂ କୋଷାଧ୍ୟକ୍ଷ ପଦ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ । ସୁପ୍ରିମକୋର୍ଟ ବାର ଆସୋସିଏସନରେ ସିନିୟର ଆଡଭୋକେଟଙ୍କ ପାଇଁ ତିଆରି ସିନିୟର ଏଗଜିକ୍ୟୁଟିଭର ୬ ଜଣ ସଦସ୍ୟଙ୍କ ମଧ୍ୟରୁ ଦୁଇ ଜଣ ଏବଂ ଜେନେରାଲ୍ ଏଗଜିକ୍ୟୁଟିଭର ନଅ ଜଣଙ୍କ ମଧ୍ୟରୁ ତିନିଜଣ ମହିଳାଙ୍କ ପାଇଁ ସଂରକ୍ଷିତ ରହିବେ । ଆସନ୍ତା ମେ' ୧୬ ତାରିଖରେ ହେବାକୁ ଥିବା ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ନିର୍ବାଚନରେ ପ୍ରଥମ ଥର ପାଇଁ ଏହି ନିର୍ଦ୍ଦେଶର ପାଳନ କରାଯିବ । ମେ' ୧୮ ତାରିଖରେ ଏହି ନିର୍ବାଚନର ଫଳାଫଳ ଘୋଷଣା ହେବ ।

# ଅଶ୍ଳୀଳ ଭିଡିଓ ମାମଲା: ରେଭାନ୍ନାଙ୍କୁ ନୋଟିସ୍



**ବେଙ୍ଗାଲୁରୁ:** ଅଶ୍ଳୀଳ ଭିଡିଓ ମାମଲାର ଯାଞ୍ଚ କରୁଥିବା ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍‌ଆଇଟି) ଗୁରୁବାର ତାଙ୍କ ବିରୋଧରେ ଏହି ନୋଟିସ୍ ଜାରି କରିଛି । ଅଶ୍ଳୀଳ ଭିଡିଓ ମାମଲାରେ ବିଲା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବଗୌଡାଙ୍କ ନାତି ତଥା ଜେଡିଏସ୍ ସାଂସଦ ପ୍ରଜ୍ୱଳ ରେଭାନ୍ନାଙ୍କ ଅଡୁଆ । ତାଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ ଜାରି ହୋଇଛି । ଜେଡି(ଏସ୍) ଲୋକସଭା ପ୍ରାର୍ଥୀ ପ୍ରଜ୍ୱଳ ରେଭାନ୍ନାଙ୍କ ସହ ଜଡିତ ଅଶ୍ଳୀଳ ଭିଡିଓ ମାମଲାର ଯାଞ୍ଚ କରୁଥିବା ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍‌ଆଇଟି) ଗୁରୁବାର ତାଙ୍କ ବିରୋଧରେ ଏହି ନୋଟିସ୍ ଜାରି କରିଛି । ବିଶ୍ୱର ସମସ୍ତ ଇମିଗ୍ରେସନ ପଏଣ୍ଟରେ ଏହି ବିଜ୍ଞପ୍ତି ଜାରି କରାଯାଇଛି । ପ୍ରଜ୍ୱଳ ଦେଶ ଛାଡି ଜର୍ମାନୀ ପଳାୟନ କରିବା ପରେ ଏସ୍‌ଆଇଟି ଏହି ନୋଟିସ୍ ଜାରି କରିଛି । ପୂର୍ବରୁ ଏସଆଇଟି ପ୍ରଜ୍ୱଳ ରେଭାନ୍ନା ଏବଂ ତାଙ୍କ ବାପା ଏଚଡି ରେଭାନ୍ନାଙ୍କୁ ପଚରାଉଚରା ପାଇଁ ଡାକିଥିଲେ । ହେଲେ ଉଭୟ ହାଜର ହୋଇନଥିଲେ । ଏହାପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଗତକାଲି ପ୍ରଜ୍ୱଳ ରେଭାନ୍ନା ନିଜ ଓକିଲ ଜରିଆରେ ସେ ଦେଶ ବାହାରେ ଅଛନ୍ତି । ତେଣୁ ସେ ହାଜର ହୋଇପାରିବେ ନାହିଁ ବୋଲି ଏସ୍‌ଆଇଟିକୁ ଜଣାଇଥିଲେ । ଏଥିସହ ହାଜର ହେବା ପାଇଁ ସେ ଅତିରିକ୍ତ ୭ ଦିନର ସମୟ ମାଗିଥିଲ । ମିଡିଆ ରିପୋର୍ଟ ଅନୁଯାୟୀ, ଏସଆଇଟି ତାଙ୍କୁ ସମୟ ଦେବାକୁ ମନା କରିଦେଇଛି । ଆଜି ରେଭାନ୍ନାଙ୍କୁ ଦ୍ୱିତୀୟ ନୋଟିସ୍ ଜାରି କରିପାରେ ଏବଂ ତାଙ୍କୁ ଏକ ନୂଆ ତାରିଖରେ ହାଜର ହେବାକୁ ଡାକିପାରେ ବୋଲି ସମ୍ଭାବନା ରହିଛି । ସୋସିଆଲ ମିଡିଆରେ ପ୍ରଜ୍ୱଳ ରେଭାନ୍ନାଙ୍କ ଅଶ୍ଳୀଳ ଭିଡିଓ ଓ ଫଟୋ ଭାଇରାଲ ହୋଇଥିଲା । ଏଥିରେ ସେ ଅନେକ ମହିଳାଙ୍କ ଯୌନ ଶୋଷଣରେ ଲିପ୍ତ ଥିବା ଦର୍ଶାଯାଇଥିଲା । କେବଳ ସେତିକି ନୁହେଁ ତାଙ୍କ ଘରେ କାମ କରୁଥିବା ଜଣେ ମହିଳା ସହାୟିକା ପ୍ରଜ୍ୱଳ ଓ ତାଙ୍କ ବାପା ଏଚଡି ରେଭାନ୍ନାଙ୍କ ବିରୋଧରେ ଯୌନ ଉତ୍ପୀଡନ ଅଭିଯୋଗ ଆଣିଥିଲେ । ଏହାପରେ ପ୍ରଜ୍ୱଳ ରେଭାନ୍ନା ଦେଶ ଛାଡି ବିଦେଶକୁ ପଳାୟନ କରିଥିବା ଖବର ସାମ୍ନାକୁ ଆସିଥିଲା । ସେ ଏବେ ଜର୍ମାନୀରେ ଥିବା ସୂଚନା ମିଳିଛି ।

# ପାର୍ସଲ ବିସ୍ଫୋରଣରେ ୨ ମୃତ



**ସାବରକଣ୍ଠା (ଗୁଜରାଟ):** ଅନ୍‌ଲାଇନ୍‌ରେ ଆସିଥିଲା ପାର୍ସଲ । ଖୋଲିବା ପରେ ହେଲା ଭୟଙ୍କର ବିସ୍ଫୋରଣ । ଚାଲିଗଲା ବାପା-ଝିଅଙ୍କ ଜୀବନ । ସେହିପରି ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଗୁଜରାଟର ସାବରକଣ୍ଠାରେ ଘଟିଛି ଏଭଳି ଅଭାବନୀୟ ଘଟଣା । ଗୁଜରାଟର ସାବରକଣ୍ଠା ବଡାଲି ତାଲୁକାର ଛାଓ୍ୱନି ଗାଁ । ଏଠାକାର ଜୀତେନ୍ଦ୍ରଭାଇ ହୀରାଭାଇ ବଞ୍ଜାରାଙ୍କ ନାଁରେ ଅନଲାଇନ୍‌ରେ ଏକ ପାର୍ସଲ ଆସିଥିଲା । ସେ ଅନଲାଇନ୍‌ରେ କିଛି ଦିନ ପୂର୍ବେ ଏକ ଥିଏଟର୍ ସାଉଣ୍ଡ ସିଷ୍ଟମ୍ ଅର୍ଡର କରିଥିଲେ । ତେବେ ଏହି ପାର୍ସଲକୁ ଖୋଲିବା ପରେ ହୋଇଥିଲା ଭୟଙ୍କର ବିସ୍ଫୋରଣ । ଏଥିରେ ଘଟଣାସ୍ଥଳରେ ୩୦ ବର୍ଷୀୟ ଜୀତୁଭାଇ ବଞ୍ଜାରାଙ୍କ ମୃତ୍ୟୁ ହୋଇଥିବା ବେଳେ ଓ ତାଙ୍କ ୧୪ ବର୍ଷୀୟ ଝିଅର ହସ୍ପିଟାଲ ନେବା ବାଟରେ ମୃତ୍ୟୁ ହୋଇଛି । ସେହିପରି ଅନ୍ୟ ଦୁଇ ଝିଅ ଶିଲ୍ପାବେନ ବିପୁଲଭାଇ ବଞ୍ଜାରା ଓ ଛାୟାବେନ୍ ଜୀତୁଭାଇ ବଞ୍ଜାରାଙ୍କ ଅବସ୍ଥା ଗୁରୁତର ରହିଛି । ତାଙ୍କ ଶରୀର ୭୦ରୁ ଅଧିକ ପ୍ରତିଶତ ପୋଡି ହୋଇଯାଇଛି । ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁଇ ଝିଅଙ୍କ ବୟସ ୯ଓ ୧୦ ବର୍ଷ ଥିବା ଜଣାପଡିଛି । ସେପଟେ ଖବର ପାଇ ଡିଓ୍ୱାଇଏସପି ଓ ଏଲସିବି ସମେତ ପୁଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି । ତେବେ ଏହି ଅନଲାଇନ୍ ପାର୍ସଲଟି କିଭଳି ଆସିଥିଲା । କିଏ ଏହାକୁ ନେଇ ଆସିଥିଲା ଓ ଏହା କିଭଳି ଫାଟିଗଲା ସେ ନେଇ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଯାଞ୍ଚ ଜାରି ରଖିଛନ୍ତି ।

# ଚୀନରେ ଧସିଲା ଜାତୀୟ ରାଜପଥ, ୩୬ ମୃତ



**ବେଜିଂ:** ଚୀନରେ ଲାଗି ରହିଛି ବର୍ଷା ବିତ୍ପାତ । ଲଗାଣ ବର୍ଷା ଯୋଗୁ ଧସିଲା ଜାତୀୟ ରାଜପଥ । ଫଳରେ ରାସ୍ତାରେ ଖାଲ ସୃଷ୍ଟି ହୋଇ ଖସି ପଡ଼ିଲା ୨୩ ଗାଡ଼ି ଓ ଚାଲିଗଲା ୩୬ ଜୀବନ । ଚୀନରେ ଲାଗି ରହିଛି ବର୍ଷା ବିତ୍ପାତ । ଲଗାଣ ବର୍ଷା ଯୋଗୁ ଧସିଲା ଜାତୀୟ ରାଜପଥ । ଫଳରେ ରାସ୍ତାରେ ଖାଲ ସୃଷ୍ଟି ହୋଇ ଖସି ପଡ଼ିଲା ୨୩ ଗାଡ଼ି ଓ ଚାଲିଗଲା ୩୬ ଜୀବନ । ଗତକାଲି ବିଳମ୍ବିତ ରାତିରେ ଏପରି ଏକ ଅଘଟଣ ଚୀନରେ ମୈଝୁ ସହରରେ ଘଟିଛି । ପ୍ରବଳ ବର୍ଷା ହେତୁ ମୈଝୁ ସହର ଦେଇ ଯାଇଥିବା ଜାତୀୟ ରାଜପଥର ୧୭ ମିଟର ଲମ୍ବ ରାସ୍ତା ଧସି ଯାଇଛି । ଫଳରେ ଉକ୍ତ ସମୟରେ ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ୨୩ଟି ଗାଡ଼ି ତଳକୁ ଖସି ପଡ଼ିଛି । ଏହି ଦୁର୍ଘଟଣାରେ ପ୍ରାୟ ୩ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ ଜଣ ଗୁରୁତର ଆହତ ହୋଇଛନ୍ତି । ଘଟଣାସ୍ଥଳରେ ତୁରନ୍ତ ପୁଲିସ୍ ଓ ଉଦ୍ଧାରକାରୀ ଦଳ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରିଥିଲେ । ତୁରନ୍ତ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ଏଥିସହ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଲଗାଣ ବର୍ଷା ଯୋଗୁ ଜାତୀୟ ରାଜପଥ ତଳ ମାଟି ଧସି ଏଭଳି ଅଘଟଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି । ଫଳରେ ଗାଡ଼ିଗୁଡ଼ିକ ଏକ ସଙ୍ଗେ ଖାଲକୁ ପଡ଼ି ଯାଇଥିବା ବେଳେ ସେଥିରୁ କିଛି ଗାଡ଼ିରେ ନିଆଁ ଲାଗି ଯାଇଥିବା ଜଣାଯାଇଛି । ଚୀନରେ ଗାଙ୍ଗଡଙ୍ଗ ଅଞ୍ଚଳରେ ପ୍ରାୟ ଦୁଇ ସପ୍ତାହ ହେବ ବର୍ଷା ଲାଗି ରହିଛି । ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ଗତ ଶନିବାର ଆସିଥିବା ପ୍ରବଳ ତୋଫାନ ଯୋଗୁ ୫ ଜଣଙ୍କ ମୃତ୍ୟୁ ହୋଇ ସାରିଛି । ଏଥିରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଲୋକ ଗୁରୁତର ହୋଇଥିବା ବେଳେ ୧୪୦ରୁ ଅଧିକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି ।

## ହାଇକୋର୍ଟରେ ଦ୍ୱାରସ୍ଥ ହେଲେ ସିସୋଦିଆ



**ନୂଆଦିଲ୍ଲୀ:** ମଦ ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ଦିଲ୍ଲୀ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ରାଉଜ ଆଭେନ୍ୟୁ କୋର୍ଟଓ ସୁପ୍ରିମକୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ସେ ଦିଲ୍ଲୀ ହାଇକୋର୍ଟରେ ପୁଣି ଥରେ ଜାମିନ ପାଇଁ ଆବେଦନ କରିଛନ୍ତି । ଶୁକ୍ରବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଉଭୟ ମାମଲାରେ ଜାମିନ ପାଇଁ ସିସୋଦିଆ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ଏହି ମାମଲାରେ ତତ୍କାଳ ଶୁଣାଣି ପାଇଁ କୋର୍ଟରେ ଗୁହାରି କରାଯାଇଛି । ତେବେ ଜଷ୍ଟିସ୍ ମନମୋହନ ଓ ଜଷ୍ଟିସ ମନମିତ ପିଏସ୍ ଅରୋରାଙ୍କ ଖଣ୍ଡପୀଠ ଶୁକ୍ରବାର ଏହି ମାମଲାରେ ଶୁଣାଣି କରିବାକୁ ରାଜି ହୋଇଛନ୍ତି । ନ୍ୟାୟଧୀଶଙ୍କୁ ଫାଇଲଗୁଡିକୁ ଦେଖିବାକୁ ଦିଅନ୍ତି । ଏଥିପାଇଁ ଆପଣ କାଲି ଆସନ୍ତୁ ବୋଲି ଖଣ୍ଡପୀଠ ସିସୋଦିଆଙ୍କ ଓକିଲଙ୍କୁ କହିଛନ୍ତି ।

# ଦିଲ୍ଲୀ ମହିଳା ଆୟୋଗର ୨୨୩ କର୍ମଚାରୀ ବିଦା



**ନୂଆଦିଲ୍ଲୀ:** ଦିଲ୍ଲୀର ଉପ ରାଜ୍ୟପାଳ ଭି.କେ ସକ୍ସେନା ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ସେ ରାଜଧାନୀ ମହିଳା ଆୟୋଗର ୨୨୩ କର୍ମଚାରୀଙ୍କୁ ଚାକିରିରୁ ହଟାଇ ଦେଇଛନ୍ତି । ଅଭିଯୋଗ ହୋଇଛି ଯେ ତତ୍କାଳୀନ ଦିଲ୍ଲୀ ମହିଳା ଆୟୋଗର ଅଧ୍ୟକ୍ଷା ଥିବା ଆମ୍ ଆଦମୀ ପାର୍ଟି (ଆପ୍) ସାଂସଦ ସ୍ୱାତୀ ମାଲିଓ୍ୱାଲ୍ ନିୟମର ଉଲ୍ଲଂଘନ କରି ଏହି ନିଯୁକ୍ତି ଦେଇଥିଲେ । ମହିଳା ଆୟୋଗରେ ସମୁଦାୟ ୪୦ଟି ପଦ ଖାଲି ଥିବା ବେଳେ ୨୨୩ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା ।

ଉପ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶରେ କୁହାଯାଇଛି ଯେ ଉପ ରାଜ୍ୟପାଳଙ୍କ ବିନା ଅନୁମତିରେ ୨୨୩ଟି ନୂତନ ପଦବୀ ସୃଷ୍ଟି କରାଯାଇଛି । ଚୁକ୍ତିରେ କର୍ମଚାରୀ ନିଯୁକ୍ତି କରିବାର ଆୟୋଗର ଅଧିକାର ନାହିଁ ବୋଲି ଏହି ନିର୍ଦ୍ଦେଶରେ ଦର୍ଶାଯାଇଛି । ଏହି ଆଦେଶରେ ଆହୁରି ମଧ କୁହାଯାଇଛି ଯେ ଅର୍ଥ ବିଭାଗର ଅନୁମୋଦନ ବିନା ସେମାନେ କୌଣସି ପଦକ୍ଷେପ ନେବା ଉଚିତ ନୁହେଁ । ଏକ ଅନୁସନ୍ଧାନରୁ ଏହା ଜଣାପଡ଼ିଛି ଯେ ଏହି ନିଯୁକ୍ତିଗୁଡିକ ଧାର୍ଯ୍ୟ ପ୍ରକ୍ରିୟା ଅନୁଯାୟୀ କରାଯାଇ ନାହିଁ । ଏଥିରେ ଆହୁରି ମଧ କୁହାଯାଇଛି ଯେ ଡିସିଡବ୍ଲୁ କର୍ମଚାରୀଙ୍କ ପାଇଁ ଦରମା ବୃଦ୍ଧି ଯଥାର୍ଥତା ବିନା ହୋଇଛି । ଯାହାକି ଧାର୍ଯ୍ୟ ପ୍ରକ୍ରିୟା ଏବଂ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରିଛି । ଆପ୍ ସାଂସଦ ଭାବରେ ରାଜ୍ୟସଭାରେ ପ୍ରବେଶ କରିବା ପୂର୍ବରୁ ସ୍ୱାତୀ ନଅ ବର୍ଷ ପାଇଁ ଦିଲ୍ଲୀ ମହିଳା ଆୟୋଗର ନେତୃତ୍ୱ ନେଇଥିଲେ । ପ୍ୟାନେଲର ଅଧ୍ୟକ୍ଷ୍ୟାଙ୍କ ପଦ ବର୍ତ୍ତମାନ ଖାଲି ଅଛି । ଏହି ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି ଯେ ନିଯୁକ୍ତି ସମ୍ପର୍କରେ ଅର୍ଥ ବିଭାଗର ଅନୁମୋଦନ ପାଇବାକୁ ସ୍ୱାତୀଙ୍କୁ ବାରମ୍ବାର ପରାମର୍ଶ ଦିଆଯାଇଥିଲା ।

# ପଥର ଖଣିରେ ଭୟଙ୍କର ବିସ୍ଫୋରଣ, ୪ ମୃତ

**ଚେନ୍ନାଇ:** ତାମିଲନାଡୁର ଭୀରୁଧୁନଗର ଜିଲ୍ଲାର ଏକ ପଥର ଖଣିରେ ଭୟଙ୍କର ବିସ୍ଫୋରଣ ଘଟିଛି । ଏଥିରେ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୧୦ ଜଣ ଗୁରୁତର ହୋଇଛନ୍ତି । ଖାଦାନାରେ ନିୟୋଜିତ ଶ୍ରମିକମାନେ ଗୋଟିଏ ଗାଡ଼ିରୁ ବିସ୍ଫୋରକ ସାମଗ୍ରୀ ପଥର ଖଣିର ଭଣ୍ଡାର ଘରକୁ ବୋହି ନେଉଥିବା ବେଳେ ଏହି ବିସ୍ଫୋରଣ ଘଟିଛି । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଏହାର ପ୍ରଭାବ ଖଣି ଖାଦାନ ଠାରୁ ୧୦ କିମି ଦୂର ଯାଏ ଅନୁଭୂତ ହୋଇଥିଲା । ବିସ୍ଫୋରଣ ଶବ୍ଦ ଶୁଣି ୧୦ କିମି ପରିଧି ମଧ୍ୟରେ ଥିବା ଲୋକମାନେ ଭୟରେ ଘର ଛାଡ଼ି ବାହାରକୁ ଦୌଡ଼ିଥିଲା । ଖବର ପାଇ ତୁରନ୍ତ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚିଥିଲେ । ସେହିପରି ଉକ୍ତ ପଥର ଖଣିକୁ ତୁରନ୍ତ ବନ୍ଦ କରିବାକୁ ଗ୍ରାମବାସୀମାନେ ମଦୁରାଇ-ତୁତିକୋରନ ଜାତୀୟ ରାଜପଥ ଉପରେ ରାସ୍ତାକୁ ଅବରୋଧ କରିଥିଲେ । ପ୍ରାୟ ୬ ଘଣ୍ଟାରୁ ଅଧିକ ସମୟ ଧରି ରାସ୍ତା ରୋକ ହେବାରୁ ଉଭୟ ପଟରେ ଶହଶହ ଗାଡ଼ି ଅଟକ ରହିଥିଲା । ପୁଲିସ୍ ଓ ପ୍ରଶାସନ ଲୋକଙ୍କୁ ବେଶ କିଛି ଘଣ୍ଟା ବୁଝାସୁଝା କରିବା ପରେ ସେମାନେ ରାସ୍ତା ଅବରୋଧ ପ୍ରତ୍ୟାହାର କରିଥିଲେ । ଅନ୍ୟପକ୍ଷରେ ଭୀରୁଧୁନଗର ଜିଲ୍ଲାପାଳ ଭିପି ଜେୟସୀଲାନ, ଏସ୍ପି କେ ଫିରୋଜ ଖାନ ଅବଦୁଲ୍ଲା ଖଣି ଅଞ୍ଚଳ ପରିଦର୍ଶନ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି । ଏଥିସହ ଆହତଙ୍କୁ ଉପଯୁକ୍ତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# କେସିଆର୍‌ଙ୍କୁ ୪୮ ଘଣ୍ଟା ପ୍ରଚାର ମନା

**ହାଇଦ୍ରାବାଦ:** ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ବିରୋଧରେ ନିର୍ବାଚନ କମିଶନର କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଆସନ୍ତା ୪୮ ଘଣ୍ଟା ପାଇଁ ସେ ନିର୍ବାଚନ ପ୍ରଚାର କରିପାରିବେ ନାହିଁ ବୋଲି ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । କଂଗ୍ରେସ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ କେସିଆର୍‌ଙ୍କ ବିରୋଧରେ ଏଭଳି ନିଷେଧାଦେଶ ଜାରି କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଏପ୍ରିଲ ୫ରେ ଏକ ସାମ୍ବାଦିକ ସମ୍ମିଳନୀରେ କେସିଆରଙ୍କ ମନ୍ତବ୍ୟ ଆଦର୍ଶ ଆଚରଣ ବିଧି ଏବଂ ଏହାର ମାର୍ଗଦର୍ଶିକାକୁ ଉଲ୍ଲେଂଘନ କରିଛନ୍ତି । ତେଲେଙ୍ଗାନାର ସିରିସିଲା ବିଧାନସଭା ନିର୍ବାଚନ ମଣ୍ଡଳୀରେ କେସିଆର୍‌ଙ୍କ ପୁଅ କେଟି ରାମରାଓ ପ୍ରତିନିଧିତ୍ୱ କରୁଛନ୍ତି । ସେଠାରେ ନିର୍ବାଚନ ପ୍ରଚାର ବେଳେ କେସିଆର୍ ପିସିଆର୍ କହିଥିଲେ ଯେ, ତେଲେଙ୍ଗାନାର ଓ ସିରସିଲାରେ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀମାନେ ତେଲୁଗୁ ଲୋକ ନୁହଁନ୍ତି ଏବଂ ସେମାନେ ସ୍ଥାନୀୟ ଭାଷାକୁ ବୁଝି ପାରନ୍ତି ନାହିଁ ।

# ସଲମାନଙ୍କ ଘରକୁ ଗୁଳିମାଡ଼: ଅଭିଯୁକ୍ତର ଆତ୍ମହତ୍ୟା !







**ମୁମ୍ବାଇ:** ସଲମାନ ଖାନଙ୍କ ଘର ବାହାରେ ଗୁଳିକାଣ୍ଡ ଘଟଣାର ଏକ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଥିଲା । ଗତକାଲି ଜଣେ ଅଭିଯୁକ୍ତ ଜେଲରେ ଆତ୍ମହତ୍ୟା କରିଥିବା ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା । କିନ୍ତୁ ମୃତକଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ସେ ଆତ୍ମହତ୍ୟା କରିନାହାନ୍ତି ତାଙ୍କୁ ହତ୍ୟା କରାଯାଇଥିବା ପିରବାର ଲୋକେ ଅଭିଯୋଗ କରିଛନ୍ତି । ଏପରି ଅଭିଯୋଗ ପରେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ଅପରାଧ ତଦନ୍ତକାରୀ ସଂସ୍ଥା(ସିଆଇଡି) କହିଛି । ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ, ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ଜେଲ୍ ନିକଟରେ ପାଞ୍ଚ ଜଣ ପୁଲିସ ଡ୍ୟୁଟିରେ ଥିଲେ, ସେଠାରେ ସିସିଟିଭି କ୍ୟାମେରା ମଧ ଲଗାଯାଇଛି । ସିସିଟିଭି ଫୁଟେଜ ଯାଞ୍ଚ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତରେ କାରଣ ସ୍ପଷ୍ଟ ହୋଇଯିବ । ପ୍ରକାଶ ଥାଉକି, ଏପ୍ରିଲ ୧୪ରେ ଦୁଇ ଜଣ ଯୁବକ ବାଇକରେ ଆସି ସଲମାନ ଖାନଙ୍କ ଘର ଉପରକୁ ଗୁଳିମାଡ କରିଥିଲା । ଏହି ମାମଲରେ ଏପ୍ରିଲ ୧୬ରେ ପୁଲିସ ବିକକୁ ଗୁପ୍ତା ଓ ସାଗର ପାଲଙ୍କୁ ଗୁଜରାଟ ଭୁଜରୁ ଗିରଫ କରିଥିଲା । ଗୁପ୍ତା ବାଇକ୍ ଚଳାଉଥିବା ବେଳେ ପାଲ ସଲମାନଙ୍କ ଘରକୁ ଉପରକୁ ଗୁଳିମାଡ କରିଥିବା ଅଧିକାରୀମାନେ କହିଥିଲେ । ବାସ୍ତବରେ ମୃତ୍ୟୁ ଘଟିଥିବା ଅନୁଜ ଥାପନ ଏମାନଙ୍କୁ ବନ୍ଧୁକ ଯୋଗାଇଥିଲା । ପୁଲିସ ଅଭିଯୋଗ ଅନୁସାରେ, ଅନୁଜ ଥାପନ ବିକକୁ ଓ ସାଗରକୁ ବନ୍ଧୁକ ଯୋଗାଇଥିଲା । ଥାପନଙ୍କୁ ପଚରାଉଚରା ପାଇଁ ମୁମ୍ବାଇ ପୁଲିସ ମୁଖ୍ୟ କାର୍ଯ୍ୟାଳୟ ସ୍ଥିତ କ୍ରାଇମ ବ୍ରାଞ୍ଚ ଅଫିସ ଲକ୍‌ଅପରେ ରଖାଯାଇଥିଲା । କିନ୍ତୁ ଗତକାଲି ସେଠାରେ ସେ ଆତ୍ୟହତ୍ୟା କରିଥିଲା । କିନ୍ତୁ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି ।

# ବ୍ରିଜଭୂଷଣଙ୍କ ପୁଅକୁ ପ୍ରାର୍ଥୀ କଲା ବିଜେପି

**ନୂଆଦିଲ୍ଲୀ:** ତାଙ୍କ ବଦଳରେ ତାଙ୍କ ପୁଅ କରଣ ଭୂଷଣ ଶରଣ ସିଂହଙ୍କୁ ଟିକେଟ୍ ମିଳିଛି । ଉତ୍ତର ପ୍ରଦେଶର କେସରଗଞ୍ଜ ଆସନରୁ ତାଙ୍କୁ ପ୍ରାର୍ଥୀ କରାଯାଇଛି । ହେବିଓ୍ୱେଟ୍ ନେତାଙ୍କୁ ଆଉଟ୍ କଲା ବିଜେପି । ମହିଳା କୁସ୍ତି ଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଅଭିଯୋଗ ମାମଲାରେ ଛନ୍ଦି ହୋଇଥିବା ବିଜେପି ନେତା ବ୍ରିଜଭୂଷଣ ଶରଣଙ୍କ କଟିଲା ଟିକେଟ୍ । ଏଥର ବିଜେପି ତାଙ୍କୁ ନିର୍ବାଚନ ରେସରୁ ଆଉଟ୍ କରିଛି । ତାଙ୍କ ବଦଳରେ ତାଙ୍କ ପୁଅ କରଣ ଭୂଷଣ ଶରଣ ସିଂହଙ୍କୁ ଟିକେଟ୍ ମିଳିଛି । ଉତ୍ତର ପ୍ରଦେଶର କେସରଗଞ୍ଜ ଆସନରୁ ତାଙ୍କୁ ପ୍ରାର୍ଥୀ କରାଯାଇଛି । କରଣ ଭୂଷଣ ସିଂହ ହେଉଛନ୍ତି ସାଂସଦ ବ୍ରିଜଭୂଷଣ ଶରଣ ସିଂହଙ୍କ ସାନ ପୁଅ । ସେ ଉତ୍ତରପ୍ରଦେଶ ରେସଲିଂ ଆସୋସିଏସନ ସଭାପତି ଅଛନ୍ତି । ପ୍ରଥମ ଥର ପାଇଁ କରଣ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି । ସେହିପରି ବ୍ରିଜଭୂଷଣ ଶରଣ ସିଂହଙ୍କ ବଡ଼ ପୁଅ ପ୍ରତୀକ ଭୂଷଣ ସିଂହ ଗୋଣ୍ଡାରୁ ବିଧାୟକ ଅଛନ୍ତି । ସେହିପରି ଦୀର୍ଘ ସମୟ ପ୍ରତିକ୍ଷା ପରେ ରାୟବରେଲି ଆସନ ପାଇଁ ମଧ ବିଜେପି ପ୍ରାର୍ଥୀ ଘୋଷଣା କରିଛି । ଦିନେଶ ପ୍ରତାପ ସିଂହଙ୍କୁ ବିଜେପି ରାୟବରେଲିରୁ ଟିକେଟ୍ ଦେଇଛି । ୨୦୧୯ରେ ରାୟବରେଲି ଲୋକସଭା ଆସନରୁ ସୋନିଆ ଗାନ୍ଧିଙ୍କ ବିରୋଧରେ ଦିନେଶ ପ୍ରତାପ ସିଂହ ନିର୍ବାଚନ ଲଢ଼ିଥିଲେ । ତେବେ ସେ ୧ଲକ୍ଷ ୬୦ ହଜାର ଭୋଟରେ ନିର୍ବାଚନ ହାରିଥିଲେ । ଏଥର ଦଳ ପୁଣି ଥରେ ତାଙ୍କ ଉପରେ ଭରସା ଦେଖାଇଛି । କହିରଖୁ ବିଜେପି ସାଂସଦ ତଥା ପୂର୍ବତନ କୁସ୍ତି ମହାସଂଘର (ଡବ୍ଲ୍ୟୁଏଫଆଇ) ମୁଖ୍ୟ ବ୍ରିଜଭୂଷଣ ଶରଣ ସିଂହ ମହିଳା କୁସ୍ତିଯୋଦ୍ଧାଙ୍କ ଯୌନ ଉତ୍ପୀଡ଼ନ ମାମଲାରେ ସମ୍ପୃକ୍ତ ହେବା ପରେ ଅଡୁଆ ବଢ଼ିଥିଲା । ଦଳ ତାଙ୍କୁ କେସରଗଞ୍ଜ ଆସନରୁ ଲୋକ ସଭା ନିର୍ବାଚନ ପାଇଁ ଏଥର ଟିକେଟ ଦେବ ନାହିଁ ବୋଲି ଆରମ୍ଭରୁ କଳ୍ପନାଜଳ୍ପନା ଚାଲିଥିଲା ।



# ସଲିମା ଭାରତୀୟ ମହିଳା ହକି ଦଳର ଅଧିନାୟିକା



ନୂଆଦିଲ୍ଲୀ,୨।୫(ଏଜେନ୍ସି): ଭାରତୀୟ ମହିଳା ହକି ଦଳର ନେତୃତ୍ୱରେ ଅଦଳ ବଦଳ ହୋଇଛି । ଗୁରୁବାର ନିୟମିତା ଅଧିନାୟିକା ସବିତା ପୁନିଆଙ୍କ ସ୍ଥାନରେ ମିଡ଼ଫିଲ୍ଡର ସଲିମା ଟେଟେ ଦଳର ନୂଆ ଅଧିନାୟିକା ହୋଇଛନ୍ତି । ଚଳିତ ମାସ ମଧ୍ୟଭାଗରେ ଭାରତୀୟ ମହିଳା ଦଳ ଏଫ୍‌ଆଇଏଚ ପ୍ରୋ-ଲିଗ୍‌ରେ ବେଲଜିୟମ ଓ ଇଂଲଣ୍ଡକୁ ଭେଟିବାକୁ ଯାଉଛି । ତେଣୁ ସଲିମା ଟେଟେଙ୍କ ନେତୃତ୍ୱରେ ଭାରତ ପ୍ରୋ-ଲିଗ୍ ରଣାଗନାକୁ ଓହ୍ଲାଇବ । ଏହି ଗସ୍ତରେ ସଲିମାଙ୍କ ଡେପୁ୍ୟଟି ଦାୟିତ୍ୱ ତୁଲାଇବେ ନବନୀତି କୌର । ମୁଁ ଅତ୍ୟନ୍ତ ଖୁସି ଅଛି ଯେ, ମୋତେ ଦଳର ନେତୃତ୍ୱ ମିଳିଛି । ଏହା ମୋ ପାଇଁ ଗୁରୁଦାୟିତ୍ୱ ଭଳି । ନୂଆ ଦାୟିତ୍ୱକୁ ସୂଚାରୁରୂପେ ତୁଲାଇବେ ବୋଲି ଆଶାବାଦୀ ଅଛି ବୋଲି ସଲିମା କହିଛନ୍ତି ।

ପ୍ରୋ-ଲିଗ୍ ନିମନ୍ତେ ଚୟନ ହୋଇଥିବା ଦଳରେ ଉଭୟ ଅଭିଜ୍ଞ ଓ ଯୁବ ଖେଳାଳି ଅଛନ୍ତି । ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ସଲିମା ଆଶାୟୀ ଅଛନ୍ତି ।

ସବିତାଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ପ୍ରୋ-ଲିଗ୍ ତଥା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ନିରାଶଜନକ ପ୍ରଦର୍ଶନ ଦେଖାଇଥିଲା । ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ନିମନ୍ତେ ଗତ ଭୁବନେଶ୍ୱର ଓ ରାଉରକେଲା ଲେଗ୍ ଭଳି ଦଳ ଅପରିବର୍ତ୍ତିତ ରହିଛି କିନ୍ତୁ ୩ ଜଣ ଅତିରିକ୍ତ ଖେଳାଳିଙ୍କୁ ଦଳରେ ସ୍ଥାନ ମିଳିଛି । ଡିଫେଣ୍ଡର ଗୁରଜିତ କୌର, ମିଡ଼ଫିଲ୍ଡର ସୋନିକା ଓ ନିଶା, ଷ୍ଟ୍ରାଇକର ବିୟୁଟି ଡୁଙ୍ଗଡୁଙ୍ଗ'ଙ୍କୁ ଦଳରେ ସ୍ଥାନ ମିଳିନଥିବା ବେଳେ ଏମାନଙ୍କ ବଦଳରେ ମହିମା ଚୌଧୁରୀ, ମନୀଷା ଚୌହାନ, ପ୍ରୀତି ଦୁବେ ଓ ଦୀପିକା ସୋରେଙ୍ଗ ସ୍ଥାନ ପାଇଛନ୍ତି ।

ମେ' ୨୨ ଓ ୨୬ରେ ବେଲଜିୟମ୍ ଏବଂ ଜୁନ୍ ୧ରୁ ୯ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡ ଲେଗ୍‌ରେ ଭାରତୀୟ ଦଳ ଅଂଶଗ୍ରହଣ କରିବ । ଆର୍ଜେଣ୍ଟିନା ଓ ବେଲଜିୟମ୍ ବିପକ୍ଷରେ ଦୁଇଟି ଲେଖାଏଁ ମ୍ୟାଚ ଖେଳିବେ । ଲଣ୍ଡନ ଲେଗ୍‌ରେ ଦଳ ଗ୍ରେଟ୍ ବ୍ରିଟେନ୍ ଓ ଜର୍ମାନୀକୁ ଭେଟିବ । ଏପର୍ଯ୍ୟନ୍ତ ଭାରତ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଖେଳିଥିବା ମ୍ୟାଚରୁ ୮ ପଏଣ୍ଟ ହାସଲ କରି ଟେବୁଲର ଷଷ୍ଠ ସ୍ଥାନରେ ରହିଛି । ଷଷ୍ଠ ହକି ଇଣ୍ଡିଆ ବାର୍ଷିକ ପୁରସ୍କାରରେ ସଲିମାଙ୍କୁ ବଲବୀର ସିଂ ସିନିୟର ଆୱାର୍ଡ (ପ୍ଲେୟାର ଅଫ୍ ଦ ଇୟର ମହିଳା) ମିଳିଥିଲା ।

ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ନିମନ୍ତେ ଭାରତୀୟ ଦଳରେ ଦୁଇ ଜଣ ଗୋଲ୍ ରକ୍ଷକ ସବିତା ଓ ବିଚ୍ଛୁ ଦେବୀ ଖରିବାମ ସ୍ଥାନ ପାଇଛନ୍ତି । ଏମାନଙ୍କ ବ୍ୟତୀତ ତାରକା ଖେଳାଳିଙ୍କ ମଧ୍ୟରେ ନିକି ପ୍ରଧାନ, ଉଦିତା, ଇସିକା ଚୌଧୁରୀ, ମୋନିକା ଜ୍ୟୋତି ଛେତ୍ରୀ ଓ ମହିମା ଅଛନ୍ତି । ଏମାନେ ଡିଫେନ୍ସ ବର୍ଗକୁ ସୁଦୃଢ଼ କରିବେ । ମିଡ଼ଫିଲ୍ଡରରେ ସଲିମା, ବୈଷ୍ଣବୀ ଭିଥାଲ ଫାଲ୍‌କେ, ନବନୀତ, ନେହ୍ୱା, ଜ୍ୟୋତି, ବଲଜିତ କୌର, ମନୀଷା ଓ ଲାଲରେମସିଆମୀ ଅଛନ୍ତି ।

ଫରୱାର୍ଡ ବର୍ଗରେ ମମତାଜ ଖାନ୍, ସଂଗୀତା କୁମାରୀ, ଦୀପିକା, ସର୍ମିଳା ଦେବୀ, ପ୍ରୀତି, ବନ୍ଦନା କାଟାରିଆ, ସୁନେଲିତା ଟୋପ୍ପୋ ଓ ଦୀପିକା ସ୍ଥାନ ପାଇଛନ୍ତି । ବନ୍ଦନାଙ୍କ ସ୍ଥାନରେ ନବନୀତ ଦଳର ଉପଅଧିନାୟିକା ଦାୟିତ୍ୱ ତୁଲାଇବେ ।

# ଭୁବି ଦେଲେ ବିଜୟ

ହାଇଦ୍ରାବାଦ,୨।୫(ଏଜେନ୍ସି): ଗୁରୁବାର ଆଇପିଏଲ୍‌ର ୫୦ତମ ମ୍ୟାଚରେ ରୋଚକ ଦେଖିବାକୁ ମିଳିଥିଲା । ଭୁବନେଶ୍ୱର କୁମାରଙ୍କ ଶାଣୀତ ବୋଲିଂ ଯୋଗୁଁ ସନ୍‌ରାଇଜର୍ସ ମାତ୍ର ୧ ରନ୍ ବ୍ୟବଧାନରେ ରାଜସ୍ଥାନ ରୟାଲ୍ସକୁ ଧରାଶାୟୀ କରିଥିଲା । ଶେଷ ବଲ୍ ପର୍ଯ୍ୟନ୍ତ ମ୍ୟାଚର ଫଳାଫଳକୁ ନେଇ ସସ୍‌ପେନ୍ସ ଲାଗି ରହିଥିବାରୁ

## ଆଇପିଏଲ୍ ମହାସମର

ଦର୍ଶକଙ୍କ ଉତ୍କଣ୍ଠା ବଢ଼ିଥିଲା । ଏଭଳି ହାଇଭୋଲ୍ଟେଜ୍ ମ୍ୟାଚରେ ବାଜି ମାତ କରି ହାଇଦ୍ରାବାଦ ଷଷ୍ଠ ବିଜୟ ସହ ୧୨ ପଏଣ୍ଟ ଲାଭ କରି ଟେବୁଲର ଚତୁର୍ଥ ସ୍ଥାନକୁ ଉଠିଛି । ପରାଜୟ ସତ୍ତ୍ୱେ ୧୦ ମ୍ୟାଚରୁ ୧୬ ପଏଣ୍ଟ ହାସଲ କରି ଶୀର୍ଷ ସ୍ଥାନ ବଜାୟ ରଖିଛି ରାଜସ୍ଥାନ ରୟାଲ୍ସ । ଏହି ମ୍ୟାଚରେ ସନ୍‌ରାଇଜର୍ସ ୨୦ ଓଭରରେ ୩ ୱିକେଟ୍ ହରାଇ ୨୦୧ ରନ୍ କରିଥିଲା । ଜବାବରେ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୭ ୱିକେଟ୍ ହରାଇ ୨୦୦ ରନ୍ କରିବାକୁ ସକ୍ଷମ

**ଆଜିର ମ୍ୟାଚ**
**ମୁମ୍ବାଇ- କୋଲକାତା**
**ସମୟ: ରାତି ୭.୩୦**
**ସ୍ଥାନ: ୱାଙ୍ଖେଡେ**
**ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା**



ହୋଇଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଟ୍ରେଭିସ୍ ହେଡଙ୍କ ସହ ଅଭିଶେକ ଶର୍ମା ପାଳି ଆରମ୍ଭ କରିଥିଲେ । ଚଳିତ ଆଇପିଏଲରେ ଏକାଧିକବାର ୨୦୦ରୁ ଅଧିକ ରନ୍ ସଂଗ୍ରହ କରିଥିବା ହାଇଦ୍ରାବାଦ ଆଜି ମଧ୍ୟ ବଡ଼ ସ୍କୋର କରିବାକୁ ଲକ୍ଷ୍ୟ ରଖିଥିଲା । କିନ୍ତୁ ଦଳୀୟ ସ୍କୋର ୩୫ ରନ୍ ବେଳେ ଅଭିଶେକ ଶର୍ମା ୧୨ ଓ ଅନମୋଲପ୍ରୀତ ସିଂ ୫ ରନ କରି ଆଉଟ୍ ହୋଇଥିଲେ । ଶୀଘ୍ର ୨ ୱିକେଟ୍ ହରାଇବା ସହ ମଧ୍ୟମକ୍ରମରେ ନୀତିଶ କୁମାର ରେଡ୍ଡୀ ଓ ହେନରିଚ କ୍ଲାସେନ୍ ତଥା ଓପନର ଟ୍ରେଭିସ୍ ହେଡ ଜମାଣିଆ ଇନିଂସ ଖେଳିବାରୁ ସନ୍‌ରାଇଜର୍ସ ୨୦ ଓଭରରେ ୨୦୧/୩ ରନ୍ କରି ସମ୍ମାନଜନକ ସ୍ଥିତିରେ ପହଞ୍ଚି ଯାଇଥିଲା । ଟ୍ରେଭିସ ହେଡ ୪୪ ବଲ୍‌ର ସମ୍ମୁଖୀନ ହୋଇ ୬ଟି ଚୌକା ଓ ୩ଟି ଛକା ସହାୟତାରେ ୫୮ ରନ୍ କରିଥିଲେ । ନୀତିଶ ରେଡ୍ଡୀ ୪୨ ବଲ୍‌ରୁ ୩ଟି ଚୌକା ଓ ୮ଟି ଛକା ସହାୟତାରେ ୭୬ ରନ୍ କରିଥିବା ବେଳେ କ୍ଲାସେନ ୧୯ ବଲ୍‌ରୁ ୩ଟି ଚୌକା ଓ ଛକା ମାରି ଅପରାଜିତ ୪୨ ରନ୍ କରିଥିଲେ । ଜବାବରେ ରାଜସ୍ଥାନ ରୟାଲ୍ସ ୨୦୨ ରନ୍‌କୁ ପିଛା କରି ଦଳୀୟ ସ୍କୋର ୧ ରନ୍ ବେଳେ ୨ ୱିକେଟ୍ ହରାଇଥିଲା । ଜୋଶ ବଟଲର ଓ ଅଧିନାୟକ ସଞ୍ଜୁ ସାମସନ ରନ୍ ଖାତା ଖୋଲିପାରିନଥିଲେ । ଲାଗୁଥିଲା ରାଜସ୍ଥାନ ଏତେ ବଡ ସ୍କୋରର ପାଖାପାଖି ପହଞ୍ଚି ପାରିବ ନାହିଁ । କିନ୍ତୁ ଓପନର ଜଶସ୍ୱୀ ଜୟସ୍ୱାଲ, ମଧ୍ୟମକ୍ରମ ବ୍ୟାଟର ରିଆନ୍ ପରାଗ, ସିନରନ୍ ହେଟମେୟାର ଓ ରୋଭମ୍ୟାନ ପାୱେଲ ଦଳକୁ ବିଜୟର ଅତି ନିକଟତର କରାଇଥିଲେ । ଜଶସ୍ୱୀ ୪୦ ବଲ୍‌ରୁ ୭ଟି ଚୌକା ଓ ୨ଟି ଛକା ସହାୟତାରେ ୬୭ ରନ୍ କରିଥିବା ବେଳେ ୪୯ ବଲରୁ ୮ଟି ଚୌକା ଓ ୪ଟି ଛକା ସହାୟତାରେ ୭୭ ରନ୍ କରିଥିଲେ । ହେଟମେୟାର ୯ ବଲରୁ ୧୩ ଓ ପାୱେଲ ୧୫ ବଲରୁ ୨୭ ରନ୍ କରିଥିଲେ । ତେଣୁ ରାଜସ୍ଥାନ ୨୦ ଓଭରରେ ୭ ୱିକେଟ୍ ହରାଇ ୨୦୦ ରନ୍ କରିଥିଲା । ସବୁଠୁ ଉଚ୍ଚକୋଟୀର ବୋଲିଂ କରିଥିଲେ ଭୁବନେଶ୍ୱର କୁମାର । ସେ ମହତ୍ତ୍ୱପୂର୍ଣ୍ଣ ୩ ୱିକେଟ୍ ଅକ୍ତିଆର କରି ଦଳ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପାଟକମିନ୍ସ ଓ ଟି ନଟରାଜନ ଦୁଇଟି ଲେଖାଏଁ ୱିକେଟ ନେଇଥିଲେ ।

# ଜାତୀୟ ସିନିୟର ମହିଳା ଫୁଟବଲ ଓଡ଼ିଶା-ହରିୟାଣା ମ୍ୟାଚ ଡ୍ର'



ଭୁବନେଶ୍ୱର,୨।୫(ସବ୍ୟୁ): ରାଜମାତା ଜିଜାବାଇ ଟ୍ରଫି ୨୮ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିଅନ୍‌ସିପ୍ ଫାଇନାଲ ରାଉଣ୍ଡ ପ୍ରଥମ ମ୍ୟାଚ ଓଡ଼ିଶା-ହରିୟାଣା ମଧ୍ୟରେ ଡ୍ର' ରହିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ କରିଥିଲେ । ମ୍ୟାଚର ୬୫ତମ ମିନିଟ୍‌ରେ ଓଡ଼ିଶାର ଦୀପା ନାୟକ ଏବଂ ୬୯ତମ ମିନିଟ୍‌ରେ ହରିୟାଣାର ପୂଜା ଗୋଲସ୍କୋର କରିଥିଲେ । ଶେଷ ପର୍ଯ୍ୟନ୍ତ ମ୍ୟାଚ ୧-୧ ବ୍ୟବଧାନରେ ବରାବର ରହିଥିଲା । ତେଣୁ ପଏଣ୍ଟ ଭାଗ ହୋଇଛି ।

# ଏସୀୟ ଜୁଜିଟସୁ: ଭାଗ ନେଲେ ଅନୁପମା, ଲୋମା, ଶ୍ରୀକାନ୍ତ

ଭୁବନେଶ୍ୱର,୨।୫(ସବ୍ୟୁ): ଆବୁଧାବୀ ଠାରେ ଆରମ୍ଭ ହୋଇଥିବା ଅଷ୍ଟମ ଏସୀୟ ଜୁଜିଟସୁ ପ୍ରତିଯୋଗିତାରେ ଓଡ଼ିଶାର ୩ ଜଣ ଉଦୀୟମାନ ଖେଳାଳି ଅନୁପମା ସ୍ୱାଇଁ, ଲୋମା ସ୍ୱାଇଁ ଏବଂ ଶ୍ରୀକାନ୍ତ ଶେଖର ଭାଗ ନେଇଛନ୍ତି । ଏହି ପ୍ରତିଯୋଗିତା ଆଗାମୀ ୮ ତାରିଖରେ ଶେଷ ହେବ । ଅନୁପମା ସ୍ୱାଇଁ ୫୨ କିଲୋଗ୍ରାମ୍ ବର୍ଗରେ ଲଢୁଥିବା ବେଳେ ଲୋମା ସ୍ୱାଇଁ ୪୮ କିଲୋଗ୍ରାମ ବର୍ଗରେ ଏବଂ ଶ୍ରୀକାନ୍ତ ଶେଖର ୬୭ କିଲୋଗ୍ରାମ ବର୍ଗରେ ଭାଗ ନେଇଛନ୍ତି । ବହୁବାର ପଦକ ଜିତିଥିବା ଅନୁପମାଙ୍କର ଏହା ଚତୁର୍ଥ ଏସୀୟ ପ୍ରତିଯୋଗିତା । ସେ ଆଗରୁ ମଧ୍ୟ ଏସୀୟ ଏବଂ ବିଶ୍ୱ ଜୁଜିଟସୁ ପ୍ରତିଯୋଗିତାରେ ପଦକ ହାସଲ କରିଛନ୍ତି । ଲୋମା ସ୍ୱାଇଁଙ୍କର ଏହା ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା ହୋଇଥିବା ବେଳେ ଶ୍ରୀକାନ୍ତ ଶେଖରଙ୍କ ମଧ୍ୟ ଏହା ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା । ଓଡ଼ିଶା ଖେଳାଳିଙ୍କୁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ତରଫରୁ ପୂର୍ଣ୍ଣ ସହଯୋଗ ମିଳିଥିବାରୁ ରାଜ୍ୟ ଜୁଜିଟସୁ ସଂଘ ସରକାରଙ୍କ ଏହି ପଦକ୍ଷେପ ପାଇଁ ଧନ୍ୟବାଦ ଜଣାଇଛି । ଓଡ଼ିଶା ଜୁଜିଟସୁ ସଂଘ ଓ ଜୁଜିଟସୁ କ୍ରୀଡାବିତଙ୍କ ତରଫରୁ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଯାଇଛି ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

# କାହିଁକି ବାଦ ପଡିଲେ ଖେଳାଳି ?



ନୂଆଦିଲ୍ଲୀ,୨।୫(ଏଜେନ୍ସି): ଟି-୨୦ ବିଶ୍ୱକପ୍ ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା ହୋଇସାରିଛି । ଭଲ ଷ୍ଟ୍ରାଇକରେଟ୍ ନଥିଲେ ମଧ୍ୟ ବିରାଟ କୋହଲିଙ୍କୁ ଟି-୨୦ ବିଶ୍ୱକପ୍ ରଖାଯାଇଥିଲା । ସେହିପରି ଯୁବ ବ୍ୟାଟର ରିଙ୍କୁ ସିଂ ଓ ଲୋକେଶ ରାହୁଲଙ୍କୁ ସ୍ଥାନ ନମିଳିବା ସମସ୍ତଙ୍କୁ ଚକିତ କରିଥିଲା । ଏହାପଛର କାରଣ କହିଛନ୍ତି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ।

ଅଧିନାୟକ ରୋହିତ ଶର୍ମା ଓ ଅଗରକର ମିଳିତ ଭାବେ ସାମ୍ବାଦିକ ସମ୍ମିଳନୀରେ ମତ ରଖିଛନ୍ତି । ଏହି ସମୟରେ କାହିଁକି ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଉପଅଧିନାୟକ କରାଗଲା ତାହା ସ୍ପଷ୍ଟ କରିଛନ୍ତି । ରିଙ୍କୁ ସିଂ ବାଦ ପଡିବା ସମ୍ପର୍କରେ ସେ କହିଛନ୍ତି ରିଙ୍କୁ କିମ୍ବା ଶୁଭମନ ଗିଲ କୌଣସି ତ୍ରୁଟି କରିନାହାନ୍ତି । ତଥାପି ରୋହିତଙ୍କୁ ଅଧିକ ବିକଳ୍ପ ଦେବା ପାଇଁ ଦଳରେ ଦୁଇ ଜଣ ରିଷ୍ଟ ସ୍ପିନରଙ୍କୁ ରଖାଯାଇଛି । ସମାନ କଥା ଅକ୍ଷର ପଟେଲ କ୍ଷେତ୍ରରେ ଅଣାଯାଇଛି । ସେ ଜଣେ ବ୍ୟାଟିଂ ଅଲ୍‌ରାଉଣ୍ଡର । ରିଙ୍କୁ ସିଂଙ୍କ ଉପରେ ନିଷ୍ପତ୍ତି ନେବା ସବୁଠୁ କଠିନ ଥିଲା । ରିଙ୍କୁଙ୍କୁ ବାଦ ଦେବା ସହଜ ନଥିଲା । ତଥାପି ରୋହିତ କହିବା ଭଳି ସବୁ କିଛି କମ୍ବିନେସନ ଉପରେ ନିର୍ଭର କରେ । ଇଣ୍ଡିଜ୍ ଓ ଆମେରିକାର ପରିବେଶ ଓ ପରିସ୍ଥିତିର କିଭଳି ସାମ୍ନା କରିବୁ ତାହା ଜଣାନାହିଁ । ଆମେ ଅନେକ ବିକଳ୍ପର ଚେଷ୍ଟା କରିଛୁ ଚହଲ ଓ କୁଲଦୀପଙ୍କ ଭଳି ରିଷ୍ଟ ସ୍ପିନର ରୋହିତଙ୍କ ପାଖରେ ଅଛି । ରିଙ୍କୁ ବାଦ ପଡିବା ନିଶ୍ଚିତ ଦୁର୍ଭାଗ୍ୟ ବିଷୟ ବୋଲି ଅଗର କହିଛନ୍ତି । ତଥାପି ରିଙ୍କୁ'ଙ୍କୁ ଆମେ ରିଜର୍ଭ ଖେଳାଳି ଭାବେ ଦଳରେ ନେଇଛୁ ।

ରିଷଭ ପନ୍ତ ଓ ସଞ୍ଜୁ ସାମସନ ଚମତ୍କାର ପ୍ରଦର୍ଶନ କରୁଛନ୍ତି । ସେମାନେ ଆମ ପାଇଁ ପୁରା ଫିଟ୍ । ରାହୁଲ ଏବେ ଟପ୍ ଅର୍ଡରରେ ବ୍ୟାଟିଂ କରୁଛନ୍ତି । ଆମକୁ ମଧ୍ୟମକ୍ରମ ବ୍ୟାଟର ଦରକାର । ରାହୁଲ ଜଣେ ଚମତ୍କାର ଖେଳାଳି ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ଅଗର କହିଛନ୍ତି ।

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପଅଧିନାୟକ ପଦକୁ ନେଇ କୌଣସି ଆଲୋଚନା ହୋଇନାହିଁ । ହାର୍ଦ୍ଦିକ ପାଣ୍ଡ୍ୟା ଜଣେ ଗେମ୍ ଚେଞ୍ଜର । ସେ ଅଧିନାୟକଙ୍କୁ ଅନେକ ବିକଳ୍ପ ଦିଅନ୍ତି । ଦୀର୍ଘ ସମୟ ପରେ ଦଳକୁ ଫେରିଛନ୍ତି ସେ ଯାହା କରିପାରିବେ ନାହିଁ ବୋଲି ଅଗରକର କହିଛନ୍ତି ।




Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

# ଭାରତୀୟ ମହିଳା ଲିଗ୍: ଚାମ୍ପିଅନ୍ ଓଡ଼ିଶା ଏଫ୍‌ସି ଦଳକୁ ଫିଫାର ଶୁଭେଚ୍ଛା

ଭୁବନେଶ୍ୱର,୨।୫(ସବ୍ୟୁ): ଓଡ଼ିଶା ଏଫ୍‌ସି ମହିଳା ଦଳକୁ ଶୁଭେଚ୍ଛା ଜଣାଇଛି ଫିଫା । ଭାରତୀୟ ମହିଳା ଲିଗ୍ ୨୦୦୩-୨୪ ସଂସ୍କରଣରେ ଓଡ଼ିଶା ଏଫ୍‌ସି ମହିଳା ଦଳ ଚାମ୍ପିଅନ୍ ହୋଇଥିଲା । ଏନେଇ ଫିଫା ପକ୍ଷରୁ ଓଡ଼ିଶା ଏଫ୍‌ସିକୁ ଏକ ଚିଠି ମିଳିଛି । ଯେଉଁଥିରେ ଫିଫାର ସଭାପତି ଜିଆନ ଇନ୍‌ଫ୍ରାଣ୍ଟିନୋଙ୍କ ଦ୍ୱାରା ଏଆଇଏଫ୍‌ଏଫ୍‌ର ସଭାପତି କଲ୍ୟାଣ ଚୌବେଙ୍କୁ ଶୁଭେଚ୍ଛା ସହ ଓଡ଼ିଶା ଏଫ୍‌ସିକୁ ସଫଳତା ପାଇଁ ପ୍ରଶଂସା କରାଯାଇଛି । ଏଚିଠିରେ ଓଡ଼ିଶା ଏଫ୍‌ସିର ସଫଳତା ପାଇ କ୍ଲବ୍‌କୁ ଅଭିନନ୍ଦନ ଜଣାଯାଇଛି । ଭାରତୀୟ ମହିଳା ଲିଗ୍‌ରେ ଓଡ଼ିଶା ଏଫ୍‌ସି ଖୁବ୍ ସୁନ୍ଦର ପ୍ରଦର୍ଶିତ କରି ୧୦ଟି ମ୍ୟାଚ ବିଜୟ ଓ ଗୋଟିଏ ପରାଜୟ ସହ ଆଇଡବ୍ଲ୍ୟୁଏଲ ଚାମ୍ପିଅନ୍ ହୋଇଥିଲା । ଆଗାମୀ ସିଜନରେ କ୍ଲବ୍ ଏଏଫ୍‌ସି ମହିଳା ଚାମ୍ପିଅନ୍ସ ଲିଗ୍‌ରେ ଖେଳିବା ପାଇଁ ସ୍ଥାନ ସୁରକ୍ଷିତ କରିଛି । ଓଡ଼ିଶା ଏଫ୍‌ସି ମହିଳା ଦଳର ଯାତ୍ରା କେବଳ କ୍ଲବ ପାଇଁ ଗୌରବ ଆଣିନାହିଁ । ବରଂ ବହୁ ଫୁଟବଲ ଖେଳୁଥିବା ଯୁବ ପିଢ଼ିଙ୍କ ସ୍ୱପ୍ନକୁ ସାକ୍ଷାର କରିବା ପାଇଁ ପ୍ରେରଣା ଦେଇଛି । ଆସନ୍ତା ସିଜନ୍‌ରେ ମଧ୍ୟ ଦଳ ସଫଳତା ଆଶା ରଖିଛି ।

# କ୍ୱାର୍ଟରରେ ଜାପାନଠୁ ହାରିଲା ଭାରତ



## ଉବେର କପ୍

ନୂଆଦିଲ୍ଲୀ,୨।୫(ଏଜେନ୍ସି): ଉବେର କପ୍ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ନିରାଶ କରିଛି ଭାରତ । ଗୁରୁବାର ଚୀନ୍‌ର ଚେଙ୍ଗଡୁ ଠାରେ ଅନୁଷ୍ଠିତ କ୍ୱାର୍ଟରଫାଇନାଲ ମ୍ୟାଚରେ ଯୁବ ଓ ଅନଭିଜ୍ଞ ଭାରତୀୟ ମହିଳା ଦଳ ଜାପାନ ନିକଟରୁ ୦-୩ ବ୍ୟବଧାନରେ ହାରି ଯାଇଛି । ଦୁଇଟି ବିଜୟ ସହ ଭାରତ ନକ୍‌ଆଉଟ୍ ପ୍ରବେଶ କରିଥିଲା । କାନାଡା ଓ ସିଙ୍ଗାପୁର ବିପକ୍ଷରେ ଗ୍ରୁପ୍ ପର୍ଯ୍ୟାୟରେ ଜମାଣିଆ ବିଜୟ ହାସଲ କରିଥିଲା ଭାରତ । ଏହି ପ୍ରତିଯୋଗିତାରେ ପିଭି ସିନ୍ଧୁଙ୍କ ଭଳି ତାରକା ଖେଳାଳି ନାହାନ୍ତି । ତଥାପି ଯୁବ ଭାରତୀୟ ଦଳ ଭଲ ପ୍ରଦର୍ଶନ ଦେଖାଇଛି । ଶେଷ ଲିଗ୍ ମ୍ୟାଚରେ ଭାରତୀୟ ମହିଳା ଦଳ ୦-୫ ବ୍ୟବଧାନରେ ଚୀନ ନିକଟରୁ ହାରିଯାଇଥିଲା । ଭାରତର ଅସ୍ମିତା ଚାଲିହା ଏବଂ ବିଶ୍ୱର ନଂ.୧୧ ଖେଳାଳି ଆୟା ଓହରିଙ୍କ ମଧ୍ୟରେ ୬୭ ମିନିଟ୍‌ର ସଂଘର୍ଷ ହୋଇଥିଲା । ଏହି ମ୍ୟାଚରେ ଆୟା ୨୧-୧୦, ୨୦-୨୨, ୨୧-୧୫ ଗେମ୍‌ରେ ଚାଲିହାଙ୍କୁ ଧରାଶାୟୀ କରିଥିଲେ । ଦ୍ୱିତୀୟ ମ୍ୟାଚରେ ୨୦ ବର୍ଷୀୟ ଇଶା ରାଣୀ ୧୪-୧୧, ୯-୭ ଗେମ୍‌ରେ ପରାଜିତ ହୋଇଥିଲେ । ଅନ୍ୟତମ ପ୍ରତିଯୋଗୀ ପ୍ରିୟା କନଜେଙ୍ଗବାମ ଓ ସ୍ମୃତି ମିଶ୍ରାଙ୍କ ଯୋଡି ୮-୨୧, ୯-୨୧ ଗେମ୍‌ରେ ବିଶ୍ୱର ନଂ.୪ ଖେଳାଳି ନାମୀ ମାଟସୁୟାମା ଓ ଚିହାରୁ ସିଡାଙ୍କ ନିକଟରୁ ହାରିଯାଇଥିଲେ । ଭାରତ ୧୯୫୭, ୨୦୧୪ ଓ ୨୦୧୬ ଉବେର କପ ସେମିଫାଇନାଲରେ ପ୍ରବେଶ କରିଥିଲା ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି